

**ସିଏସକେକୁ ଲାଗିଲା ବଡ଼ ଝଟ୍କା ସିଜିନ୍‌ରୁ ବାଦ୍ ପଡ଼ିଲେ ଆୟୁଷ ମହାତେ**

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୮୨ • ୨୨ ଅପ୍ରେଲ ୨୦୨୬ ବୁଧବାର • ଭୁବନେଶ୍ୱର • Vol -33 • Issue-82 • 22nd April 2026, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ପ୍ଲାନେଟୋରିୟମ୍, ସାଇନ୍ସ ସେଣ୍ଟର ସମେତ ଅନେକ ପ୍ରକଳ୍ପ ଉଦ୍‌ଘାଟିତ

# ବିକଶିତ ଓଡ଼ିଶା ଓ ଭାରତ ଗଠନ ପାଇଁ ପ୍ରତ୍ୟେକ ଶ୍ରେଣୀର ଭାଗିଦାରୀ ଜରୁରୀ

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିନିକିଆ ଓଡ଼ିଶା ଗସ୍ତରେ ଆସି ମଙ୍ଗଳବାର ରାଉରକେଲାରେ ଆୟୋଜିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ପ୍ଲାନେଟୋରିୟମ୍, ସାଇନ୍ସ ସେଣ୍ଟର ଏବଂ ନିର୍ମଳ ମୁଣ୍ଡା ପରିବେଶ ପଥର ଉଦ୍‌ଘାଟନ କରିଛନ୍ତି। ଏହା ପରେ ସେ ଟ୍ରାଇବାଲ ମ୍ୟୁଜିୟମ୍ ଓ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରର ମଧ୍ୟ ଉଦ୍‌ଘାଟନ କରିଛନ୍ତି।



ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକସଂସ୍କୃତି ଓ ଐତିହ୍ୟ ଅତ୍ୟନ୍ତ ଆକର୍ଷଣୀୟ। ଏଠାର ଘନ ଜଙ୍ଗଲ, ପର୍ବତ, ଝରଣା ଓ ନଦୀମାନେ ଏହାର ବିଶେଷ ପରିଚୟ। ସେ କହିଛନ୍ତି ଯେ ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ସମୃଦ୍ଧିକୁ ଆହୁରି ସମୃଦ୍ଧ କରିଛି ଏବଂ ଏହି ଅଞ୍ଚଳର ବୀରମାନେ ଓ କ୍ରୀଡ଼ା ପ୍ରତିଭାମାନଙ୍କ ଭୂମି ଭାବେ ପରିଚିତ।

ରାଷ୍ଟ୍ରପତି କହିଛନ୍ତି ଯେ ରୋଜଗାର ଓ ଜୀବିକା ପାଇଁ ଦେଶର ବିଭିନ୍ନ ଅଞ୍ଚଳରୁ ବିଶେଷକରି ଓଡ଼ିଶାରୁ ଲୋକମାନେ ରାଉରକେଲାରେ ବସବାସ କରୁଛନ୍ତି। ଏହି ସହରଟି ଏକ ବହୁ ସାଂସ୍କୃତିକ କେନ୍ଦ୍ର ଭାବେ ଉଭାବିତ ହୋଇ ଓଡ଼ିଶାର କଳା, ସାହିତ୍ୟ, ଜନଜାତୀୟ ପରମ୍ପରା ଓ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଅଗ୍ରଗାମୀ ଭୂମିକା ନେଉଛି।

ସେ କହିଛନ୍ତି ଯେ ରାଷ୍ଟ୍ରର ସମଗ୍ର ବିକାଶ ସେତେବେଳେ ସମ୍ଭବ ଯେତେବେଳେ ସମାଜର ପ୍ରତ୍ୟେକ ଶ୍ରେଣୀର ବିକାଶ ନିଶ୍ଚିତ ହେବ। ଏହି ଦୃଷ୍ଟିକୋଣ ସହିତ କେନ୍ଦ୍ର ଓ ରାଜ୍ୟ ସରକାର ଜନଜାତୀୟ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଚଳାଉଛନ୍ତି, ଯାହା ଫଳରେ ସୁନ୍ଦରଗଡ଼ ପରି ଜନଜାତୀୟ ଅଞ୍ଚଳରେ ବିକାଶର ଗତି ବଢ଼ୁଛି ଏବଂ ସମୁଦାୟମାନଙ୍କ ଆର୍ଥିକ ସଶକ୍ତିକରଣକୁ ପ୍ରାଥମିକତା ଦିଆଯାଉଛି।

ରାଷ୍ଟ୍ରପତି ଲୋକ (ପୃଷ୍ଠା ୭ରେ)

## ସିଙ୍ଗଲ ୱିଣ୍ଡୋ'ରେ ୧୮ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

# ନିବେଶ ହେବ ୩୮୭୭ କୋଟି : ୭୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସ୍ତରୀୟ ସିଙ୍ଗଲ୍ ଉଇଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁସିଏ)ର ୧୪୬ ତମ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋଟ ୩୮୭୭.୧୪ କୋଟି ନିବେଶ ଲକ୍ଷ୍ୟ ରଖୁଥିବା ୧୮ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପଗୁଡିକ ବାଲେଶ୍ୱର, ଦେବଗଡ଼, ଗଞ୍ଜାମ, ଯାଜପୁର, ଝରସୁଗୁଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଭଳି ୧୧ଟି ଜିଲ୍ଲାରେ ୭୫୬୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଆଶା କରାଯାଉଛି । ଏହି ବୈଠକରେ ଅନୁମୋଦନ ମିଳିଥିବା ପ୍ରକଳ୍ପଗୁଡ଼ିକ ଉନ୍ନତ ଉତ୍ପାଦନ, ସବୁଜ ଶିଳ୍ପ, ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଏବଂ ପର୍ଯ୍ୟଟନ ଇକୋ ସିଷ୍ଟମ ସହିତ ଜଡ଼ିତ ରହିଛି ଯାହାକି, ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ନିଯୁକ୍ତି ସୃଷ୍ଟିକୁ ସୁନିଶ୍ଚିତ କରିବ।



ଧାତୁ, ଇସ୍ପାତ ଏବଂ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଧାତୁ ଏବଂ ମୂଲ୍ୟଯୁକ୍ତ ଉତ୍ପାଦକୁ ସୁଦୃଢ଼ କରିବାକୁ, ରୁନାୟା ଏକ୍ସାର୍ଟ ଆଲୁମିନିୟମ ପାଉଡର ପ୍ରାଇଭେଟ୍ ଲିମିଟେଡ୍ ଏକ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଉତ୍ପାଦନ ସୁବିଧା ସ୍ଥାପନ କରିବ, ଯାହା ଉନ୍ନତ ପଦାର୍ଥ ଉତ୍ପାଦନ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ମୂଲ୍ୟଯୁକ୍ତ ଉତ୍ପାଦକୁ ପ୍ରୋତ୍ସାହନ ଦେବ । ଏହି ପ୍ରକଳ୍ପ ଝାରସୁଗୁଡ଼ା ଜିଲ୍ଲାରେ ୩୦୦ କୋଟି ଟଙ୍କା ନିବେଶରେ ୫୦୦ ନିଯୁକ୍ତି ସୃଷ୍ଟି କରିବ ।

ଧାତବ ଇକୋ ସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ, ସ୍କାନ ଷ୍ଟିଲ୍ସ ଲିମିଟେଡ୍, ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିଃ. ଏବଂ ଏସ୍ ଏସ୍ ଆଲୁଫଏଲ୍ସ ଲିମିଟେଡ୍ ଇସ୍ପାତ, ଲୌହ ଏବଂ ଫେରୋ-ଆଲଏଜ ଉତ୍ପାଦନ କ୍ଷମତା ବୃଦ୍ଧି କରିବେ, ଯାହା ଓଡ଼ିଶାକୁ ଭାରତର ପ୍ରମୁଖ ଧାତୁ ଉତ୍ପାଦନ କେନ୍ଦ୍ର ଭାବେ ସୁଦୃଢ କରିବା ସହିତ ଶିଳ୍ପ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ । ଏହି ପ୍ରକଳ୍ପ ସୁନ୍ଦରଗଡ଼ ଜିଲ୍ଲାରେ ୫୦୩.୬୮ କୋଟି ଟଙ୍କା ନିବେଶରେ ୫୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି। ସୋଲାର ଇଣ୍ଡଷ୍ଟ୍ରିଜ୍ ଇଣ୍ଡିଆ ଲିମିଟେଡ୍ ଝାରସୁଗୁଡାରେ ଏକ ବିସ୍ଫୋରକ ଉତ୍ପାଦନ ସୁବିଧା ସ୍ଥାପନ କରିବ । ଏହି ପ୍ରକଳ୍ପ ଦ୍ୱାରା ଦେବଗଡ ଜିଲ୍ଲାରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଜାପାନରେ ୮.୦ ତୀବ୍ରତାର ଭୂକମ୍ପ ଆଲର୍ଟ
- କୃଷକମାନଙ୍କ ପାଇଁ ନୂତନ ଯୋଜନା ଆରମ୍ଭ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ।
- ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ଜାରି କରିଛି ସତର୍କ ସୂଚନା।
- ପୁରୀରେ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଥିବାରୁ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିଛି।
- ବିଦ୍ୟୁତ ସମସ୍ୟା ସମାଧାନ ପାଇଁ ରାଜ୍ୟରେ ନୂତନ କୌଶଳ ତିଆରି ହେଉଛି।
- କଟକରେ ଅଗ୍ନିକାଣ୍ଡ ଘଟଣାରୁ ଅଞ୍ଚଳରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି।
- ମହିଳା ସୁରକ୍ଷା ପାଇଁ ପୁଲିସ ବିଶେଷ ଅଭିଯାନ ଆରମ୍ଭ କରିଛି।
- ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାରୁ ପ୍ରଶାସନ ସତର୍କ ହୋଇଛି।
- ରାଜ୍ୟର କ୍ରୀଡ଼ାବିତ୍‌ମାନେ ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି।
- ଗଞ୍ଜାମ ଜିଲ୍ଲାରେ ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୫୨୯ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୩୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୪୭ (+୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୫ (-୧୦)

# ଦେଶସେବା ହିଁ ବିକଶିତ ଭାରତର ମୂଳଦୁଆ

**ନୂଆଦିଲ୍ଲୀ, ୨୧ା୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଭିଲ ସେବା ଦିବସରେ ଦେଶର ସିଭିଲ ସେବକମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ 'ବିକଶିତ ଭାରତ' ପାଇଁ ରାଷ୍ଟ୍ରସେବା ଏକ ମଜଭୁତ ଭିତ୍ତି। ସେ କହିଛନ୍ତି ଯେ ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ଉନ୍ନତି ପହଞ୍ଚାଇବା ହିଁ ଏକ ସଶକ୍ତ, ସମୃଦ୍ଧ ଏବଂ ସମ୍ବେଦନଶୀଳ ଭାରତ ଗଠନର ଆଧାର।



ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ଏକ୍ସ'ରେ ତାଙ୍କ ବାର୍ତ୍ତାରେ ଏକ ସୁଭାଷିତ ସେୟାର କରି ସିଭିଲ ସେବକମାନଙ୍କୁ ତାଙ୍କ କର୍ତ୍ତବ୍ୟ ଓ ମୂଲ୍ୟବୋଧର ସ୍ମରଣ କରାଇଛନ୍ତି। ସେ ଲେଖିଛନ୍ତି, "ଶୀଳଂ ପରହିତାସକ୍ତିଃ ଅନୁତ୍ସେକଃ କ୍ଷମା ଧୃତିଃ। ଅଲୋଭଶ୍ଚେତି ବିଦ୍ୟାୟାଃ ପରିପାକୋଜ୍ଜ୍ୱଳଂ ଫଳମ୍?" ଏହି ସୁଭାଷିତର ଅର୍ଥ ହେଉଛି ଯେ ସତ୍ୟ ବିଦ୍ୟାର ପକ୍କା ଫଳ ହେଉଛି ଭଲ ଚରିତ୍ର, ପରହିତ ଭାବନା, ଅହଂକାରର ଅଭାବ, କ୍ଷମା, ଧୈର୍ଯ୍ୟ ଓ ଲୋଭରୁ ଦୂର ରହିବା।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଗୁଣଗୁଡ଼ିକ ହିଁ ଏକ ଆଦର୍ଶ ସିଭିଲ ସେବକଙ୍କ ପରିଚୟ ଓ ଏହି ମୂଲ୍ୟବୋଧର ଆଧାରରେ ଦେଶକୁ ଆଗକୁ ବଢ଼ାଯାଇପାରିବ। ସେ ସମସ୍ତ ସିଭିଲ ସେବକଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ ଜନସେବାକୁ (ପୃଷ୍ଠା ୭ରେ)

# ପ୍ରଦୂଷଣ କମ୍ କରିବା ସରକାରଙ୍କ ପ୍ରାଥମିକତା

**ନୂଆଦିଲ୍ଲୀ, ୨୧ା୪**

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ମଙ୍ଗଳବାର ଦିନ କହିଛନ୍ତି ଯେ ଦେଶର ପରିବହନ ପରିସ୍ଥିତିର ତନ୍ତ୍ର ଆଧୁନିକ, ସୁରକ୍ଷିତ ଏବଂ ସ୍ଥିର ବନାଇବା ଦିଗରେ ସରକାର ତୀବ୍ର କାମ କରୁଛି। ସରକାରଙ୍କ ଉଦ୍ଦେଶ୍ୟ ଆମଦାନୀ କମ୍ କରିବା, ଶସ୍ତା ଏବଂ ପ୍ରଦୂଷଣ ମୁକ୍ତ ପରିବହନ ଉପଲବ୍ଧ କରିବା ତଥା ଏହାକୁ ସ୍ୱଦେଶୀ ବନାଇବା।



ଗଡ଼କରୀ ଏଠାରେ ଇଣ୍ଡିଆ ହ୍ୟାବିଟାଟ୍ ସେଣ୍ଟରରେ ଇଣ୍ଡିୟାନ ଫେଡେରେଶନ ଅଫ୍ ଗ୍ରୀନ୍ ଏନର୍ଜି (ଆଇଏଫ୍‌ଜିଇ)ର ଗ୍ରୀନ୍ ଟ୍ରାନ୍ସପୋର୍ଟ କନ୍‌କ୍ଲେଭ: ସଷ୍ଟେନେବଲ ଏବଂ ଗ୍ରୀନ୍ ମୋବିଲିଟିର ଭବିଷ୍ୟତ ଆଡ଼କୁ ତୀବ୍ର କାର୍ଯ୍ୟକ୍ରମରେ କହିଛନ୍ତି ଯେ ଆଜି ଦେଶରେ ମୋଟ୍ ଇନ୍ଧନର ଆବଶ୍ୟକତାର ୮୭ ପ୍ରତିଶତ ଆୟତ୍ତ କରାଯାଏ, ଯାହାର ମୂଲ୍ୟ ପ୍ରାୟ ୨୨ ଲକ୍ଷ କୋଟି ଟଙ୍କା। ପଶ୍ଚିମ ଏସିଆ ସଂକଟରେ ଏହି ଆମଦାନୀ ଉପରେ ନିର୍ଭରତାର ପରିଣାମ ଦେଶକୁ ଭୋଗିବାକୁ ପଡୁଛି। ଆତ୍ମନିର୍ଭର ବନାଇବା ସବୁଠାରୁ ବଡ଼ ଉଦ୍ଦେଶ୍ୟ ଅଛି। ନୂଆ ଟେକ୍‌ନିକ ଆସିବାରୁ ପୁରୁଣା ଉଦ୍ୟୋଗରେ ଅସୁରକ୍ଷାର ଭାବନା ସୃଷ୍ଟି ହୁଏ, ଏହାପରେ ବି (ପୃଷ୍ଠା ୭ରେ)

# ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କଲେ ରାଜ୍ୟ ସରକାର

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହି ବୋର୍ଡର ଅଧ୍ୟକ୍ଷ ରହିବେ ମୁଖ୍ୟ ଶାସନ ସଚିବ । ରାଜ୍ୟ ସାମାଜିକ ସଶକ୍ତିକରଣ ଓ ଭିନ୍ନକ୍ଷମ ବିଭାଗର ସଚିବ ଏହାର ଉପାଧ୍ୟକ୍ଷ ରହିବେ। ଏହି ବିଭାଗର ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ସେହିପରି ବୋର୍ଡର ସଦସ୍ୟ ଭାବେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ବିଭାଗର ଅତିରିକ୍ତ ସଚିବ ସଦସ୍ୟ ରହିବେ।

ସେହିଭଳି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ପଞ୍ଚାୟତ ରାଜ୍ ଓ ପାନୀୟ ଜଳ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଦ୍ୟାଳୟ (ପୃଷ୍ଠା ୭ରେ)

# ଜେଇଇ (ମେନ୍) ୨୦୨୬ ସେସନ୍-୨ରେ ଓଏଭି ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଛାତ୍ରଛାତ୍ରୀମାନେ ଜଏଣ୍ଟ ଏଣ୍ଟ୍ରାନ୍ସ ପରୀକ୍ଷା (ଜେଇଇ) ମେନ୍ ୨୦୨୬ (ସେସନ୍-୨)ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ସହ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ବିଭିନ୍ନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମୋଟ ୧୪୧ ଜଣ ଛାତ୍ରଛାତ୍ରୀ ଜେଇଇ (ଏଡଭାନ୍ସଡ୍) ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି, ଯାହା ଏହି ଶିକ୍ଷାନୁଷ୍ଠାନ ପାଇଁ ଏକ ବଡ଼ ସଫଳତା। ଶୀର୍ଷ ସଫଳତା ପାଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ପୀୟୂଷ ରଞ୍ଜନ ସ୍ୱାଇଁ ୯୯.୮୯ ପ୍ରତିଶତ ରଖି ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ୭ ଜଣ ଛାତ୍ରଛାତ୍ରୀ ୯୯ ପ୍ରତିଶତରୁ ଅଧିକ, ୩୪ ଜଣ ୯୫ ପ୍ରତିଶତରୁ ଅଧିକ ଏବଂ ୬୩ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି।

ଏହି ଉଲ୍ଲେଖନୀୟ ସଫଳତା ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟ, ନିଷ୍ଠା, ଶୃଙ୍ଖଳା ଓ କଠିନ ପରିଶ୍ରମ ସହିତ ଓଡ଼ିଶାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଏବଂ ପରାମର୍ଶଦାତାଙ୍କ ନିରନ୍ତର ପ୍ରଚେଷ୍ଟାକୁ ପ୍ରତିଫଳିତ କରୁଛି। ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷା (ପୃଷ୍ଠା ୭ରେ)

# ଆଜି କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ବୁଧବାର ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ନେଇ ନିର୍ଦ୍ଧାରିତ ହୋଇଛି। ଏହି ବୈଠକରେ ବିଭିନ୍ନ ବିଭାଗ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ପୂର୍ବକ ଅନୁମୋଦନ ମିଳିପାରେ ବୋଲି ସୂଚନା ମିଳିଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ସଚିବ ପ୍ରମୁଖ ଉପସ୍ଥିତ ରହିବେ। ତେବେ ବୁଧବାର ଅନୁଷ୍ଠିତ ହେବାକୁ ଥିବା କ୍ୟାବିନେଟ ବୈଠକରେ ମୋଟ ୧୨ଟି ପ୍ରସ୍ତାବ ଉପରେ ଆଲୋଚନା ହେବାକୁ ରହିଥିବା ଜଣାପଡ଼ିଛି।

# ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ : ୧୨ ମୃତ

**ତ୍ରିଶୂରର,୨୧ା୪**

ତ୍ରିଶୂରରୁ ୩୦ କିଲୋମିଟର ଦୂରରେ ଥିବା ମୁଣ୍ଡଥିକୋଡେରେ ଏକ ବାଣ ତିଆରି ଉତ୍ପାଦନ ୟୁନିଟ୍‌ରେ ଏକ ଭୟଙ୍କର ବିସ୍ଫୋରଣ ଘଟି ଅତି କମ୍‌ରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ଯେଉଁଠାରେ ଆଗାମୀ ତ୍ରିଶୂର ପୁରମର ତିରୁଭମ୍ବାଡି ସେକ୍ସନ ପାଇଁ ପ୍ରସ୍ତୁତି ଚାଲିଥିଲା ।



ତ୍ରିଶୂର ମେଡିକାଲ କଲେଜର ହସ୍ପିଟାଲ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ, ଜରୁରୀକାଳୀନ ଚିକିତ୍ସା ସମୟରେ ତିନି ଜଣ ଗୁରୁତର ଆହତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ୪୦ ଜଣ ଆହତ ଶ୍ରମିକଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟଜନକ ହୋଇଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କର୍ତ୍ତୃପକ୍ଷ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି । କାରଣ ୪୦ ଜଣ ଆହତ ଶ୍ରମିକଙ୍କ ମଧ୍ୟରୁ ଅନେକ ଜୀବନ ପ୍ରତି ବିପଦପୂର୍ଣ୍ଣ ଆଘାତ ପାଇଥିବା ବେଳେ ଗୁରୁତର ଭାବେ ଜଳିଯିବା ସହ ଅତ୍ୟନ୍ତ ସଙ୍କଟଜନକ ଅବସ୍ଥାରେ ଅଛନ୍ତି ।

ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏପରିକି ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଅସାଧାରଣ ଭାବେ କଷ୍ଟକର ଏବଂ ବିପଜ୍ଜନକ ପ୍ରମାଣିତ ହେଉଛି। ଏପରିକି ସମ୍ପୃକ୍ତ ଘର ମଧ୍ୟରେ ରହି ରହି ବିସ୍ଫୋରଣ ହେଉଥିବାରୁ (ପୃଷ୍ଠା ୭ରେ)

## ଏକାଳ ପଖାଳ



ଖରା କରୁଥାଏ କଲବଲ ଆଉ
ତଣ୍ଟି ପାଟି ଯାଏ ଶୁଖି
ହଳଦିଆ ନାଲି ଚେତାବନୀ ଲାଗେ
ଯମ କି ଦେଉଛି ଡାକି
ଷ୍ଟାଇଲି ପାଇଁକି ନିଜକୁ ଫାଙ୍କି
ଛତା, ଗାମୁଛା, ପାଣି ନ ଧରିଲେ
ହସ୍ପିଟାଲରେ ଦେଖାଦେଖି।

# 'ଯୁଦ୍ଧବିରତି ଉଲ୍ଲଂଘନ କଲେ ଉପଯୁକ୍ତ ଜବାବ ଦେବୁ...'



**ତେହେରାନ, ୨୧ା୪**

ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଇରାନ ଏବଂ ଆମେରିକା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପୁଣିଥରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ପକ୍ଷ ଦ୍ୱାରା ଗ୍ରହଣ କରାଯାଇଥିବା କଠୋର ମନୋଭାବ ସୂଚାଇ ଦେଉଛି ଯେ ଏହି ଅସ୍ତ୍ରବିରତି ଅଧିକ ଦିନ ପର୍ଯ୍ୟନ୍ତ ରହିବାର ସମ୍ଭାବନା କମ୍। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇରାନ ସହିତ ସିଧାସଳଖ ଆଲୋଚନା କରିବାକୁ ତାଙ୍କର ଅଭିପ୍ରାୟ ପ୍ରକାଶ କରିଛନ୍ତି। ଏହି ସମୟରେ, ଇରାନ ସେନା ସ୍ପଷ୍ଟ କରିଛି ଯେ ଏହା ଯେକୌଣସି ଆକ୍ରମଣର ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଇରାନ ଦୃଢ଼ ଭାବରେ କହିଛି ଯେ ଶତ୍ରୁପକ୍ଷର କୌଣସି ଧମକ ଏହା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ଏବଂ ଏହା ପୂର୍ଣ୍ଣ ବଳରେ ଜବାବ ଦେବ ।

ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟର କମାଣ୍ଡର ମେଜର ଜେନେରାଲ ଅଲି ଅବଦୋଲ୍ଲାହି ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ ପ୍ରତିଷ୍ଠା ବାର୍ଷିକୀ ଅବସରରେ ଏକ ବିବୃତି ଜାରି କରିଛନ୍ତି। ସେ କହିଛନ୍ତି ଯେ ଆଜି, ଇରାନର ସାହସୀ ଲୋକମାନେ ଆଇଆରଜିସି ଏବଂ ଜାତିକୁ ରକ୍ଷା କରୁଥିବା ଅନ୍ୟାନ୍ୟ ବାହିନୀର ଶକ୍ତି, ପ୍ରସ୍ତୁତି ଏବଂ ବ୍ୟାପକ ରଣନୈତିକ କ୍ଷମତା ଉପରେ ଗର୍ବ (ପୃଷ୍ଠା ୭ରେ)

# ଜଳୁଛି ପଶ୍ଚିମ ଓଡ଼ିଶା : ୫ ଦିନ ଯାଏଁ ତାତିରୁ ମିଳିବନି ତ୍ରାହି

**ଭୁବନେଶ୍ୱର,୨୧ା୪**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ପ୍ରବଳ ଖରା ସହ ଜଳୁଛି ପଶ୍ଚିମରୁ ଉପକୂଳ। ୨୫ ଯାଏଁ ତାତିରୁ ତ୍ରାହି ନଥିବା ବେଳେ ଡରାଇବ କାଳବୈଶାଖୀ। ଆସନ୍ତା ୨୪ ଘଣ୍ଟାରେ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାରେ ପ୍ରବଳ ଖରା ଗରମ ଓ ଗୁଳୁଗୁଳିକୁ ନେଇ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଗଂଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ପାଇଁ ସତର୍କତା ଜାରି କରାଯାଇଛି। ସେହିପରି ରାଜ୍ୟରେ କାଳବୈଶାଖୀର ପ୍ରଭାବ ୫ ଦିନ ଯାଏ ଥିବା ବେଳେ ଝାରସୁଗୁଡ଼ା ବରଗଡ଼ ସମ୍ବଲପୁର ଦେଓଗଡ଼ ଓ ସମ୍ବଲପୁରକୁ ବାଦ୍ ଦେଇ ଅବଶିଷ୍ଟ ୨୫ ଜିଲ୍ଲାକୁ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରୀ ହୋଇଛି ।



ବୁଧବାର ୧୧ ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରୀ ହୋଇଛି। ୧୧ ଜିଲ୍ଲା ସମେତ ମାଲକାନଗିରି, କୋରାପୁଟ, ରାୟଗଡ଼ା ମୟୂରଭଞ୍ଜ ଓ କେନ୍ଦୁଝର ଏହି ୧୬ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୨୩ରୁ ଖରା ଓ ଗରମ ବଢିବା ସହ ବଲାଙ୍ଗୀର ଅନୁଗୁଳ ଓ ଝାରସୁଗୁଡ଼ା ଏହି ୩ ଜିଲ୍ଲାକୁ (ପୃଷ୍ଠା ୭ରେ)





# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଓଡ଼ିଶା-ଛତିଶଗଡ଼ ପ୍ରଶାସନର ମିଳିତ ରଣନୀତି: ଶିଳ୍ପ ସଂସ୍ଥା ଓ ପରିବହନ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ

**ଝାରସୁଗୁଡ଼ା,ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅନୁଭୂତ ହେଉଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ସଂସ୍ଥା, ମାଇନିଂ ବେଲ୍ଟ ଏବଂ ପରିବହନ କରିଡରରେ ଶ୍ରମିକ ଓ ଚାଳକମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଏକ ବ୍ୟାପକ ପ୍ରଶାସନିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଉଭୟ ରାଜ୍ୟ ମଧ୍ୟରେ ସୂଚନା ଆଦାନ ପ୍ରଦାନ ଓ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ଶିଳ୍ପାଞ୍ଚଳ ଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ଦୁଇ ରାଜ୍ୟ ମଧ୍ୟରେ ମାଲବାହୀ ଯାନ ନେଇ ଯାତାୟାତ କରୁଥିବା ଚାଳକମାନଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଏକ ପୂର୍ଣ୍ଣାଙ୍ଗ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି।ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣ ବିଶେଷ କରି ୪୯ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟାତ କରୁଥିବା ଟ୍ରକ ଚାଳକ ଏବଂ ହେଲପରମାନଙ୍କ ସୁରକ୍ଷା ପାଇଁ ମଧ୍ୟ ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଭାସୀ ମାଧ୍ୟମରେ ଯୋଗଦେଇ ସ୍ଥିତିର ସମୀକ୍ଷା କରିବା ସହିତ କହିଥିଲେ ଯେ, ୪୯ ନମ୍ବର ଜାତୀୟ ରାଜପଥ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଂଚଳ ହୋଇଥିବାରୁ ଏଠାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯେପରି କୌଣସି ଜୀବନହାନି ନହୁଏ, ତାହା ନିଶ୍ଚିତ କରିବା ପୋଲିସ ଓ ପ୍ରଶାସନର ମୁଖ୍ୟ ଦାୟିତ୍ୱ। ବିଶେଷ କରି ପୂର୍ବାହ୍ନ ୧୧ଟା ପରେ ଏହି ମାର୍ଗରେ ସୁରକ୍ଷା ବ୍ୟବସ୍ଥା ଓ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସେ ଏକ ସ୍ୱତନ୍ତ୍ର ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ସିନଟେକ୍ସ ଟାଙ୍କି ଏବଂ ପାନୀୟ ଜଳର ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ ମୟଙ୍କ ଚତୁର୍ବେଦୀ, ଏମ.ସି.ଏଲ୍ ର ସିଏମଡି ଉଦୟ ଏ. କାଓଲେ (ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ) ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ଏବଂ ଗ୍ରୀଷ୍ମ ପ୍ରବାହ ଅଞ୍ଚଳରେ ବିଶେଷ ନଜର ରଖାଯାଇଛି। ସେହିପରି ରାୟଗଡା ଜିଲ୍ଲାପାଳ ଶ୍ରୀ ଚତୁର୍ବେଦୀ ଚାଳକମାନଙ୍କ ସଚେତନତା ଓ ସୁରକ୍ଷା କରିଡର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଏନଏଚଏଆଇ ଏବଂ ପିଡବ୍ଲୁଡି ବିଭାଗ ସହାୟତାରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ ସାଇନ ବୋର୍ଡ ଲଗାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ, ଗ୍ରୀଷ୍ମ ପ୍ରବାହର ମୁକାବିଲା ଏବଂ ଚାଳକମାନଙ୍କ ସୁରକ୍ଷା ପାଇଁ ଏହି ସମନ୍ୱୟ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏପ୍ରିଲ ଏବଂ ମେ ମାସରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନନ୍-ଏସି ପରିବହନ ଯାନ ଚଳାଚଳ ଉପରେ କଟକଣା ଲଗାଯିବା ସହ ଶ୍ରମିକମାନଙ୍କ ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲା ସ୍ଥାନରେ କାର୍ଯ୍ୟ କରିବାକୁ ନିଷେଧ କରାଯାଇଛି। ପରିବହନ ଯାନଗୁଡ଼ିକର କ୍ରୁ-କ୍ୟାବିନକୁ ଏସିରେ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଓ ହାଇଡ୍ରେସନ କିଓସ୍କ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଗୋବିନ୍ଦପୁର ଟୋଲ୍ ପ୍ଲାଜା ନିକଟରେ ମୋବାଇଲ୍ ୱାଟର କିଓସ୍କ ବ୍ୟବସ୍ଥା କରାଯିବ। ଟ୍ରକ ପାର୍କିଂ ଅଂଚଳରେ ପର୍ଯ୍ୟାପ୍ତ ଛାଇ, ପାନୀୟ ଜଳ, ବିଶ୍ରାମ କକ୍ଷ ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଶିଳ୍ପ ଓ ପରିବହନ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଏହା ବ୍ୟତୀତ, ରାସ୍ତାରେ ୱାଟର ସ୍ପ୍ରିଙ୍କଲର ବ୍ୟବହାର ଏବଂ ଜରୁରୀକାଳୀନ ସ୍ଥିତି ପାଇଁ ୪୯ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଆମ୍ବୁଲାନ୍ସ ମୁତୟନ କରିବାକୁ ନିଷ୍ପତି ହୋଇଛି। ମଣିଷଙ୍କ ସହ ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳକୁଣ୍ଡର ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଚାଳକମାନଙ୍କ ସୁରକ୍ଷା ପାଇଁ ଯାନବାହନ ବୀମା ସହିତ ସେମାନଙ୍କ ଜୀବନ ବୀମାକୁ ସଂଯୋଗ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଓ.ଆର.ଏସ. ରଖିବା ପାଇଁ ମଧ୍ୟ ମେଡିକାଲ ଟିମ୍ କୁ କୁହାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର, ଉଭୟ ଜିଲ୍ଲାର ଶ୍ରମ ଅଧିକାରୀ ଏବଂ ଆଂଚଳିକ ପରିବହନ ଅଧିକାରୀମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏହି ବୈଠକରେ ଆଲୋଚନା କରାଯାଇଥିଲା।

# ମାଲକାନଗିରିରେ ଶିକ୍ଷାର ବିକାଶ ପାଇଁ ଜିଲ୍ଲାପାଳଙ୍କ ମାଷ୍ଟର ପ୍ଲାନ୍

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳିବ ଉଚ୍ଚକୋଟୀର ଶିକ୍ଷା ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗ। ଶିକ୍ଷାର ମାନ ବୃଦ୍ଧି ଏବଂ ଭିତିଭୂମିର କାୟାକଳ୍ପ ପାଇଁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସ୍ଥାନୀୟ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବା ସହ ସେଠାକାର ଶିକ୍ଷାଦାନ ପଦ୍ଧତି ଓ ବିଦ୍ୟାଳୟର ସାମଗ୍ରିକ ସ୍ଥିତିର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଏବଂ ରୂପାନ୍ତରଣ ପାଇଁ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଂଟ ବା କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ସେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ନିଜ ପରିଦର୍ଶନ ସମୟରେ ବିଦ୍ୟାଳୟର ପ୍ରତିଟି ବିଭାଗକୁ ବୁଲି ଦେଖିବା ସହ ପିଲାମାନେ କିଭଳି ପାରମ୍ପରିକ ପଦ୍ଧତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ତଥା ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦେଇଛନ୍ତି। ପାଠପଢ଼ାର ମାନକୁ କିଭଳି ଜାତୀୟ ସ୍ତରର ବିଦ୍ୟାଳୟ ସହ ସମାନ କରାଯାଇପାରିବ, ସେ ନେଇ ଜିଲ୍ଲାପାଳ ଉପସ୍ଥିତ ଅଧିକାରୀ ଓ ଶିକ୍ଷକମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ଆବାସିକ ସୁବିଧା, ପାନୀୟ ଜଳ, ପରିମଳ ଏବଂ କ୍ରୀଡ଼ା ଭିତିଭୂମିର ଉନ୍ନତି ପାଇଁ ସେ ପ୍ରକଳ୍ପ ପ୍ରଶାସକଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା କାଳରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ଉପସ୍ଥିତ ରହି ବିଦ୍ୟାଳୟର ସମ୍ପ୍ରସାରଣ ଓ ଆବଶ୍ୟକୀୟ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପିଲାମାନଙ୍କ ମଧ୍ୟରେ ଥିବା ସୃଜନଶୀଳ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଅଂଚଳର ଏହି ଶିକ୍ଷାନୁଷ୍ଠାନକୁ ଜିଲ୍ଲାର ଏକ ମଡେଲ ସ୍କୁଲ ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ଆର୍ଥିକ ଓ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ରମ୍ଭା ଗାୟତ୍ରୀ ଶକ୍ତିପୀଠରେ ବ୍ରହ୍ମପୁର ଉପଜୋନ ସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ରମ୍ଭା, ନ୍ୟୁଜ ବ୍ୟୁରୋ**



ରମ୍ଭା ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ଦ୍ୱାରା ଆୟୋଜିତ ବ୍ରହ୍ମପୁର ଉପଜୋନ ସ୍ତରୀୟ କାର୍ଯ୍ୟକର୍ତ୍ତା ଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ, ଗଜପତି, ରାୟଗଡା ଓ ଫୁଲବାଣୀ ଜିଲ୍ଲାକୁ ନେଇ ଗଠିତ ବ୍ରହ୍ମପୁର ଉପଯୋନର ସଂଯୋଜକ ପ୍ରାକ୍ତନ ପ୍ରଫେସର ଡ଼. ବୃନ୍ଦାବନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗୋଷ୍ଠୀରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ କାର୍ଯ୍ୟକର୍ତ୍ତା ମଙ୍ଗଲ ସିଂ ଗଡ଼ୱାଲ, ସମ୍ମାନୀତ ଅତିଥିଭାବେ ଏନ. ପି. ସିଂ, ଭୁବନେଶ୍ୱର ଜୋନ ସଂଯୋଜକ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ଓଡିଶା ପ୍ରଭାରୀ ଶେଷଦେବ ବଢ଼େଇ, ଅନ୍ୟତମ ବକ୍ତାଭାବେ ଓଡ଼ିଶା ଜୋନ ପ୍ରଭାରୀ ସୌମିତ୍ରୀ ଥାନପତି ଯୋଗଦେଇ ପରମ ପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଏବଂ ବନ୍ଦନୀୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ଦ୍ୱାରା ସ୍ଥାପିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରରେ ପରିଜନଙ୍କ ଦ୍ୱାରା ସ୍ୱସ୍ୱକ୍ଷେତ୍ରରେ ଯୁଗ ପରିବର୍ତ୍ତନର ଘଡ଼ିସନ୍ଧିରେ କରାଯାଉଥିବା ଆଧାତ୍ମିକ, ସାମାଜିକ, ସାଂସ୍କୃତିକ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରକୃତି ଓ ପରିବେଶ ସର୍ବୋପରି ମାନବ କଲ୍ୟାଣକାରୀ ବିଶ୍ୱ ସ୍ତରୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସର୍ବପ୍ରଥମେ ଗୁରୁପୂଜନ ସହ ଗୁରୁବନ୍ଦନା କରାଯିବାପରେ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା। କରୋନା ସମୟରୁ ଏଯାବତ ଗାୟତ୍ରୀ ପରିବାରର ବରିଷ୍ଠ ଦିବଂଗତ ପରିଜନଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରି ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଏବଂ ପ୍ରଶଂସା ପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ନାଳରୁ ବାଲି ଚୋରା ଚାଲାଣକୁ ନେଇ ଅସନ୍ତୋଷ ତେଜୁଛି

**ଚମ୍ପୁଆ,ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଭୂଇଁପୁର ଗ୍ରାମପଂଚାୟତ ଅନ୍ତର୍ଗତ ମେମେର୍ଦା ନାଳ ବାଲି ମାଫିଆଙ୍କ ଚରା ଭୂଇଁ ପାଲଟିଛି। ଭୂଇଁପୁର ଶିବ ମନ୍ଦିର ବାଲିଘାଟ ଠାରୁ ଆରମ୍ଭ କରି ରାଉତରାପୁର ଭଙ୍ଗାପୋଲ (ହାତୀମିନାର) ବାଲିଘାଟ ପର୍ଯ୍ୟନ୍ତ ଅଂଚଳ ଏବେ ମାଫିଆଙ୍କ କବଜାରେ। ଦିନରାତି ଶହ ଶହ ଟ୍ରାକ୍ଟରରେ ବେଧଡ଼କ ଚୋରା ବାଲି ଚାଲାଣ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଜାଳିଗ୍ରାମ, ବର୍ଦ୍ଧନା, ଭରତିଆ ସାହି ଏବଂ ରାଉତରାପୁର ଗ୍ରାମର ଅନେକ ଟ୍ରାକ୍ଟର ଏହି ବେଆଇନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଏହି ଘାଟ ଗୁଡ଼ିକରୁ ଖୋଳାଯାଇ ବାହାରକୁ ଚାଲାଣ କରାଯାଉଛି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ପ୍ରାକୃତିକ ସମ୍ପଦର ଲୁଟ୍ ଚାଲିଛି। ଏହି ବେଆଇନ କାରବାର ବିଷୟରେ ଖଣି ବିଭାଗ, ପୋଲିସ ପ୍ରଶାସନ, ତହସିଲ କାର୍ଯ୍ୟାଳୟ ଏବଂ ଉପ-ଜିଲ୍ଲାପାଳଙ୍କ ନିକଟରେ ଖବର ଥିଲେ ମଧ୍ୟ ସମସ୍ତେ କାହିଁକି ଚୁପ୍ ବସିଛନ୍ତି ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ପ୍ରଶାସନର ଏହି ନୀରବତା ପଛରେ ଅଧିକାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ 'ବାଲି ମାଫିଆମାନେ ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଲୋକ କହି ନିର୍ଭୟରେ ଚୋରା ବାଲି ଚାଲାଣ କରୁଛନ୍ତି। ଯାହା ମୁଖ୍ୟମନ୍ତ୍ରୀଙ୍କ ଛବିକୁ ମଧ୍ୟ ଖରାପ କରୁଛି। ଯଦି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦିଏ, ତେବେ ଆଗାମୀ ଦିନରେ ଅଂଚଳର ପରିବେଶ ଅବସ୍ଥା ଶୋଚନୀୟ ହୋଇପଡ଼ିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉପରୁ ମଧ୍ୟ ଲୋକଙ୍କ ଆସ୍ଥା ତୁଟି ଯିବ। ତେଣୁ ବାଲି ଘାଟରେ ଚଢ଼ାଉ କରି ଗାଡ଼ି ଗୁଡ଼ିକୁ ଜବତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଶିକ୍ଷା ଓ କ୍ରୀଡାର ଆବଶ୍ୟକତା ସଂପର୍କରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

**ଯାଜପୁର, ନ୍ୟୁଜ ବ୍ୟୁରୋ**



ଯାଜପୁର ସହରସ୍ଥିତ ଗରିଆପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ବ୍ଲକର ବରିଷ୍ଠ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା ଏବଂ ମୁଖ୍ୟବକ୍ତାଭାବେ ଶିକ୍ଷାବିତ୍ ଡଃ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ବକ୍ତାଭାବେ ବୈଷ୍ଣବ ଦତ୍ତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ଯାଜପୁର ବ୍ଲକର ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବରଦା ଭୂଷଣ ମହାପାତ୍ର, ପ୍ରାକ୍ତନ ଶିକ୍ଷକ ବିଜୟାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଇଦୁଜ୍ ଜମାନ, ପଞ୍ଚଶଖା ଶିକ୍ଷା ସେତୁର ଅଧ୍ୟକ୍ଷ ଅରସ୍ ?ଦୁଜ୍ ଜମାନ, ବି.ଡି. କ୍ଲଷ୍ଟରର ସି.ଆର.ସି.ସି. ସରଫୁଜ ଜମାନ, ମ୍ୟୁନିସପାଲ ହାଇସ୍କୁଲ କଷ୍ଟରର ସି.ଆର.ସି.ସି. ତିମିର ରଂଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଶିକ୍ଷା ଏବଂ କ୍ରୀଡ଼ାର ଆବଶ୍ୟକ ଓ ଉପକାରିତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବରିଷ୍ଠ ଶିକ୍ଷକ ଆର୍ତ୍ତତ୍ରାଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ଛାତ୍ରଛାତ୍ରୀ ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ସହ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀନା ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ରାଉଳଙ୍କ ସହଯୋଗରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ସଫିଉର ରେହେମାନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ହରଡଖୋଲ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଓସ୍ୱଇଣ୍ଡକ୍ଷପସ୍ୱର, ନସ୍କଜ ଇସ୍କଷ୍ଟ**



ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ଶୁଭେଶ୍ୱର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ହରଡଖୋଲ ଠାରେ ୨୦୧୦ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଅବସରରେ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୨୦୧୦ମ୍ୟାଟ୍ରିକ୍ ବ୍ୟାଚ୍‌ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାଶ ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ପ୍ରକୃତି ପ୍ରେମୀ ବିକ୍ରମ କୁମାର ନନ୍ଦ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହ ପରିବେଶ ସୁରକ୍ଷାରଗୁରୁତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ସୋନପୁର ଲୁସି ପ୍ରିୟଦର୍ଶନୀ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ବୃକ୍ଷ ରୋପଣ ଉପରେ ସଚେତନ କରାଇଥିଲେ। ମୁଖ୍ୟବକ୍ତା ଭାବେ ଲକର୍ମା ଉ.ପ୍ରା.ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବେହେରା, ଗପ, କବିତା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ପାଇଁ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବରେ ଦୟାସରାବନୀ ଯୋଗ ଟ୍ରଷ୍ଟର ସମ୍ପାଦକ ଡଃ ହୃଷିକେଶ ଦେହୁରୀ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଅତିଥିମାନଙ୍କୁ ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମନୋଜ ଦାସ, ଯଶୋବନ୍ତ ପୁଟେଲ୍, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ରଣା, ସଚ୍ଚିଦାନନ୍ଦ ବାଘ, ସୂର୍ଯ୍ୟ କୁମାର ମିଶ୍ର, ଅଜୟ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରାଇଥିଲେ। ୨୦୧୦ମ୍ୟାଟ୍ରିକ୍ ବ୍ୟାଚ୍‌ର ପିଣ୍ଟୁ ଦାସ, ସୁରେନ୍ଦ୍ର ମେହେର, ଭକ୍ତ କର୍ମୀ, ବାଳଗୋପାଳ କର୍ମୀ, ବିକ୍ରମ କୁମାର ନନ୍ଦ, ସଦାନନ୍ଦ ପୁଟେଲ୍, ଗଣେଶ ରଣା, କନ୍ଦର୍ପ ବାଘ, ଜଗତ ଜୀବନ ମେହେର, ମାମୀନା ଦାଶ, ଲୀଜା ମେହେର, ମାଧୁରୀ ସାହୁ, ଚନ୍ଦ୍ରମା ରଥ, ଚୁମୁକି ବରଗଡ଼, ରଶ୍ମିତା ମେହେର, ସତ୍ୟନାରାୟଣ ବାଘ,ରାମ ଖମାରୀ, ଜୟ କୃଷ୍ଣ ସୁନା, ଯୁଗେଶ୍ୱର ମେହେର, ଦେବାଶିଷ ମେହେର, ଧବଳେଶ୍ୱର କୁମ୍ଭାର, ଭଗବାନ ପ୍ରମୁଖ ପୁରାତନ ଛାତ୍ର ଛାତ୍ରୀ ତଥା ବିଦ୍ୟାଳୟର ଅଣ ଶିକ୍ଷକ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଶେଷରେ ସୁରେନ୍ଦ୍ରମେହେର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳିତ

**କୁଚିଣ୍ଡା, ନ୍ୟୁଜ ବ୍ୟୁରୋ**



ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସହରରେ ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ମହୋତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ମନ୍ଦିରଛକ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରଥମେ ଭଗବାନ ପର୍ଶୁରାମଙ୍କ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ?ଏହାପରେ ମନ୍ଦିର ପ୍ରାଙ୍ଗଣରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପାରମ୍ପରିକ ବାଦ୍ୟ ଓ ସଂକୀର୍ତ୍ତନର ପରିବେଶ ମଧ୍ୟରେ ଏହି ଶୋଭାଯାତ୍ରା ସହରର ବିଭିନ୍ନ ପ୍ରମୁଖ ରାସ୍ତା ଦେଇ ପର୍ଶୁରାମ ଭବନରେ ପହଞ୍ଚିଥିଲା। ସେଠାରେ ବ୍ରାହ୍ମଣ ସମାଜର ସଭାପତି ତପନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମାଜର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପିଙ୍କୁ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସିମନ ଦ୍ୱିବେଦୀ, ରୋଶନ ଶର୍ମା, ପ୍ରଶାନ୍ତ ଶର୍ମା, ସୌରଭ କର, ଚୁଲବୁଲ ହୋତା, ପର୍ଶୁରାମ ମିଶ୍ର, ଗଗନ ପଣ୍ଡା ଓ ଯତିନ୍ଦ୍ର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲେଖ ପତି, ବନମାଳୀ ଶତପଥି, ଅମୂଲ୍ୟ ମିଶ୍ର, ପ୍ରଭାତ ଶର୍ମା, ସୁଦର୍ଶନ ପାଣି, ସଞ୍ଜିତ ଶର୍ମା, ଅମିତ ମିଶ୍ର, ଜିତେନ୍ଦ୍ର ମିଶ୍ର ଏବଂ ସୁବାଷ ଦେବତାଙ୍କ ସମେତ ସମାଜର ବହୁ ସଦସ୍ୟ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଭାରତ ସ୍କାଉଟ୍ସ ଓ ଗାଇଡ୍ ତରଫରୁ ଜଳଦାନ




**ଯାଜପୁର, ନ୍ୟୁଜ ବ୍ୟୁରୋ**

ଅକରପଡ଼ା ସ୍ଥିତ ଆଦିକନ୍ଦ ବିଦୁଲତା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡସ ୟୁନିଟ୍ ଦ୍ୱାରା ଭୀଷଣ ଗ୍ରୀଷ୍ମକୁ ଲକ୍ଷ୍ୟ କରି ତୃଷାର୍ତ୍ତ ବାଟୋଇଙ୍କ ଉଦ୍ଦେଶ୍ୟରେ ଜଳଦାନ ବା ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ ସମିତି ସଭ୍ୟ ତଥା ବରିଷ୍ଠ ଶିକ୍ଷାବିତ୍ ଧନଞ୍ଜୟ କେଶରୀ ରାଉତ ରାୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ସେଠୀ ଏହାର ଶୁଭାରମ୍ଭ କରିଥିଲେ ସ୍କାଉଟ୍ସ ଗାଇଡ୍ କ୍ୟାପଟେନ ମମତା ପରିଡା ଓ ସ୍କାଉଟ୍ସ ଗାଇଡର ମାଷ୍ଟର୍ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ସବିତା ମହାନ୍ତି, ଶୁଭଶ୍ରୀ ମହାପାତ୍ର, ଶିକ୍ଷକ ବିକାଶ କୁମାର ବାଇ ଏବଂ ଶିକ୍ଷା କର୍ମୀ ବ୍ରହ୍ମାନନ୍ଦ ନନ୍ଦଙ୍କ ସହଯୋଗରେ କାର୍ଯ୍ୟକ୍ରମ ଟି ସଫଳ ରୂପାୟନ ହୋଇଥିଲା।

# ଭାରତ ବନ୍ଦ ଡାକରାକୁ ବଲାଙ୍ଗୀର ଜିଲ୍ଲାବାସୀ ସମର୍ଥନ କରିବାକୁ ଆହ୍ୱାନ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ସାମ୍ବାଦିକ ଭବନ କାର୍ଯ୍ୟାଳୟ ଠାରେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତଥା ଓବିସି, ଏସ୍‌ସି ଏସ୍‌ଟି ସମନ୍ୱୟ ସମିତି ଓଡ଼ିଶା ସଭାପତି ସରୋଜ କୁମାର ମେଶ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଏପ୍ରିଲ ୨୩ ତାରିଖରେ ଭାରତ ବନ୍ଦ ଡାକରାକୁ ସମଗ୍ର ବଲାଙ୍ଗୀର ଜିଲ୍ଲାବାସୀ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ରଖାଯାଇଛି। ମଞ୍ଚାସିନ ରାଜ୍ୟ ଓବିସି ମଞ୍ଚର ରାଜ୍ୟ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ ଭାରତ ବନ୍ଦର ଉଦ୍ଦେଶ୍ୟରେ ପ୍ରେସ ବିବୃତି ରଖି କହିଥିଲେ ଯେ ବର୍ତ୍ତମାନର ଜନଗଣନା ୨୦୨୬ ର ୩୩ଟି ପ୍ରଶ୍ନର ୧୨ ନମ୍ବର ପ୍ରଶ୍ନରେ ଗୃହକର୍ତ୍ତାଙ୍କ ଜାତି ଉଲ୍ଲେଖ ଅଛି। ଯାହା ଏସ୍‌ଟି ଏସ୍‌ସି ଏବଂ ଅନ୍ୟାନ୍ୟ ବୋଲି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ରହିଛି। ଯେଉଁଠି ଓବିସି ବର୍ଗର ତଥ୍ୟ ସରକାର ନେବା କଥା ନେଉ ନାହାନ୍ତି ଫଳରେ ଓବିସି ଜାତି ଗଣନା ବାଟବଣା ହୋଇସାରିଛି। ଗତ ୨୦୨୫ ଏପ୍ରିଲ ୩୦ ତାରିଖରେ କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ଓବିସି ଜାତି ଗଣନା କରିବାକୁ ପ୍ରତିଶୃତି ଦେଇଥିଲେ ତାହା ମିଥ୍ୟା ପ୍ରମାଣିତ ହୋଇସାରିଛି। ଏଣୁ ୧୨ ନମ୍ବର ପ୍ରଶ୍ନରେ ଓବିସି ଲେଖିବା ପାଇଁ ସରକାରକୁ ନିବେଦନ କରିଛନ୍ତି ଏବଂ ସାମ୍ବାଦିକମାନଙ୍କୁ ଉଦ୍ବୋଧନ ଅବସରରେ ଶ୍ରୀ ବିଶ୍ୱାଳ କହିଲେ ଯେ ୪ଟି ପର୍ଯ୍ୟାୟରେ ଆମେ ସରକାରକୁ ଏ ବିଷୟ ରେ ଅବଗତ କରିଛୁଁ ଏବଂ ଅନ୍ତିମ ପର୍ଯ୍ୟାୟରେ ଭାରତ ବନ୍ଦ ଡାକରା ଦେଇ ଚାପ ପକାଇବା ପାଇଁ ନିଷ୍ପତି ନେଇଛୁଁ। ଓବିସି ଏସ୍‌ଟି ଏସ୍‌ସିଙ୍କ ସପକ୍ଷରେ କଠୋର ଆଇନ ୨୦୨୬ ଲାଗୁ କରିବା ଅନିବାର୍ଯ୍ୟ ବୋଲି ଆଇନଜିବୀ ଦିନେଶ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ। ଓଡିଶାରେ ଓବିସି ଏସ୍‌ଟି ଏସ୍‌ସି ୯୦ ପ୍ରତିଶତ ମାତ୍ର ନିଯୁକ୍ତି ୩୦.୧୯ ପ୍ରତିଶତ ବୋଲି ଆଇନଜିବୀ ସନ୍ତନୁ ଭୋଇ କ୍ଷୋଭ ପ୍ରକାଶ କରିଥିଲେ। ଏହି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ସହ କରାଯିବ। ସମସ୍ତ ଜରୁରୀ କାଳିନ ସେବା, ପରିକ୍ଷାର୍ଥିଙ୍କ ପରୀକ୍ଷା, ବିବାହ କାର୍ଯ୍ୟ ଏବଂ ସମ୍ବେଦନଶିଳ ପ୍ରସଙ୍ଗକୁ ବାଦ ଦେଇ ଚକ ଅଖ ଦୋକାନ ବଜାର ଠପ୍ କରି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବାକୁ ସମସ୍ତଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ଏବଂ ଡାକବାଜି ଯନ୍ତ୍ର ସାହାଯ୍ୟରେ ବଲାଙ୍ଗିର ସହରରେ ଆଗାମୀ ୨୨ ତାରିଖ ଦିନ ଘୋଷଣା କରାଯିବ ବୋଲି ସଂଗଠନର ସଭାପତି ସରୋଜ କୁମାର ମେଶ୍ରା ଏହି ପ୍ରେସ ବିବୃତିରେ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଅନ୍ୟାନ୍ୟ ୮ଟି ବିଷୟ ଉଲ୍ଲେଖ ଅଛି ଏବଂ ଏସ୍‌ଟିଙ୍କୁ ମୂଳ ଅଧିବାସୀ ଭାବରେ ଗ୍ରହଣ କରିବା ସହ ଓଡିଶାରେ ଆଦିବାସୀମାନଙ୍କୁ ଅତ୍ୟାଚାର ଏବଂ ଜଙ୍ଗଲ ଜମିରୁ ଉଚ୍ଛେଦ କରାଯାଉଥିବାରୁ ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସତ୍ୟ ନାରାୟଣ ଭୋଇ ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ସହଯୋଗ ଭିକ୍ଷା କରିଛନ୍ତି। ଜିଲ୍ଲା କୁଳୁତା ସମାଜ ସଭାପତି ଇଂ ବେଲାର ସିଂ ଭୋଇ, ଚାଷୀ ନେତା ମଧୁସୁଦନ କ୍ଷେତି ଏବଂ ଆନନ୍ଦ ପଧାନ ଓବିସି ମଞ୍ଚ ବଲାଙ୍ଗିର, ଦଳିତ ନେତା ପ୍ରକାଶ ହରିପାଲ, ଲଳିତ ମହାନନ୍ଦ, ସନ୍ତୋଷ ଛତ୍ରିଆ, ନବସେତୁ ସଂପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଏପ୍ରିଲ ୨୩ ତାରିଖରେ ହେବାକୁ ଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ।

# ନାରୀ ଶକ୍ତି ବନ୍ଦନ ଦୌଡ ଅନୁଷ୍ଠିତ : ସିବିଏସଇ ଦଶମ ଟପ୍ପର ଟିନା ରଥଙ୍କୁ ସମ୍ବର୍ଦ୍ଧନା

**ପୁରୀ, ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ନାରୀ ମଧ୍ୟରେ ଅଫୁରନ୍ତ ପ୍ରତିଭା ରହିଛି। ସେ ଶକ୍ତିମୟୀ, କଲ୍ୟାଣମୟୀ। ସଶକ୍ତ ନାରୀ ସଶକ୍ତ ଭାରତ ବୋଲି କହିଛନ୍ତି ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ଅରୁଗୁଲା ସ୍ନେହା। ନାରୀ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲକ୍ଷ୍ୟରେ ଆଜି ପୂର୍ବାହ୍ନରେ ଏକ ଦୌଡ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହି ଦୌଡ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ପହଂଚିଥିଲା। ଏହି ଦୌଡ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଶନର ସୁଶ୍ରୀ ସ୍ନେହା ପୁରୁଷ ମାନଙ୍କ ସମକକ୍ଷ ହୋଇ ନାରୀ ବି ସବୁ କରିପାରେ। ଏପରିକି ପୁରୁଷଙ୍କ ଠାରୁ ଅଧିକ ମଧ୍ୟ କରିପାରେ।ନିଜର ଗୋଟେ ଲକ୍ଷ୍ୟ ସ୍ଥିର କରି ମନ ପ୍ରାଣ ଦେଇ ତାହାକୁ ସଫଳ କରିବାର ପ୍ରୟାସ ପାଇଁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ନାରୀ ମାନଙ୍କ ପ୍ରତିଭାର ବିକାଶ ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆଜିର ସମୟରେ ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କର ଶକ୍ତି ଓ ସାମର୍ଥ୍ୟର ପରିପ୍ରକାଶ ଘଟିଛି। ଏହାକୁ ଅଧିକ ଋଦ୍ଧିମନ୍ତ ସହ ସେମାନଙ୍କ ଅଧିକାର, କର୍ତବ୍ୟ, ଶକ୍ତି ଓ ସମ୍ଭାବନା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟରେ ଏହିଭଳି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ସେ ମତ ଦେଇଥିଲେ। ଚଳିତ ସିବିଏସଇ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପୁରୀ ଜିଲ୍ଲାର ଟିନା ରଥଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଖୋ ଖୋ ଖେଳର ମୁଖ୍ୟ ଜାତୀୟ କୋଚ ସଞ୍ଜୀବ କୁମାର ଶର୍ମା, ସର୍ବ ଭାରତୀୟ ଖୋଖୋ ସଂଘର ଉପ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡିଶା ଅଲମ୍ପିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କୋଚ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଓ ଟିନା ରଥଙ୍କ ପିତାମାତା ପ୍ରମୁଖ ଯୋଗଦେଇ ନାରୀ ମାନଙ୍କ ଶକ୍ତି, ପ୍ରତିଭା ଓ ଉତଥାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଚେତନତା ଲକ୍ଷ୍ୟରେ ସ୍ୱାକ୍ଷର ଅଭିଯାନରେ ପ୍ରତ୍ୟେକ ସ୍ୱାକ୍ଷର କରିଥିଲେ।

# 'ଓଡ଼ିଆ ଗଦ୍ୟ ସାହିତ୍ୟରେ ଭୁବନେଶ୍ୱର ବେହେରା ବେଶ ପରିଚିତ'



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ସଂସ୍କୃତି ଭବନରେ ଓଡ଼ିଆ ସାହିତ୍ୟର ପ୍ରଖର ଗଦ୍ୟଶିଳ୍ପୀ ଭୁବନେଶ୍ୱର ବେହେରାଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଗଭୀର ଶ୍ରଦ୍ଧା ଓ ଗମ୍ଭୀରତାର ସହିତ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦର ସଂଯୁକ୍ତ ପ୍ରୟାସରେ ଏହି ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ ପବନ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଭୁବନେଶ୍ୱର ବେହେରାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଉଦବୋଧନରେ ସେ ବେହେରାଙ୍କ ଗଳ୍ପ ସାହିତ୍ୟ, ଗଦ୍ୟଶୈଳୀ ଓ ସମାଜଜୀବନ ସହିତ ତାଙ୍କ ରଚନାର ଗଭୀର ସମ୍ପର୍କକୁ ଉଲ୍ଲେଖ କରିଥିଲେ। ଆଲୋଚକମାନେ ବେହେରାଙ୍କ ସାହିତ୍ୟରେ ଗ୍ରାମୀଣ ଜୀବନ, ସାମାଜିକ ବିରୋଧାଭାସ ଓ ମନୁଷ୍ୟର ଆନ୍ତରିକ ଭାବନାର ସଂବେଦନଶୀଳ ପ୍ରତିଛବିକୁ ଉଚ୍ଚ ସ୍ଥାନ ଦେଇଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଏହି ବୈଶିଷ୍ଟ୍ୟ ତାଙ୍କୁ ଓଡ଼ିଆ ଗଦ୍ୟ ସାହିତ୍ୟରେ ସ୍ୱତନ୍ତ୍ର ପରିଚୟ ଦେଇଛି। ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ପ୍ରଫେସର ସୁଦର୍ଶନ ପଣ୍ଡା, ଡ଼ଃ ଦେବାଶିଷ ପଣ୍ଡିଆ ଓ ଡ଼ଃ ସୌରଭ ରଞ୍ଜନ ଖମାରୀ ନବପିଢ଼ୀକୁ ବେହେରାଙ୍କ ସାହିତ୍ୟ ଧାରାକୁ ଆଗକୁ ବଢ଼ାଇବା ପାଇଁ ପ୍ରେରିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, କବି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅପ୍ରେଲ ୨୦୨୬ ବୁଧବାର





## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ



**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ଲୋକଭବନ, ଭୁବନେଶ୍ୱରର ପ୍ରେସ୍ ବିଜ୍ଞପ୍ତି ୦୬-୦୪-୨୦୨୬ ତାରିଖ ଅନୁଯାୟୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ଯୋଗ ଦେଇଛନ୍ତି ପ୍ରଫେସର ସଞ୍ଜୟ କୁମାର ପାତ୍ରୋ। ଆଇଆଇଟି ମୁମ୍ବାଇରୁ ପିଏଚ୍‌ଡି ଡ଼ିଗ୍ରୀ ହାସଲ୍ କରିଥିବା ପ୍ରଫେସର ପାତ୍ରୋ ଏହା ପୂର୍ବରୁ ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି, ବୁର୍ଲା, ସମ୍ବଲପୁରରେ ସିଭିଲ୍ ଇଞ୍ଜିନିୟରିଂ ପ୍ରଫେସର ଭାବରେ ଅଧ୍ୟାପନା କରିବା ସହିତ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିଲେ। ମଧ୍ୟାହ୍ନରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀମାନେ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ କୁଳପତି ତାଙ୍କ ଉଦ୍‌ବୋଧନରେ କହିଥିଲେ, ସମସ୍ତଙ୍କର ଆନ୍ତରିକ ସହଯୋଗରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିପାରିବ। ଉନ୍ନତ ଗବେଷଣା ତଥା ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ ଦେଇ ସେ ବିଶ୍ୱବିଦ୍ୟାଳୟକୁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ଛିଡ଼ା କରେଇବାକୁ ଆହ୍ୱାନ ଦେଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆରେ ତାଙ୍କର ଅଭିଭାଷଣ ଓଡ଼ିଆ ଅସ୍ମିତାକୁ ପ୍ରଦର୍ଶିତ କରିଥିଲା । ଏଥିସହିତ ନୂତନ ଶିକ୍ଷା ନୀତିର ପ୍ରୟୋଗରେ କେନ୍ଦୁଝରର ମାନବ ସମ୍ବଳର ବିକାଶ ସାଧନ ପାଇଁ ସମସ୍ତଙ୍କୁ ଆତ୍ମୀୟତା ସହିତ କାମ କରିବାକୁ ମାର୍ଗଦର୍ଶନ କରିଥିଲେ। ତାଙ୍କର ଯୋଗଦାନରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଆଖଣ୍ଡଳମଣିଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସୋମବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ୨୧ ଦିନ ବ୍ୟାପି ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଭୋର୍ ୪ଟାରେ ବାବାଙ୍କ ପହଡ଼ ଖୋଲିବା ପରେ ରୀତିନୀତି ଅନୁଯାୟୀ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୪ଟାରେ ବାବାଙ୍କ ବଡ଼ସିଂହାର ବେଶ ସମ୍ପନ୍ନ ହେବା ପରେ ଆଜ୍ଞାମାଳ ବିଜେ କରାଯାଇ ଶିବଗଙ୍ଗା ପୁଷ୍କରିଣୀରେ ପ୍ରସ୍ତୁତ ନନ୍ଦିଭୃଙ୍ଗି ନାମକ ଚାପ ଡଙ୍ଗାରେ ଲାଗି କରାଯାଇଥିଲା। ପରେ ଘଣ୍ଟାକିର୍ତ୍ତନ ସହ ବାବାଙ୍କ ଚଳନ୍ତି ପ୍ରତିମା ହରଗୌରୀଙ୍କୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ବେଢ଼ା ପରିକ୍ରମା କରାଯିବା ସହ ଚନ୍ଦନ ମଣ୍ଡପକୁ ବିଜେ କରାଯାଇଥିଲା। ଚନ୍ଦନ ମଣ୍ଡପରେ ରୀତିନୀତି ଅନୁଯାୟୀ ଚନ୍ଦନ ନୀତିରେ ମହାସ୍ନାନ, ଚନ୍ଦନଲାଗି, ପଞ୍ଚ ଉପଚାରପୂଜା, ଯଜ୍ଞ ସରିବା ପରେ ଚାପ ଡଙ୍ଗାକୁ ମାର୍ଜନା କରାଯାଇ ବାବାଙ୍କ ଚଳନ୍ତି ପ୍ରତିମା ହରଗୌରୀଙ୍କୁ ବିଜେ କରାଯାଇ ଚାପଖେଳ କରାଯାଇଥିଲା। ପରେ ଶୀତଳ ଉପଚାର ଭୋଗ ସହ ଅନ୍ନ ଭୋଗ ଲାଗି କରାଯାଇ ମନ୍ଦିରକୁ ବିଜେ କରାଯାଇଥିଲା। ଶୃଙ୍ଖଳିତ ନୀତି ଓ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

## ପିକ୍‌ଅପ୍ ଭ୍ୟାନ୍‌ରୁ ୪୦ ବସ୍ତା ଧାନ ଲୁଟ୍ ଘଟଣାରେ ୩ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍‌ରୁ ୪୦ ବସ୍ତା ଧାନ ଲୁଟ୍ ହୋଇଥିବା ଏକ ହାଇୱେ ଡକାୟତି ଘଟଣାରେ କୋରାପୁଟ ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପୁଟ ସଦର ଥାନା ଅନ୍ତର୍ଗତ ରହିମ ଭତ୍ରା (୨୧), ଆଶେର ବାଘ (୨୧) ଏବଂ ରୁହେନ ବେନିଅ (୨୨) ବୋଲି ପୋଲିସ ତରଫରୁ ସୂଚନା ଦିଆଯାଇଛି । କୋରାପୁଟ ସଦର ଥାନାରେ ଜଗଦୀଶ ପାଣିଗ୍ରାହୀ ଏପ୍ରିଲ ୧୦ ତାରିଖରେ ଅଭିଯୋଗ ଅନୁଯାୟୀ, ତାଙ୍କ ବୋଲେରୋ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭର କାକ୍ରିଗୁମାରୁ ବୋରିଗୁମା ଅଭିମୁଖେ ୬୫ ବସ୍ତା ଧାନ ପରିବହନ କରୁଥିଲେ। ମାଛରା ଘାଟି ରାସ୍ତାରେ, ଦୁଇଟି ବୁଲେଟ୍ ବାଇକ୍ ସମେତ ଚାରିଟି ମୋଟର ସାଇକେଲରେ ଆଠ ଜଣ ସଶସ୍ତ୍ର ଦୁର୍ବୃତ୍ତ ଗାଡ଼ିକୁ ଅଟକାଇ ଦେଇଥିଲେ। ସେମାନେ ଡ୍ରାଇଭରଙ୍କୁ ଖଣ୍ଡାରେ ଧମକାଇ ବୋଲେରୋକୁ ଅଟକାଇଥିଲେ। ୪୦ ବସ୍ତା ଧାନ ଖାଲି କରିଥିଲେ ଏବଂ ପରେ ଖାଲି ଗାଡ଼ିଟିକୁ ଫେରାଇ ଦେଇଥିଲେ। ଦୁର୍ବୃତ୍ତମାନେ ଡ୍ରାଇଭରଙ୍କ ମୋବାଇଲ୍ ଫୋନ୍ ଏବଂ ନଗଦ ୧,୦୦୦ ଟଙ୍କା ଲୁଟି ନେଇ ପଳାଇଯାଇଥିଲେ। ଅଭିଯୋଗକୁ ଭିତ୍ତି କରି କୋରାପୁଟ ସଦର ପୋଲିସ ତଦନ୍ତ ସମୟରେ ତିନି ଅଭିଯୁକ୍ତଙ୍କୁ ଗିରଫ କରି ୪୦ଟି ଧାନ ବସ୍ତା (ପ୍ରତ୍ୟେକ ୫୦ କିଲୋଗ୍ରାମ୍), ଦୁଇଟି ବୁଲେଟ୍ ମୋଟରସାଇକେଲ୍, ଗୋଟିଏ କଳା ଟିଭିଏସ୍ ଜୁପିଟର୍ ସ୍କୁଟି ଏବଂ ଗୋଟିଏ ସାମ୍‌ସଙ୍ଗ ଟାବ୍‌ଲେଟ୍ ଜବତ କରିଛି । ଗିରଫ ବ୍ୟକ୍ତିଙ୍କୁ ପଚରା ଉଚରା କରିବାରୁ ଜଣାପଡ଼ିଛି ଯେ, କୋରାପୁଟ ଜିଲ୍ଲାରେ ଭାରତ ଫାଇନାନ୍ସିଆଲ୍ ଇନ୍‌କ୍ଲୁଜନ୍ ଲିମିଟେଡ୍‌ର କ୍ଷେତ୍ର କର୍ମଚାରୀଙ୍କୁ ଟାର୍ଗେଟ୍ କରି ପୂର୍ବରୁ ଅନ୍ୟ ଦୁଇଟି ଡକାୟତି ମାମଲାରେ ଦଳ ସମ୍ପୃକ୍ତ ଥିଲା। ପ୍ରଥମ ମାମଲାରେ ଜାନୁଆରୀ ୩, ୨୦୨୬ରେ ସାନା ଚିନ୍ଦ୍ରି ଗ୍ରାମ ନିକଟରେ ଜଣେ କର୍ମଚାରୀଙ୍କ ଠାରୁ ତିନି ଜଣ ଦୁର୍ବୃତ୍ତ ଏକ ସାମ୍‌ସଙ୍ଗ ଟାବ୍‌ଲେଟ୍ ଲୁଟି ନେଇଥିଲେ। ଦ୍ୱିତୀୟ ଘଟଣାରେ ଫେବୃୟାରୀ ୧୮, ୨୦୨୬ରେ ପଦ୍ମପୁର ଏବଂ ପଣସପୁଟ ମଧ୍ୟରେ ଫେରୁଥିବା ସମୟରେ ଅନ୍ୟ ଜଣେ ମହିଳା କ୍ଷେତ୍ର କର୍ମଚାରୀଙ୍କ ଟିଭିଏସ୍ ଜୁପିଟର୍ ସ୍କୁଟି, ୭୪,୭୦୮ ଟଙ୍କା, ଏକ ସାମ୍‌ସଙ୍ଗ ଟାବ୍‌ଲେଟ୍, ବାୟୋମେଟ୍ରିକ୍ ସ୍କାନର ଏବଂ ଅନ୍ୟାନ୍ୟ କାଗଜପତ୍ର ଲୁଟି ନିଆଯାଇଥିଲା। କୋରାପୁଟ ସଦର ଥାନାରେ ଧାରା ୩୧୦(୨) ବିଏନ୍‌ଏସ୍ ଅଧୀନରେ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ, ଏସ୍‌ଆଇ ସୁଧାଂଶୁ କୁମାର ନାୟକ କହିଛନ୍ତି ଯେ, ଏନେଇ ଅଧିକ ତଦନ୍ତ ଚାଲିଛି ଏବଂ ଗ୍ୟାଙ୍ଗର ବାକି ସଦସ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।



## ମରାମତି ଅଭାବରୁ ଖତ ଖାଉଛି ସରକାରୀ ବାସଭବନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଖଡିଅଙ୍ଗ ଠାରେ ଥିବା ବିଚାରପତିଙ୍କ ସରକାରୀ ବାସଭବନ ମରାମତି ଅବହେଳାରୁ ଖତ ଖାଉଥିବା ଦେଖିବାକୁ ମିଳିଛି । ଖଡିଅଙ୍ଗ ଠାରେ ଥିବା ସିଭିଲଜଜଙ୍କ ସରକାରୀ ବାସଭବନ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ମରାମତି ହେଉନଥିବାରୁ ଏହି ବାସଭବନଟି ଦିନକୁ ଦିନ ନଷ୍ଟ ହେଉଯାଉଛି । ସହରର ମୁଖ୍ୟ ସ୍ଥାନରେ ଥିବା ମୂଲ୍ୟବାନ ସମ୍ପତିର ରକ୍ଷଣାବେକ୍ଷଣ କରିବା ଓ ଭବନଟିକୁ ରହିବା ଯୋଗ୍ୟ କରିବା ପାଇଁ ଦାବି ହେଉଛି ।

## ଯୁବତୀଙ୍କୁ ପ୍ରତାରଣା:ବିବାହ କରିବାକୁ ମନା କରିବାରୁ ବନ୍ଧା ହେଲେ ଜିମ୍ ଟ୍ରେନର

**କଟକ, ନ୍ୟୁଜ୍ ବ୍ୟୁରୋ**

ଜଣେ ଜିମ୍ ଟ୍ରେନର ବିବାହର ଲୋଭ ଦେଖାଇ ଜଣେ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । କଟକର ବିଭିନ୍ନ ହୋଟେଲରେ ଯୁବତୀଙ୍କୁ ନେଇ ଦୁଷ୍କର୍ମ କରିଛି । ଏନେଇ ପୀଡ଼ିତା ବାଦାମବାଡ଼ି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଟ୍ରେନର ହେଉଛି ଜଗତପୁର ନିମପୁରରେ ରହୁଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁରର ତୋଫାନ ବେହେରା (୨୭) । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ବାଦାମବାଡ଼ି ଅଞ୍ଚଳର ଜଣେ ୨୨ ବର୍ଷୀୟା ଯୁବତୀ ଜଗତପୁରରେ ଥିବା ଏକ ଜିମ୍‌କୁ ୨୦୨୫ରେ ତାଲିମ୍ ନେବାକୁ ଯାଉଥିଲେ । ସେଠାରେ ଟ୍ରେନର ତୋଫାନ ସହିତ ତାଙ୍କର ପରିଚୟ ହୋଇଥିଲା । ତୋଫାନ ଏହି ଯୁବତୀଙ୍କ ସହିତ ପ୍ରଥମେ ପ୍ରେମ ସମ୍ପର୍କ ଯୋଡ଼ିଥିଲେ । ପରେ ସମ୍ପର୍କ ଘନିଷ୍ଠ ହୋଇଥିଲା । ଏହାପରେ ତୋଫାନ ବିବାହର ପ୍ରସ୍ତାବ ଦେଇଥିଲେ । ଏଥିରେ ଯୁବତୀ ଜଣକ ରାଜି ମଧ ହୋଇଥିଲେ । ତେବେ ଏହି ବିବାହ ପ୍ରତିଶ୍ରୁତିର ଆଳରେ ଟ୍ରେନର ତୋଫାନ ଉକ୍ତ ଯୁବତୀଙ୍କୁ କଟକର ବିଭିନ୍ନ ହୋଟେଲକୁ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା । ମାତ୍ର ପରବର୍ତ୍ତୀ ସମୟରେ ତୋଫାନ ବିବାହ କରିବାକୁ ମନା କରିଥିଲା । ଏପରିକି ପୀଡ଼ିତାଙ୍କୁ ଆଉ ଧରାଛୁଆଁ ଦେଉନଥିଲା । ଫଳରେ ବାଧ ହୋଇ ପୀଡ଼ିତା ଏନେଇ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ । ଏହିକ୍ରମରେ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ତୋଫାନଙ୍କୁ ଗିରଫ କରିଛି ।

## ୩ ଦଫା ଦାବି ନେଇ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ, ବୌଦ୍ଧ ଜିଲ୍ଲା ଶାଖା ତରଫରୁ କନ୍ଧମାଳ ବିଧାୟକ ତଥା ନବନିଯୁକ୍ତ ଯୋଜନା ବୋର୍ଡ଼ର ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗଙ୍କୁ ତାଙ୍କ ବାସଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ମହାସଂଘ ପକ୍ଷରୁ ତିନିଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । କର୍ମଚାରୀମାନଙ୍କ ସମସ୍ୟା ଏବଂ ତାର ସମାଧାନ ନେଇ ବିଧାୟକଙ୍କ ସହ ପ୍ରତିନିଧିମାନେ ଆଲୋଚନା କରିଥିଲେ । ଗତ ମାର୍ଚ୍ଚ ମାସ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରିବାପରେ ଶେଷରେ ୧୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ମହାସଂଘକୁ ଡକେଇ ବିହିତ ଆଲୋଚନା କଲେ ଏବଂ ଏକ ମନ୍ତ୍ରୀମଣ୍ଡଳୀ ସ୍ତରୀୟ କମିଟି କରାଇ ଏହାର ନିର୍ଯ୍ୟାସ ବାହାରକରି ନିଶ୍ଚିତ ନ୍ୟାୟ ଦେବାପୂର୍ବକ ଅଥବା ସମସ୍ତ ୩ ଗୋଟି ଦାବିକୁ ମୋହର ଦିଆଯିବ । ସମସ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଦୈନିକ ଏବଂ ମାସିକ ଦରମାରେ କୌଣସି ତାରତମ୍ୟ ନରଖି ଏକକୀକରଣ କରିବା, ସମସ୍ତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ ମହାସଂଘ ପକ୍ଷରୁ ଦାବି ରହିଛି । ଏହି କାର୍ଯ୍ୟକ୍ରମରେ ଆଉଟ୍‌ସୋର୍ସିଂ ଜିଲ୍ଲା ସଭାପତି ସିତ କୁମାର ଜେନାଙ୍କ ସହିତ ଉପସଭାପତି ନରେଶ କୁମାର ସାହୁ, ମହାସଚିବ ଉମାଶଙ୍କର ପୁରୋହିତ, କୋଷାଧ୍ୟକ୍ଷ ଜଗଦୀଶ ବେହେରା, ଉପଦେଷ୍ଟା ସରୋଜ କୁମାର ବାଙ୍କ, ସଦସ୍ୟ ସତ୍ୟଜିତ ନାୟକ, ସଦସ୍ୟ ପ୍ରକାଶ କୁମାର ପ୍ରଧାନ, ସଦସ୍ୟ ଜ୍ୟୋତିରଞ୍ଜନ ମହାନନ୍ଦ, ସଦସ୍ୟ ସୁରଥ ରଣା ଏବଂ ସଦସ୍ୟ ସୁଧମୟ ବାଘ ପ୍ରମୁଖ ଉପସ୍ଥିତ ଥିଲେ।



## କେନ୍ଦ୍ରାପଡ଼ା ଜିଲ୍ଲାର ୧.୭୦ ଲକ୍ଷ ଚାଷୀ ପାଇଲେ ମୁଖ୍ୟମନ୍ତ୍ରୀ କିଷାନ ଯୋଜନା କିସ୍ତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡା ଜିଲ୍ଲାର ୧ ଲକ୍ଷ ୭୦ ହଜାର କ୍ଷୁଦ୍ର ନାମମାତ୍ର ଚାଷୀ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ଉପକୃତ ହୋଇଥିବା ଜଣାପଡିଛି। କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଭିଡିଓ କନ୍‌ଫରେନ୍ସ ମାଧରେ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ୮୪ ଜଣ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ କିସ୍ତି ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାତାକୁ ସିଧାସଳଖ ଭାବେ ପଠାଯାଇଛି। ଏହା ସହିତ ଜିଲ୍ଲାର ୯୮୯ ଜଣ ଭୂମିହୀନଙ୍କୁ ୪ ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସହିତ ମାର୍ଶାଘାଇ ବିଏଓ ପ୍ରମୋଦିନୀ ପ୍ରଧାନ, ଡେରାବିଶର ବନଲତା ବେହେରା ଓ ଯୋଜନା ଅଧିକାରୀ ପାୟଲ୍ ପ୍ରିୟଦର୍ଶନୀ ନାୟକ, ଏଏସ୍‌ଓ ନିହାରିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ଜଗନ୍ନାଥ ମନ୍ଦିର ପରିସରରେ ରଥକାଠ ଅନୁକୂଳ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ପବିତ୍ର ବୈଶାଖ ମାସ ଶୁକ୍ଳ ପକ୍ଷ ଅକ୍ଷୟ ତୃତୀୟା ଓଡ଼ିଆଙ୍କର ଏକ ପ୍ରସିଦ୍ଧ ପର୍ବ । ମାହେନ୍ଦ୍ର ବନ ଯୋଗିନୀ ଅନୁଯାୟୀ ଏହି ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ । ଏହି ରିତିନୀତି ଅନୁସାରେ ସକାଳୁ ରାଇରଙ୍ଗପୁର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ମୁଖ୍ୟ ପୂଜକ ଦେବବ୍ରତ ରଥମହାପାତ୍ରଙ୍କ ସ୍ତୋତ୍ରୀୟ ମନ୍ତ୍ର ଦ୍ୱାରା ପୂଜାର୍ଚ୍ଚନା ପରେ ମନ୍ଦିରର ସମ୍ମୁଖ ଖଳାରେ ରଥକାଠ ପୂଜାର୍ଚ୍ଚନା କରିଥିଲେ । ମହାରଣା ମଧୁ ନାଏକଙ୍କ ଦ୍ୱାରା ଶାଢ଼ି ବନ୍ଧା ନୀତି ହୋଇଥିଲା । ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ପୂଜାର୍ଚ୍ଚନା କରାଯାଇଥିଲା । ଭିକି ଶର୍ମା ମନ୍ଦିର ଚୂଳରେ ନୂତନ ପତକା ଲଗାଇଥିଲେ । ହୋମଯଜ୍ଞ, ହୁଳହୁଳି, ଘଣ୍ଟା, ଜୟ ଜଗନ୍ନାଥ ଧ୍ୱାରାରେ ପ୍ରକମ୍ପିତ ହୋଇଥିଲା ମନ୍ଦିର ବେଢ଼ା । ପରେ ମହାରଣା କୁରାଢ଼ିରେ ଅଖ ଛେଦନ କରି ରଥ ନିର୍ମାଣର ଶୁଭାରମ୍ଭ କରିଥିଲେ । ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଓ ଏହି ରଥଯାତ୍ରା ସୁରୁଖୁରୁରେ କିଭଳି ସମ୍ପାଦନ ହେବ ସେ ନେଇ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଭବ୍ୟ ପୂଜା କାର୍ଯ୍ୟକ୍ରମରେ ଡାହୁକ କୃଷ୍ଣ ବିହାରୀ ମହାନ୍ତି ଏବଂ ତାଙ୍କ ସହଯୋଗୀ ପୁତ୍ର ଅଭିଷେକ ମହାନ୍ତି, ମନ୍ଦିର ପରିଚାଳନା କମିଟି ସଦସ୍ୟ ନିରଜ ପଣ୍ଡା, ସାଂସଦ ପ୍ରତିନିଧି ମନୋଜ ଦାସ, ଆଲୋକ ଅଗ୍ରୱାଲା, ବୁନ୍ଦେଶ୍ୱର ମହାନ୍ତ, ଗତିକୃଷ୍ଣ ମହାନ୍ତ, ଜଗନ୍ନାଥ ବିନ୍ଧାଣୀ, ସାମ୍ବାଦିକ ଅକ୍ଷୟ ବିଶ୍ୱାଳ, ସାମ୍ବାଦିକ ତୁଷାରକାନ୍ତ ମହାନ୍ତ, ବିଦେଶୀ ପଟନାୟକ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

## ସମ୍ବଲପୁରରେ ମା’ ବାଟମଙ୍ଗଳାଙ୍କ ଜଳାଭିଷେକ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସମ୍ବଲପୁର ଦଲେଇପଡା ସ୍ଥିତ ମା’ ବାଟମଙ୍ଗଳାଙ୍କ ମନ୍ଦିରରେ ନିର୍ଦ୍ଧାରିତ ନୀତି ଅନୁଯାୟୀ ଜଳସେଇ (ଜଳାଭିଷେକ) କରାଯାଇଛି। ଚଳିତ ବର୍ଷ ମନ୍ଦିର ମୁଖ୍ୟ ପୂଜକ ସୁରେଶ ଚନ୍ଦ୍ର ପଟ୍ଟନାୟକ ମଧ୍ୟାହ୍ନ ୧ ଘଟିକାରେ ମା’ଙ୍କର ପୂଜାର୍ଚ୍ଚନା କରିବା ପରେ ବିଶ୍ୱାମିତ୍ର ବେରିହାଙ୍କ ପୁତ୍ର ନିଖିଲ ପ୍ରଥମେ ଜଳ ଅର୍ପଣ କରିଥିଲେ ଓ ପରେ ଭକ୍ତମାନେ ଜଳ ଅର୍ପଣ କରିଥିଲେ। ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ଜଳସେଇ ହୋଇଥାଏ। ସନ୍ଧ୍ୟାରେ ମହାଆଳତୀ ହେବା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ସକାଳ ୧୦ଟା ପର୍ଯ୍ୟନ୍ତ ଭକ୍ତ ମା’ଙ୍କର ଜଳସେଇ ଦର୍ଶନ କରିଥିଲେ । ଜଳାଭିଷେକର ପାଣିରେ ସ୍ନାନ କଲେ ବା ସେବନ କଲେ ବିଭିନ୍ନ ପ୍ରକାର ଦେହ ଖରାପ, ଜ୍ୱର ଓ ରୋଗ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

## ସୁବର୍ଣ୍ଣପୁର ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ପାଇଁ ପଦକ୍ଷେପ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସଭା ଗୃହ ଠାରେ ଅକ୍ଷୟ ତୃତୀୟା ଉପଲକ୍ଷେ ବାଲ୍ୟ ବିବାହ ନିରାକରଣ ପାଇଁ ବ୍ଲକ ସ୍ତରୀୟ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ସୋନପୁର ସିଡିପିଓ ସାଗରିକା ସ୍ୱାଇଁଙ୍କ ସଭାପତିତ୍ୱ ଆୟୋଜନ ଏହି ବୈଠକରେ ସୋନପୁର ବ୍ଲକ ଚେୟାରମ୍ୟାନ ପ୍ରହଲ୍ଲାଦ ନାଏକ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରତିକ କର, ଡିଏସ୍‌ପି ରେଣୁକା ସୁନା, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, ଡିସିପିଓ ଅଫିସ୍ ଷ୍ଟାଫ୍, ଯୋଗଦାନ କରିଥିଲେ । ଡିଏସ୍‌ପି ରେଣୁକା ସୁନା ବାଲ୍ୟ ବିବାହ ଆଇନ୍ ଓ ଦଣ୍ଡବିଧାନ ଉପରେ ବିସ୍ତାର ଭାବେ ଧାରଣା ଦେଇଥିଲେ। ସିଡିପିଓ ସାଗରିକା ସ୍ୱାଇଁ ବାଲ୍ୟ ବିବାହର କୁପରିଣାମ ବିଷୟରେ କହିଥିଲେ । ବାଲ୍ୟ ବିବାହକୁ କିପରି ଆମେ ଦୂର କରିପାରିବା ଓ ଏଥିପାଇଁ ଆମେ କେଉଁ ପନ୍ଥା ଅବଲମ୍ବନ କଲେ ଲୋକମାନେ ବାଲ୍ୟ ବିବାହ ନକରିବା ପାଇଁ ସଚେତନ ହୋଇପାରିବେ ସେହି ସମ୍ପର୍କରେ ଆଲୋଚନା କରାଗଲା । ଉପସ୍ଥିତ ଥିବା ବିଭିନ୍ନ ଅଞ୍ଚଳର ୱାର୍ଡ ମେମ୍ବର, ସରପଞ୍ଚ, ପ୍ରିଣ୍ଟିଙ୍ଗ ପ୍ରେସ୍ ମାଲିକ, ଜ୍ୟୋତିଷ, ଟେଣ୍ଟ ହାଉସ୍ କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, ମନ୍ଦିର ପୂଜକ କମିଟିର ସଦସ୍ୟ, ପିଆର୍‌ଆଇ ମେମ୍ବର ବାଲ୍ୟ ବିବାହ ଦୂରିକରଣରରେ ତାଙ୍କର ଭୂମିକା ସମ୍ପର୍କରେ କହିଥିଲେ । ପରେ ନିଜ ବ୍ଲକକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶପଥ ନେଇଥିଲେ । ସର୍ବ ଶେଷରେ ରୋଜିସ୍ମିତା ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ଜଣେ ଅଗ୍ନିବୀରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଆଇଏନ୍‌ଏସ୍ ଚିଲିକାରେ ପୁଣି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ସୋମବାର ଜଣେ ଅଗ୍ନିବୀରଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଅଗ୍ନିବୀର ଜଣକ ବିହାର ଭୋଜପୁର ଅଞ୍ଚଳର ବୋଲି ସୂଚନା ମିଳିଛି। ଦିନକ ପୂର୍ବରୁ ଅଗ୍ନିବୀରଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷେ ପୁଅର ମୃତ୍ୟୁକୁ ବାପା ସହଜରରେ ଗ୍ରହଣ କରୁନଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏପରିକି ସେ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷେ ଗତ ୮ ତାରିଖରେ ଅନ୍ୟଜଣେ ଅଗ୍ନିବୀରଙ୍କ ଆଇଏନ୍‌ଏସ୍ ଚିଲିକା ପରିସରରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା।



## ଗଛକୁ ଧକ୍କା ଦେଇ କାର୍‌ରେ ଲାଗିଲା ନିଆଁ:୬ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରବିବାର ଅପରାହ୍ନରେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞାପୀଠ ନିକଟରେ ଆଗ ଚକ ଫାଟିଯିବାରୁ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ର ଗଛକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହେବା ସହ ନିଆଁ ଲାଗିଯିବାରୁ ଜଣେ ନବ ଜାତକ ଶିଶୁ ସହ ମୋଟ୍ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ସହର ବଗିଚା ସାହିର ଶୁଭାଶିଷ ଆଚାର୍ଯ୍ୟ, ତାଙ୍କ ପତ୍ନୀ ସ୍ୱସ୍ତିକ ହୋତା, ଶାଶୁ କମଳିନୀ ହୋତା, ପୁଅ ଶ୍ରୀୟାନ୍ସ ଆଚାର୍ଯ୍ୟ ଓ ଏକ ୪ ଦିନର ନବ ଜାତକ ଶିଶୁ ଏକ କାର୍ ଯୋଗେ ଟିଟିଲାଗଡରୁ ବୌଦ୍ଧ ଫେରୁଥିଲେ । ଜହ୍ନାପଙ୍କ ଗାୟତ୍ରୀ ପ୍ରଜ୍ଞା ପିଠ ନିକଟରେ ହଠାତ୍ କାର୍‌ର ଗୋଟିଏ ଆଗ ଚକ ଫାଟି ଯିବାରୁ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା ଓ କାର୍ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ନିକଟରେ ଥିବା ବିଦ୍ୟୁତ ଫିଡରର କର୍ମଚାରୀ ଓ ସ୍ଥାନୀୟ ଲୋକେ ନିଆଁ ଲିଭାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ । ଦୁର୍ଘଟଣାରେ କାର୍ ଚାଳକ ପ୍ରଭୁଦତ୍ତ ସିଂଙ୍କ ସମେତ ଗାଡ଼ିରେ ଥିବା ଆଚାର୍ଯ୍ୟ ପରିବାରର ସମସ୍ତ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ଏହି ସମୟରେ ବୌଦ୍ଧ ପୋଲିସ ଡାକ୍ତରଖାନାରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ପଚାର ଉଚରା କରି ଅଧିକ ତଦନ୍ତ ଜାରି ରଖିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ଚନ୍ଦ୍ର / ୨ଶୁ | ଲର | କୁମଙ୍ଗଶ୧୨ / ରା୧୧ |
| ୪ | ୬ / ୩ | ୧୦ |
| ୫କେ / ୬ | ୭ | ୯ / ୮ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୨।୦୪।୨୦୨୬, ବୈଶାଖ ଦି୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୪୭ ଚନ୍ଦ୍ରୋଦୟ- ଦିଘ ୯।୩୩।୨୨**

ଷଷ୍ଠୀ ରାଘ ୧୦।୫୦ ପର୍ଯ୍ୟନ୍ତ । ଆର୍ଦ୍ରା ନକ୍ଷତ୍ର ରାଘ ୧୦।୧୬ ପର୍ଯ୍ୟନ୍ତ, **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ ୧୦।୫୦ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୯ ଗତେ ଦିଘ ୭।୧୦ ମଧ୍ୟେ । ଦିଘ ୧୦।୧୨ ଗତେ ଦିଘ ୧୧।୨୧ ମଧ୍ୟେ । **ପର୍ବୋତ୍ସବ-** ରାମାନୁଯାଚାର୍ଯ୍ୟ ଜୟନ୍ତୀ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ଲାଭ ହେବ। ମହିଳାମାନେ ସୁଖୀ ହେବେ ।

**ବୃଷ:** ଦୃଢ଼ତାର ସହିତ କର୍ମ କରି ବେଶ୍ ଫଳପ୍ରଦ ହେବେ। ରୋଜଗାରରେ ଉନ୍ନତି ହେବ। ସତ କଥା କହି ବିବାଦ ଘେରରେ ପଡ଼ିପାରନ୍ତି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।

**ମିଥୁନ:** ସ୍ୱାଧୀନତା ରହିବନାହିଁ। ଆଶାବାଦୀ ହୋଇ କାର୍ଯ୍ୟ ସଫଳତା ହାସଲ କରିବେ। ମାନସିକ ସ୍ଥିତି ଭଲ ରହିବନାହିଁ। ରୋଜଗାର ଭଲ ହେବ। ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।

**କର୍କଟ:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହେବେ। ଅନ୍ୟମାନଙ୍କ କଥାରେ ପଡ଼ି ନିଜକୁ ଭୁଲ୍ ବୁଝିବେ। ଆୟରେ ବାଧା ଜାତ ହେବ। ମହିଳାମାନେ ନିଜ ସ୍ୱାର୍ଥ ପାଇଁ କାମ କରିବେ। ଗୃହେ ଆନନ୍ଦ।

**ସିଂହ:** ଆଜି ଆପଣଙ୍କର ଆୟ ଭଲ ହେବ। ଘରେ ସୁଖ ଶାନ୍ତି ବଜାୟ ରହିବ। ଦୂରଯାତ୍ରା କରି ଆପଣ ନିଜର ପୁରୁଣା କାମକୁ ସମାପ୍ତ କରିବେ। ଶତ୍ରୁଙ୍କ ଠାରୁ ଦୂରେଇ ରହିବେ। ଶୁଭ ଖବର ପାଇ ଖୁସି ହେବେ ।

**କନ୍ୟା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ପୂରଣ ହେବ। ଗୁରୁଜନଙ୍କ ଆଶିର୍ବାଦରୁ ବଞ୍ଚିତ ହେବେ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ ଜଞ୍ଜାଳ ଲାଗି ରହିବ। ପିଲାମାନେ ପଢ଼ାପଢ଼ିରେ ମନଦେବେ ।

**ତୁଳା:** ଦେବ ପୂଜାର୍ଚ୍ଚନା ସହିତ ଦେବ ଦର୍ଶନର ସୁବିଧା ପାଇବେ। ମନରେ ଭକ୍ତି ଭାବ ଜାଗ୍ରତ ହେବ। ସତ୍ ମାର୍ଗରେ ପରିଚାଳିତ ହେବେ। ମଧ୍ୟାହ୍ନେ ଟେନ୍‌ସନ୍ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ଗୃହେ ଆନନ୍ଦ।

**ବିଛା:** ଶାରୀରିକ ଅସୁସ୍ଥତା ଲାଗିବ। ସାମାଜିକ କାର୍ଯ୍ୟରେ ଯୋଗଦାନ କରିବେ। କର୍ମକ୍ଷେତ୍ରରେ ସହଯୋଗ ଓ ସାହାଯ୍ୟ ମିଳିବ। ରୋଜଗାରରେ ଉନ୍ନତି ଦେଖାଦେବ। ଘରେ କଳହ ଦେଖାଦେବ ।

**ଧନୁ:** ଶତ୍ରୁ ହାନୀ କରି ଗନ୍ତବ୍ୟ ପଥରେ ଆଗେଇ ଯିବେ। କର୍ମକ୍ଷେତ୍ରରେ ବାଧା ଉପୁଜିପାରେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ସୁଖ ଶାନ୍ତିରେ ସମୟ କଟିବାର ସୂଚନା ।

**ମକର:** ଆଜି ଦିନଟି ଶୁଭ କାମ ପାଇଁ ଉତ୍ତମ ଅଟେ। କଚେରୀ କ୍ଷେତ୍ରରେ ସମସ୍ତ ସମସ୍ୟା ସମାଧାନ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ଆୟ ଭଲ ହେବ। ଗୃହେ ସୁଖ ଶାନ୍ତି ଲାଭ କରିବେ ।

**କୁମ୍ଭ:** ଚାକିରୀ କ୍ଷେତ୍ରରେ ମତାନ୍ତର ଦେଖାଦେବ। ଉଚ୍ଚ ସ୍ତରର ଲୋକଙ୍କ ସାଙ୍ଗେ ଭଲ ରହିବ। ପାରିବାରିକ ସୁଖ ଶାନ୍ତିରେ କଟିବ। ରୋଜଗାର ଭଲ ହେବ। ମହିଳାମାନେ ପର ଚର୍ଚ୍ଚାରେ ସମୟ କାଟିବେ ।

**ମୀନ:** ଅସହଯୋଗରୁ ବିରକ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଆଧିପତ୍ୟର ବିସ୍ତାର ବିପଦ ସୃଷ୍ଟି କରିବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଗୃହେ ଶାନ୍ତି ଅବ୍ୟାହତ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୩।୦୪।୨୦୨୬, ବୈଶାଖ ଦି୧୦ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୨୫।୦୬ ଚନ୍ଦ୍ରୋଦୟ- ଦିଘ ୧୦।୪୦।୩୧**

ସପ୍ତମୀ ରାଘ ୮।୫୧ ପର୍ଯ୍ୟନ୍ତ । ପୁନର୍ବସୁ ନକ୍ଷତ୍ର ରାଘ ୮।୫୯ ପର୍ଯ୍ୟନ୍ତ, **ମିଥୁନ ଚନ୍ଦ୍ର-** ଦିଘ ୩।୧୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ଦିଘ ୩।୧୫ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। ଦିଘ ୩।୧୫ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୮।୫୧ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୮ ଗତେ ଦିଘ ୭।୦୯ ମଧ୍ୟେ । ଦିଘ ୧୦।୩୦ ଗତେ ଦିଘ ୧।୦୩ ମଧ୍ୟେ ।

ସମ୍ବାଦ କଳିକା 32 YEARS
ସମ୍ପାଦକୀୟ

# ପୋସ୍କୋ- ଜେଏସ୍‌ଡବ୍ଲ୍ୟୁ ୭୦,୦୦୦ କୋଟି ନିବେଶ ନେଇ ବୁଝାମଣା ସ୍ୱାକ୍ଷର

ଢେଙ୍କାନାଳ ଜିଲ୍ଲାରେ ହେବାକୁ ଯାଉଛି ବାର୍ଷିକ ୬ ନିୟୁତ ଟନ ଉତ୍ପାଦନ କ୍ଷମତାଯୁକ୍ତ ଏକ ନୂଆ ସମନ୍ୱିତ ଷ୍ଟିଲ୍ ପ୍ଲାଣ୍ଟ । ଦକ୍ଷିଣ କୋରିଆର ପୋସ୍କୋ ଏବଂ ଭାରତର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ମିଳିତ ହୋଇ ଏହାକୁ ନିର୍ମାଣ କରିବେ । ଏଥିପାଇଁ ଉଭୟ କମ୍ପାନୀଙ୍କ ମଧ୍ୟରେ ସୋମବାର ଏକ ଯୌଥ ଉଦ୍ୟୋଗ ବୁଝାମଣା ସ୍ୱାକ୍ଷର ହୋଇଛି । ଏହି ପ୍ରକଳ୍ପ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ପୂର୍ଣ୍ଣ ମାଲିକାନାଯୁକ୍ତ ସହାୟକ କମ୍ପାନୀ ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ ହେବ । ବର୍ତ୍ତମାନ ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ୫୦:୫୦ ଯୌଥ ଉଦ୍ୟୋଗ ପାଲଟିବ ଏହି କମ୍ପାନୀ । ଚୂଡ଼ାନ୍ତ ବୁଝାମଣା ମୁତାବକ, ଉଭୟ କମ୍ପାନୀ ଓଡ଼ିଶାରେ ଏହି ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣରେ ମିଳିତ ଭାବେ ୭.୩ ବିଲିୟନ ଡଲାର ବା ପାଖାପାଖି ୬୮,୫୦୦ କୋଟି ଟଙ୍କା ନିବେଶ କରିବେ । ପୋସ୍କୋ ଗ୍ରୁପ୍ ଅଧ୍ୟକ୍ଷ ଜାଙ୍ଗ୍ ଇନ୍-ହ୍ୱା, ପୋସ୍କୋ ସଭାପତି ଲି-ହି-ଜିଓନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଏମ୍‌ଡି ଜୟନ୍ତ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଯୌଥ ଉଦ୍ୟୋଗ ରାଜିନାମା ସ୍ୱାକ୍ଷର ହୋଇଯାଇଛି । ଚୁକ୍ତି ଅନୁସାରେ, ପ୍ରକଳ୍ପରେ ଉଭୟ ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲର ୫୦% ଲେଖାଏଁ ଅଂଶଧନ ରହିବ । ଏହା ଏକ ସମନ୍ୱିତ ଇସ୍ପାତ କାରଖାନା ହେବ, ଯାହା ଗୋଟିଏ ସ୍ଥାନରେ ସମଗ୍ର ଉତ୍ପାଦନ ପ୍ରକ୍ରିୟାକୁ ଅନ୍ତର୍ଭୁକ୍ତ କରିବ । ୨୦୩୧ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟ ସମାପ୍ତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି । ବୁଝାମଣା ଅନୁସାରେ, ଯୌଥ ଉଦ୍ୟୋଗ ବୋର୍ଡରେ ସମାନ ସଂଖ୍ୟକ ନିର୍ଦ୍ଦେଶକ ନିଯୁକ୍ତି କରିବାର ଅଧିକାର ଉଭୟ କମ୍ପାନୀଙ୍କ ନିକଟରେ ରହିବ । ପୋସ୍କୋ ସିଇଓ ଲି ହି-ଜିଓନ୍ କହିଛନ୍ତି, ଏହି ଯୁଗ୍ମ ନିବେଶ ଦ୍ୱାରା ଆମେ ଜେଏସଡବ୍ଲ୍ୟୁ ଗ୍ରୁପର ମଜଭୁତ ସ୍ଥାନୀୟ ପ୍ରତିସ୍ପର୍ଦ୍ଧା ସହ ପୋସ୍କୋର ଅଭିନବ ଇସ୍ପାତ ପ୍ରଯୁକ୍ତିକୁ ମିଶ୍ରଣ କରିବୁ । ଉଭୟ ଦେଶର ଶିଳ୍ପ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହେବ । ଭାରତରେ ଏକ ଉତ୍ପାଦନ ହବ୍ ସ୍ଥାପନ କରିବା ଏବଂ ନିଜର ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପୋସ୍କୋ ଏହି ନିବେଶ କରୁଛି । ଏଭଳି ସମୟରେ ଏହି ଯୌଥ ଉଦ୍ୟୋଗ ଗଠନ ହୋଇଛି, ଯେତେବେଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗ୍ ଭାରତ ଗସ୍ତରେ ଆସିଛନ୍ତି । ସେ ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ବୈଠକ କରି ଦୁଇ ଦେଶ ମଧ୍ୟରେ ସହଯୋଗିତାକୁ ବଢ଼ାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାବେଳେ ଏହି ବୁଝାମଣା ସ୍ୱାକ୍ଷର ହୋଇଛି । ଦକ୍ଷିଣ କୋରିଆ ରାଷ୍ଟ୍ରପତି କହିଛନ୍ତି, ଭାରତ ସହ ଦକ୍ଷିଣ କୋରିଆ ପ୍ରମୁଖ ଖଣିଜ ପଦାର୍ଥ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଜାହାଜ ନିର୍ମାଣ, ପରମାଣୁ ଶକ୍ତି ଏବଂ ସ୍ୱଚ୍ଛ ଶକ୍ତି ଭଳି କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ଚାହେଁ ।

# ଓଡ଼ିଆ ଜାତିର କର୍ମବୀର ଗୌରୀଶଙ୍କର



ଡ. ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

ସମୟର ବିବର୍ତ୍ତନରେ ଓଡିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ପରେ ଏ ରାଜ୍ୟର ଶାସନ କ୍ଷେତ୍ରରେ ଅରାଜକତା ସୃଷ୍ଟି ହୋଇଥିଲା । ମୋଗଲ, ଆଫଗାନ, ମରହଟ୍ଟା ଓ ଇଂରେଜ ମାନଙ୍କ ଶାସନରେ ଓଡିଶାବାସୀଙ୍କ ଦୁଃଖ ଓ ଯନ୍ତ୍ରଣାର ସୀମା ରହିନଥିଲା । ଏହି ଶାସକମାନଙ୍କ ବିରୋଧରେ ସ୍ୱର ଉଠାଇବାର ସାହସ କୌଣସି ବ୍ୟକ୍ତିର ନଥିଲା । ପରେ ପରେ ଇଂରେଜ ମାନଙ୍କ ଦ୍ୱାରା ଖ୍ରୀଷ୍ଟ ଧର୍ମର ପ୍ରଚାର କରିବା ପାଇଁ ପ୍ରୟାସ ଆରମ୍ଭ ହେଲା । ଏହି ଧର୍ମର ପ୍ରଚାର ପାଇଁ ବିଭିନ୍ନ ପତ୍ର ପତ୍ରିକାର ଶୁଭାରମ୍ଭ ହେଲା । ଯେପରି ଜ୍ଞାନାରଣ, ଅରୁଣୋଦୟ ଓ ପ୍ରବୋଧ ପତ୍ରିକା ପ୍ରଭୃତି । ଠିକ ସେହି ସମୟରେ ଓଡିଶାରେ ନ ଅଙ୍କ ଦୁର୍ଭିକ୍ଷ ପଡିଥିଲା । ଊନଂବିଂଶ ଶତାବ୍ଦୀର ତୃତୀୟ ଭାଗରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ସମ୍ବାଦପତ୍ର ଓ ସାମ୍ବାଦିକ ମାନେ ବଳିଷ୍ଠ ନେତୃତ୍ୱ ନେଇଥିଲେ । ଜାତୀୟ ଜୀବନର ସମୃଦ୍ଧି ସେମାନଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ୧୮୩୬ ମସିହାରୁ ମୁଣ୍ଡ ଟେକି ଥିବା ବିଦ୍ରୋହ, ଓଡିଆ ଭାଷା ସୁରକ୍ଷା ଆନ୍ଦୋଳନ ଓ ପରବର୍ତ୍ତୀ ସମୟରେ ୧୮୭୦ ମସିହା କ୍ରାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଗ୍ରନ୍ଥର 'ଉଡିଆ ସ୍ୱତନ୍ତ୍ର ଭାଷା ନୁହେଁ 'ଆତ୍ମ ପ୍ରକାଶ କରିଥିଲା । ସ୍ୱାଭିମାନୀ ମଣିଷ ମାନଙ୍କ ମନରେ ଏହା ବିଦ୍ରୋହର ନିଆଁ ଲାଗାଇ ଥିଲା । ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ସାମ୍ବାଦିକତାର ପୃଷ୍ଠଭୂମୀ ତଥା ପରମ୍ପରାରେ ଜନ୍ମ ନେଇଥିବା ଗୌରୀଶଙ୍କରଙ୍କ ସପାଦନରେ ପ୍ରଥମ ଓଡିଆ ପତ୍ରିକା ଉତ୍କଳ ଦୀପିକା ଆତ୍ମ ପ୍ରକାଶ ଲାଭ କଲା । ଏହି ପତ୍ରିକା ଓଡିଆ ଜନଜୀବନର ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୮୬୬ ରୁ ୧୯୧୫ ମଧ୍ୟରେ ଓଡିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନର ଏକ ଜୀବନ୍ତ ପ୍ରତିଛବି ଭାବେ ଏହା ଆତ୍ମ ପ୍ରକାଶ ଲାଭ କରିଥିଲା । ଓଡିଶାର ଜନମାନସରେ ଏହା ନବ ଉନ୍ମାଦ ଖେଳାଇ ଦେଇଥିଲା । ଏହି ପତ୍ରିକା ସେ ସମୟର ପ୍ରତ୍ୟେକ ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ଜାଗରଣର ଆଦ୍ୟ ଓଁ କାର ସୃଷ୍ଟି କରି ପାରିଥିଲା । ଏହା ସାପ୍ତାହିକ ସମ୍ବାଦପତ୍ର ରୂପେ ପ୍ରକାଶ ପାଇଥିଲେ ମଧ୍ୟ ଓଡିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଏହା ସଂଗ୍ରାମୀର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ଉତ୍କଳ ଦୀପିକା ଓଡିଶାର ଏକ ବିସ୍ମୟକର ସମ୍ବାଦପତ୍ରର ଭୂମିକା ନେଇଥିଲା ।

ଏହି ସମ୍ବାଦପତ୍ରର ସୁଯୋଗ୍ୟ ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ସେ ଥିଲେ ଜଣେ ବିଶିଷ୍ଟ ସାମ୍ବାଦିକ ଓ ସଂଗଠକ । କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ଦୀକ୍ଷିତପଡାରେ ୧୮୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟ କାଳରୁ ତାଙ୍କ ଧୀଶକ୍ତିର ପରିଚୟ ମିଳିଥିଲା । ଶିଶୁ ଅବସ୍ଥାରୁ ସେ ଥିଲେ ଅଦମ୍ୟ ସାହସୀ, ସ୍ପଷ୍ଟବାଦୀ, ନିର୍ଭିକ ଓ ସତ୍ୟବାନ ବ୍ୟକ୍ତିତ୍ୱ । ଅସାମାନ୍ୟ ଗୁଣର ସେ ଅଧିକାରୀ ଥଲେ । ଜନ୍ମମାଟିର ଉନ୍ନତି, ଓଡିଶା ଲୋକ ମାନଙ୍କର ଦୁଃସ୍ଥିତି, ଓଡିଆ ଭାଷା ଏବଂ ସାହିତ୍ୟର ଦୁଃସ୍ଥ ଅବସ୍ଥା ତାଙ୍କୁ ବିଚଳିତ କରିଥିଲା । ସେଥିପାଇଁ ସେ ଗାଁ ଛାଡି କଟକ ଚାଲି ଆସିଥିଲେ । ତାଙ୍କ ସଂସ୍ପର୍ଶରେ ଆସିଥିବା ବନ୍ଧୁ ମାନଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ । ନିର୍ଭିକ ସଂପାଦକ ଗୌରୀ ଶଙ୍କର ରାୟ ୧୮୬୪ ମସିହାରେ କଟକ ସହରର ଦରଘାବଜାର ଠାରେ 'କଟକ ପ୍ରିଣ୍ଟିଂ କମ୍ପାନୀ' ନାମରେ ଏକ ସଂସ୍ଥା ଆରମ୍ଭ କରିଥିଲେ । ଏହି କମ୍ପାନୀ ସହିତ ପ୍ରଥମେ ମଧୁସୂଦନ ଦାସ, ମାୟାଧର ଦାସ, ଲକ୍ଷ୍ମୀ ନାରାୟଣ ରାୟ, ବିହାରୀଲାଲ ପଣ୍ଡିତଙ୍କ ସହ ଅନ୍ୟ କେତେ ଜଣ ଏହି କମ୍ପାନୀର ଅଂଶୀଦାର ହୋଇଥିଲେ । ଏଥିରେ କମ୍ପାନୀର ନିର୍ଦ୍ଦେଶକ ଭାବେ ବିଚିତ୍ରାନନ୍ଦ ଦାସଙ୍କ ସମେତ ପ୍ରାୟ ୧୦ ଜଣ ସଂପୃକ୍ତ ଥିଲେ । ଏହା ପ୍ରତିଷ୍ଠିତ କମ୍ପାନୀ ହେଲା । ଏହାର ସଂପାଦକ ଦାୟୀତ୍ୱ ବହନ କରିଥିଲେ କର୍ମବୀର ଗୌରୀ ଶଙ୍କର ରାୟ । ପ୍ରଥମ ଛାପା ଅକ୍ଷରରେ ୧୮୬୬ ମସିହାରେ ସାପ୍ତାହିକ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ଲୋକାର୍ପିତ ହୋଇଥିଲା । ରାଜସେବାର ଆକଟ ମଧ୍ୟରେ ଥାଇ ଗୋଟିଏ ସଙ୍କଟ ସମୟରେ ଦେଶସେବାର ଗୁରୁଭାର ବହନ କରିବାକୁ ସମ୍ମତି ପ୍ରକାଶ କରିବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଭାବେ ଦେଶପ୍ରେମୀର ପରିଚୟ ଦେଇଥିଲେ ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ନାନା ସମସ୍ୟା ମଧ୍ୟରେ ସଂପାଦକ କାର୍ଯ୍ୟକୁ ଅପରାଜିତ ଭାବେ ସେ ଚଳାଇ ପାରିଥିଲେ । ୫୦ ବର୍ଷ କାଳ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ଜଣେ ବିରଳ ବ୍ୟକ୍ତିତ୍ୱର ନିଦର୍ଶନ । କେବଳ ଦେଶପ୍ରେମ ଓ ଜାତିପ୍ରୀତି ଉତ୍ସର୍ଗିକୃତ ଭାବରୁ ଏହା ସମ୍ଭବ ହୋଇଥିଲା ।

ଧୀର ଓ ନମ୍ର ଭାବରେ ଆପଣାର ମତକୁ ବୁଦ୍ଧିର ପ୍ରୟୋଗ ଦ୍ୱାରା ସରକାରଙ୍କ ନିକଟରେ ସେ ଉପସ୍ଥାପନ କରି ପାରୁଥିଲେ । ନିର୍ଭିକ ସଂପାଦକ ଗୌରୀଶଙ୍କର ତାଙ୍କ ସଂପାଦିତ ଉତ୍କଳ ଦୀପିକାର ପଂଚମ ଭାଗ ସଂଖ୍ୟାରେ ଲେଖିଥିଲେ – 'ବିଶୁଦ୍ଧ ଓଡିଆ ଶବ୍ଦମାନ ଯେବେଥରେ ତାଙ୍କ କର୍ଣ୍ଣ ପ୍ରବେଶ ହୋଇଥାନ୍ତା, ତେବେ ସେ ଏତେ ବଣା ହୁଅନ୍ତେ ନାହିଁ । କାନ୍ତିଚନ୍ଦ୍ର ଏ ଗ୍ରନ୍ଥରେ ପାଠକଙ୍କୁ ଏକ ପ୍ରକାର ପ୍ରତାରଣା କରିଛନ୍ତି ବୋଲିବାକୁ ହେବ । ନୋହିଲେ ସେ ଆପେ ଆପେ ପ୍ରତାରିତ ହୋଇ ଅଛନ୍ତି । ଯେହେତୁ କିଛି ଓଡିଆ ନଜାଣି ସବୁ ଜାଣିଥିବାର ପ୍ରକାଶ କରନ୍ତି, ଏଥିରୁ ବଳିକରି ଗାଲୁଆ ପଣ ଆଉ ଦେଖାନାହିଁ । ଏ ଦୁଇ ଭାଷାକୁ ପୃଥକ ବୋଲିବାକୁ ହେବ ଓ କ୍ରାନ୍ତିବାବୁ ଯେତେ ପୁସ୍ତକ ରଚନା କରନ୍ତୁ, ଦୁଇ ଭାଷା କଦାଚ ଏକ ହୋଇ ନପାରିବ ।' ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ, ଓଡିଆ ଭାଷା ସମ୍ପର୍କରେ କ୍ରାନ୍ତିଚନ୍ଦ୍ରଙ୍କ ମନ୍ତବ୍ୟକୁ ଖୋଲାଖୋଲି ଭାବେ ସେ ଉତ୍କଳ ଦୀପିକାରେ ସମାଲୋଚନା କରିଛନ୍ତି ।

ସେ ସମୟରେ ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ ଉତ୍କଳ ଦୀପିକା ହିଁ ଥିଲା ସଂଯୋଗର କେନ୍ଦ୍ରବିନ୍ଦୁ । ଉତ୍କଳ ଦୀପିକାର ମୁଖବନ୍ଧରେ ବଂଶୀଧର ମହାନ୍ତି ଲେଖିଛନ୍ତି– '୧୮୬୬ ନ ଅଙ୍କ ଦୁର୍ଭିକ୍ଷ ବେଳେ ଜନତାର ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନଥାନ୍ତା, ତେବେ ଆହୁରି ଯେ କେତେ ଲକ୍ଷ ଲୋକ ମୃତ୍ୟୁ ବରଣ କରିଥାନ୍ତେ, ତାହା କହି ହୋଇ ନଥାନ୍ତା ।' ଗୌରୀ ଶଙ୍କର ନିର୍ଭିକ ଭାବରେ ଜନସାଧାରଣଙ୍କ କରାଳ ମୃତ୍ୟୁକୁ ଲୋକଲୋଚନକୁ ଆଣିଥିଲେ । ଏହି ସମ୍ବଦପତ୍ରର ଭାଷା ଥିଲା ଭାବ ଗମ୍ଭୀର, ଶକ୍ତଶାଳୀ, ବ୍ୟଙ୍ଗାତ୍ମକ ଓ କଟୁକ୍ତିରେ ପରିପୂର୍ଣ୍ଣ । ନିଜେ କର୍ମବୀର ଉତ୍କଳ ଦୀପିକାରେ ଲେଖିଛନ୍ତି– 'ଦୁଃଖର ବିଷୟ ଯେ ସାହାଯ୍ୟ କର୍ମ ପ୍ରକୃତ ରୂପ ନିର୍ବାହ ହେଉନାହିଁ । ଅସହାୟ ବାଳକ ବାଳିକାଙ୍କ ରକ୍ଷା ପ୍ରସଙ୍ଗ ପ୍ରାୟ ତିନିମାସ ହେଲା ସାହାଯ୍ୟ କୁମେଟୀଙ୍କ ମନେ ପଡିଥିଲା । ତତ୍ରାଚ ସେମାନଙ୍କ ଦୂରାବସ୍ଥା ଯେ ଏପର୍ଯ୍ୟନ୍ତ ମୋଚନ ନହେଲା । ଏଥିରେ ଦୋଷ କାହା ଉପରେ ଦିଆଯାଇ ପାରେ ।' ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଇଂରେଜ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ଗୌରୀ ଶଙ୍କରଙ୍କ ପ୍ରତିବାଦ ସ୍ୱର କିପରି ଶାଣିତ ତଥା ବିଦ୍ରୁପାତ୍ମକ ହୋଇଥିଲା ।

ସେହିପରି ଊନଂବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ, ରାଜନୈତିକ, ମାନବିକ ଓ ଧର୍ମଧାରାକୁ ସେ ସ୍ପଷ୍ଟ ଭାବେ ଉପଲବ୍ଧି କରିଥିଲେ । ପତ୍ରିକାର ବିଭିନ୍ନ ସଂଖ୍ୟାରେ ଓଡିଶାର ଜନସାଧାରଣଙ୍କୁ ଏସବୁ ଜଣାଇ ଥିଲେ । ସେ ଥିଲେ ବ୍ରାହ୍ମ୍ୟଧର୍ମାବଲମ୍ବି । ହିନ୍ଦୁ ଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଆନୁଗତ୍ୟ । ଶ୍ରୀ ଜଗନ୍ନାଥଙ୍କ ଧର୍ମ, ସଂସ୍କୃତି ପ୍ରତି ଥିଲା ତାଙ୍କର ଗଭୀର ଶ୍ରଦ୍ଧା । ଇଂରେଜମାନେ ଯେତେବେଳେ ପୁରୀର ଠାକୁର ରାଜା ଦିବ୍ୟସିଂହ ଦେବଙ୍କୁ ଦ୍ୱୀପାନ୍ତର ଦଣ୍ଡ ପ୍ରଦାନ କରିଥିଲେ, ସେତେବେ ଏହି କାର୍ଯ୍ୟକୁ ଗୌରୀଶଙ୍କର କଠୋର ସମାଲୋଚନା କରି ଲେଖିଥିଲେ । ସେହି ଲେଖାରୁ ଇଂରେଜ ମାନଙ୍କ ବର୍ବରୋଚିତ କାଣ୍ଡକୁ ଓଡିଶାବାସୀ ଠିକ ଭାବେ ବୁଝି ପାରିଥିଲେ ଓ ଜନସାଧାରଣଙ୍କ ଭିତରେ ଏକ ବିରୋଧାଭାସ ଜାଗ୍ରତ ହୋଇଥିଲା ।

କେବଳ ଦେଶ ମାତୃକାର ସୁରକ୍ଷା କ୍ଷେତ୍ରରେ ଗୌରୀଶଙ୍କର ସ୍ୱର ଉତ୍ତୋଳନ କରି ନଥିଲେ ତଦ୍‌ବ୍ୟତୀତ ଓଡିଆ ଭାଷାର ସୁରକ୍ଷା ଓ ପ୍ରଚୀନ କାବ୍ୟ କବିତାର ପୁନରୁଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଇଂରେଜ ଶିକ୍ଷାର ପ୍ରସାର କରି ଇଂରେଜ ମାନେ ଓଡିଶା ବାସୀଙ୍କୁ ପଙ୍ଗୁ କରିବାର ଯେଉଁ ଲକ୍ଷ୍ୟ ଥିଲା, ତାହା ଗୌରୀଶଙ୍କର ମର୍ମେ ମର୍ମେ ଉପଲବ୍ଧି କରିଥିଲେ । ସେଥିପାଇଁ ଉତ୍କଳ ଦୀପିକାରେ ଓଡିଶାର ଯୁବଗୋଷ୍ଠୀଙ୍କୁ ନିଜ ସାହିତ୍ୟ, ସଂସ୍କୃତି, ଧର୍ମ, ପରମ୍ପରା, ସଂସ୍କାର, କଳା ପ୍ରଭୃତି ପ୍ରତି ନିଷ୍ଠା ରଖିବାକୁ ବାରମ୍ବାର ପରାମର୍ଶ ପ୍ରଦାନ କରୁଥିଲେ । ନିଜ ଭାଷାର ସୁରକ୍ଷା ପାଇଁ ସେ ନିଜକୁ ଜଣେ ବ୍ୟଙ୍ଗକାର ଭାବେ ଉପସ୍ଥାପନ କରିବାକୁ କୁଣ୍ଠାବୋଧ କରୁ ନଥିଲେ ।

ବଙ୍ଗାଳୀମାନେ ଓଡିଆ ସାହିତ୍ୟର ଅସାରତା ପ୍ରତିପାଦନ କରିବା ସହ ଭାଷାର ଅସ୍ତିତ୍ୱ ନେଇ ଯେଉଁ ପ୍ରଶ୍ନ ଉଠାଇଥିଲେ, ଗୌରୀଶଙ୍କର ସେମାନଙ୍କ ଯୁକ୍ତିକୁ ପ୍ରମାଣର ସହ ଅମୂଳକ ବୋଲି ଉପସ୍ଥାପନ କରିଥିଲେ । ୧୯୧୬ ଉତ୍କଳ ସାହିତ୍ୟର ବାର୍ଷିକ ଅଧିବେଶନରେ ନିଜର ଅଭିଭାଷଣରେ ଜଣେ ନିରପେକ୍ଷ ବ୍ୟକ୍ତିତ୍ୱ ଭାବରେ ପ୍ରାଚୀନ ସାହିତ୍ୟ ପ୍ରତି ତାଙ୍କର ଗଭୀର ଦୁର୍ବଳତା ଥିବା ସତ୍ତ୍ୱେ ଆଧୁନିକ ସାହିତ୍ୟର ବିଭିନ୍ନ ବଭାଗର ବିକାଶ ପାଇଁ ସେ ଅଭିଭାଷଣ ପ୍ରଦାନ କରିଥିଲେ । ଓଡିଆ ସାହିତ୍ୟ ଇତିହରସରେ ଉତ୍କଳ ଦୀପିକା ମଧ୍ୟରେ ଗୌରୀଶଙ୍କର ବାର୍ତ୍ତାମୁଖୀ ସମାଲୋଚନାର ଧାରାକୁ ପ୍ରସାରିତ କରିଥିଲେ । ଓଡିଆ ସାହିତ୍ୟରେ ପ୍ରଥମ ସମାଲୋଚକ ଭାବେ ସମାଲୋଚନାର ପଦ୍ଧତିକୁ ସୃଷ୍ଟି କରିଥିଲେ । କିନ୍ତୁ ସେ ସମାଲୋଚନା ମଧ୍ୟରେ ଥିଲା ଗଠନ ମୂଳକ ମନ୍ତବ୍ୟ ।

ବାସ୍ତବରେ ଓଡିଆ ସାମ୍ବାଦିକତାରେ ସେ ଥିଲେ ଜଣେ ସଚ୍ଚା କର୍ମବୀର । ସାମ୍ବାଦିକତାର କର୍ମବିକାଶରେ ଉତ୍କଳ ଦୀପିକାର ସ୍ଥାନ ସର୍ବଦା ଅବିସ୍ମରଣୀୟ । ଓଡିଶା ମା କୋଳରେ ଯଦି ଏପରି କର୍ମଯୋଗୀ ସନ୍ତାନ ତେବେ ଓଡିଶାର ଅଗ୍ରଗତି ଆହୁରି ଶହେ ବର୍ଷ ପଛକୁ ଚାଲି ଯାଇଥାନ୍ତା । କାମଳ ସାମ୍ବାଦିକତାର ବହୁ ଉର୍ଦ୍ଧ୍ୱରେ ରହି ସାଧୁତା ଓ ସଙ୍କୋଚତାକୁ ନିଜ ବ୍ୟକ୍ତିତ୍ୱର ପରିଚୟ କରି ପାରିଥିଲେ । ଓଡିଆ ଭାଷା ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଉତ୍କଳ ଦୀପିକା ସଂଜୀବନୀ ପରି କାର୍ଯ୍ୟ କରିଥିଲେ । ଏହି ମହାନ କର୍ମବୀରଙ୍କ ମହାନ ପ୍ରତିଭା ଅନ୍ତ ୧୯୦୭ ମସିହାରେ ହୋଇଥିଲା । କର୍ମବୀର ଗୌରୀଶଙ୍କରଙ୍କ ଶରୀର ସିନା ପଂଚଭୂତରେ ଲୀନ ହୋଇଛି, ଆଜି ବି ଉତ୍କଳ ଦୀପିକା ଏ ଜାତିର ଅମଳିନ ସ୍ୱାକ୍ଷର ବହନ କରିଛି । ଓଡିଆ ଭାଷା ସାହିତ୍ୟର ନୂତନ ଅଭ୍ୟୁତ୍ଥାନରେ କର୍ମବୀର ଗୌରୀଶଙ୍କର ବର୍ତ୍ତମାନ ମଧ୍ୟ ଆମ ପାଇଁ ପ୍ରେରଣାର ଉତ୍ସ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---



### ମାୟାଜାଲ

ମୁଁ ଏକ ନୀଡ ହରା
ପକ୍ଷହୀନ ପକ୍ଷୀ ।
ମୋ ଅନ୍ତର ଭାଷା
କିଏ ବା ବୁଝିବ ?
ସମସ୍ତେ ବ୍ୟସ୍ତ ।
କିଏ କେତେ ଭାବନା କରୁଛି
କିଏ କେତେ କଳ୍ପନ କରୁଛି ।
କିନ୍ତୁ ମାଟି ତ ସ୍ଥିର ଅଛି ।
ପବନ ବି ସ୍ଥିର ଅଛି
ଆକାଶ ଅଟଳ ଅଛି
ବୃକ୍ଷ ତଥୈବଚ ।
କିନ୍ତୁ ଏ ଜଗତର ଜୀବ
କାହିଁକି ଏତେ ଅସ୍ଥିର ?
ଏ ଅସ୍ଥିରତା
ଆସୁଛି କେଉଁଠୁ, କିଏ କରୁଛି
ସବୁ ଇନ୍ଦ୍ରଜାଲ, ସବୁ କ୍ଷଣିକ ।
ତଥାପି ଭାବନାକୁ
ହୃଦୟରେ ବନ୍ଦୀକରି
ଭଗବବାନଙ୍କୁ ସାକ୍ଷୀ ଦେବା ଛଡା
ଆଉ ଉପାୟ ନାହିଁ ।
ସରଳ ମନକୁ ଯେଉଁଠାରେ
ଜଟିଳତାର ପୋଷାକ ପିନ୍ଧାଇ ଦିଆଯାଏ ।
ଆତ୍ମାକୁ ଯେଉଁଠି
ନିର୍ବୋଧ ବୋଲି କୁହାଯାଏ ।
ଭାବକୁ ଯେଉଁଠି
ଭାଗଳର ପ୍ରଳାପ ବୋଲି କୁହାଯାଏ
ସେଠାରେ ମୋତେ
କିଏ ସେ ଚିହ୍ନିବ
କିଏ ମୋ ଅନ୍ତରର
ଭାଷା ବୁଝିବ
କେହି ନାହିଁ କେହି ନାହିଁ
ଖାଲି ନିଜକୁ ନିଜେ
ବୁଝିବାକୁ ହେବ
ନିଜ ମନକୁ ଆତ୍ମାରେ ସମର୍ପି ଦେଇ
ଭାଗ୍ୟକୁ ଭୁଲିଯିବାକୁ ପଡିବ
ତେବେ ଯାଇଁ ଭଗବାନଙ୍କର
ନିଦ୍ରା ଭାଙ୍ଗିବ ।
♦♦

# ସମୃଦ୍ଧିର ଚମକ ନା ଅସମାନତା ବୃଦ୍ଧି



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଭାରତ ବିଶ୍ୱର ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ବିଶ୍ୱର ୩ୟ ବୃହତ୍ ବ୍ୟବସ୍ଥାରେ ପରିଣତ ହେବ ବୋଲି କୁହାଯାଇଛି । ଭାରତର ଏହି ଆର୍ଥୀକ ଚମକ ପଛରେ ଏକ ବିରୋଧାଭାଷ ମଧ୍ୟ ରହିଛି । ଗୋଟିଏ ପଟେ ଧନକୁବେର ମାନଙ୍କ ଦୁନିଆ ଏବଂ ଅନ୍ୟପଟେ କୋଟି କୋଟି ଲୋକଙ୍କୁ ଦିଓଳି ପେଟପୁରା ଖାଇବାକୁ ମିଳୁନାହିଁ । ଏଥିରୁ ସ୍ପଷ୍ଟ ଯେ ଦେଶରେ କିଛି ଲୋକଙ୍କ ହାତକୁ ଅଧିକରୁ ଅଧିକ ଧନ ଚାଲିଯାଉଥିବା ବେଳେ ସାଧାରଣ ଲୋକଙ୍କ ଅବସ୍ଥା ଦୁର୍ବିସହ ହେବାରେ ଲାଗିଛି । ୨୦୨୬ ମାର୍ଚ୍ଚ ମାସର ପ୍ରାରମ୍ଭରେ ଫୋର୍ବସ ଧନୀକ ମାନଙ୍କ ଯେଉଁ ତାଲିକା ପ୍ରକାଶ କରିଛି ତଦନୁସାରେ ଭାରତରେ ଏବେ ୨୨୯ ଜଣ ଅରବପତି ଅଛନ୍ତି ଯେଉଁ ମାନଙ୍କର ସମୁଦାୟ ସମ୍ପତ୍ତି ୧ ଟ୍ରିଲିୟନ ଡ଼ଲାରରୁ ଅଧିକ ଅଟେ । ଫୋର୍ବସ ତାଲିକାରେ ୨୦୨୫ରେ ଭାରତରେ ୨୦୫ ଅରବପତିଙ୍କ ନାମ ଥିଲା । କିନ୍ତୁ ହୁରୁନ ଗ୍ଲୋବାଲ ରିଚ ଲିଷ୍ଟ ଅନୁସାରେ ଏବେ ଭାରତରେ ୩୦୮ ଅରବପତି ଅଛନ୍ତି । ଭାରତର ଧନକୁବେର ବା ଅରବପତିଙ୍କ ତାଲିକାରେ ଶୀର୍ଷରେ ଅଛନ୍ତି ମୁକେଶ ଅମ୍ବାନୀ । ମୁକେଶ ଅମ୍ବାନୀଙ୍କ ସମୁଦାୟ ସମ୍ପତ୍ତି ୯୯.୭ ବିଲିୟନ ଡ଼ଲାର । ସେହିପରି ତାଲିକାରେ ଥିବା ଅରବପତି ଗୌତମ ଆଦାନୀଙ୍କ ସମେତ ଅନେକ ଉଦ୍ୟୋଗପତିଙ୍କ ସମ୍ପତ୍ତି ମଧ୍ୟ ବିଲିୟନ ଡ଼ଲାରରେ ରହିଛି । ଦେଶର ଏଇ କିଛି ଲୋକଙ୍କ ସମୃଦ୍ଧିର ଲାଭ ତଳ ସ୍ତରରେ ପହଞ୍ଚି ପାରୁନାହିଁ ଏବଂ ଏହା ଆର୍ଥିକ ଅସମାନତାକୁ ବଢାଇବା ସହ ସାମାଜିକ ସନ୍ତୁଳନକୁ ଦୁର୍ବଳ କରିବାରେ ଲାଗିଛି ।

ଧନକୁବେର ବା ଅରବପତିଙ୍କ ସଂଖ୍ୟା ବୃଦ୍ଧି ଏକ ସଂଯୋଗ ନୁହେଁ । ଶେୟାର ବଜାର ବୃଦ୍ଧି, ଆଇ ପିଓର ଲହର ଏବଂ ଫିନଟେକ, ଏଆଇ ଓ ଏଡ଼ଟେକ ଭଳି ନୂଆ ନୂଆ କ୍ଷେତ୍ର ଅନେକ ଅରବପତିଙ୍କୁ ସୃଷ୍ଟି କରିଛି । ଫୋର୍ବସର ତଥ୍ୟ ଅନୁସାରେ ୨୦୨୬ରେ ଭାରତରେ ପୂର୍ବବର୍ଷ ଅପେକ୍ଷା ଅଧିକ ୩୦ ଅରବପତି ସୃଷ୍ଟି ହୋଇଛନ୍ତି । ଏହି ନୂଆ ଅରବପତି ମାନଙ୍କ ମଧ୍ୟରୁ ଅନେକଙ୍କ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ରହିଛି । ରେଜରପେ ଓ ଫିଜିକ୍ସବାଲା ଭଳି ଷ୍ଟାର୍ଟଅପସ୍‌ର ସଂସ୍ଥାପକ କିଛି ବର୍ଷ ମଧ୍ୟରେ ଅରବ ଅରବ ସମ୍ପତ୍ତି ହାସଲ କରିଛନ୍ତି । ରିଲାଏନ୍ସ ଇଣ୍ଡଷ୍ଟ୍ରି ଏବଂ ଆଦାନୀ ଗ୍ରୁପ୍ ଭଳି ଅନେକ କମ୍ପାନୀ ସେମାନଙ୍କର ଧନ/ ସମ୍ପତ୍ତିକୁ ଅନେକ ଗୁଣ ବଢାଇ ପାରିଛନ୍ତି । କିନ୍ତୁ ଏହା ସମାବେଶୀ ସମୃଦ୍ଧି ନୁହେଁ । ବିଶ୍ୱ ଅସମାନତା ରିପୋର୍ଟ ୨୦୨୬ ଅନୁସାରେ ଭାରତର ୧ ପ୍ରତିଶତ ଲୋକଙ୍କ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ୪୦ ଭାଗ ସମ୍ପତ୍ତି ରହିଛି ଓ ଦେଶର ୫୦ ପ୍ରତିଶତ ଲୋକଙ୍କ ପାଖରେ ଦେଶର ସମୁଦାୟ ସମ୍ପତ୍ତିର ୬.୪ ପ୍ରତିଶତ ରହିଛି । ଦେଶର ଧନକୁବେର ତାଲିକାରେ ଥିବା ଶୀର୍ଷ ୧୦ ଜଣଙ୍କର ଆୟ ଦେଶର ସମୁଦାୟ ଆୟର ୫୮ ପ୍ରତିଶତ ହୋଇଥିବା ବେଳେ ଦେଶର ଅଧାରୁ ଅଧିକ ଲୋକଙ୍କ ଆୟ ମାତ୍ର ୧୫ ପ୍ରତିଶତ ଅଟେ । ଏଥିରୁ ମଧ୍ୟ ସ୍ପଷ୍ଟ ଯେ ଦେଶର ଆର୍ଥୀକ ବିକାଶ ହେଉଛି ବୋଲି ଯାହା କୁହାଯାଉଛି ସେଇ ବିକାଶର ଲାଭ ମାତ୍ର ହାତଗଣତି କିଛି ଲୋକଙ୍କୁ ମିଳୁଛି । ଏହି ଆର୍ଥୀକ ଅସମାନତାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି । ଗୋଟିଏ ପଟେ ଧନକୁବେର ମାନେ ପ୍ରାଇଭେଟ ଜେଟରେ ଉଡୁଥିବା ବେଳେ ଦେଶର କୋଟି କୋଟି ପରିବାର ଦରଦାମ ବୃଦ୍ଧିର ଚାପରେ ଚାପିହୋଇ ଯାଉଛନ୍ତି ।

ଦେଶରେ ଖାଦ୍ୟ ପଦାର୍ଥର ମୂଲ୍ୟ ବଢୁଛି କିନ୍ତୁ ରୋଜଗାର ଏକ ପ୍ରକାର ସ୍ଥିର । ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଏତେ ମହଙ୍ଗା ହୋଇଛି ଯେ ଗରୀବ ଲୋକେ ଏହି ସେବାରୁ ବଞ୍ଚିତ ହେଉଛନ୍ତି । ମଧ୍ୟବର୍ଗୀୟ ପରିବାର ମାନେ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପାଇଁ ଋଣ / କରଜ କରିବାକୁ ବାଧ୍ୟ ହେଉଛନ୍ତି । ସାମାଜିକ ଗତିଶୀଳତା ଅଟକି ଯାଉଛି ଏବଂ ଗରୀବ ଅଧିକ ଗରୀବ ହେଉଛି । ଅକ୍ସଫେମ ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଅରବପତିଙ୍କ ସମ୍ପତ୍ତି ବଢ଼ିବାରେ ଲାଗିଛି କିନ୍ତୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରୟାସ ଦୁର୍ବଳ ହୋଇଯାଇଛି । ଭାରତର କୋଟିକୋଟି ଲୋକ ନ୍ୟୁନତମ ଆୟରେ ଗୁଜୁରାଣ ମେଣ୍ଟାଇଥାନ୍ତି । ଏହି ଅସମାନତା କାରଣରୁ ସାମାଜିକ ବୈଷମ୍ୟ, ବେରୋଜଗାରୀ ଏପରିକି ଜାତିଗତ ତଥା ଲିଙ୍ଗଗତ ଅସମାନତାକୁ ଆହୁରି ଅଧିକ କରିବାରେ ଲାଗିଛି । ଧନ ବିଭାଜନର ମାନସିକତା ଭାରତୀୟ ସମାଜରେ ପୂର୍ବରୁ ରହିଆସିଛି । ପୂର୍ବେ ଧନୀ ଲୋକମାନଙ୍କୁ ମହାଜନ ବା ଶେଠ୍ କୁହାଯାଇ ସମ୍ମାନ ପ୍ରଦର୍ଶନ କରାଯାଉଥିଲା ଏବେ ଏସବୁ ପ୍ରସଙ୍ଗକୁ ନେଇ ବିମର୍ଷ ଆରମ୍ଭ ହେବାରେ ଲାଗିଛି । ପ୍ରଶ୍ନ ଉଠୁଛି ଯେତେବେଳେ ଲକ୍ଷ ଲକ୍ଷ ଲୋକ ଅନାହାର ବା ଭୋକରେ ରହୁଛନ୍ତି ସେତେବେଳେ କିଛି ଲୋକଙ୍କ ପାଖରେ ଅପାର ଧନ କାହିଁକି ? ଅମର୍ତ୍ତ୍ୟ ସେନଙ୍କ ଭଳି ବିଚାରକଙ୍କ ମତରେ ଅସମାନତା ବିକାଶ ପାଇଁ ବାଧା ସୃଷ୍ଟି କରିଥାଏ ଓ ଏହା ସାମାଜିକ ନ୍ୟାୟ ଓ ଏକତାକୁ ଦୁର୍ବଳ କରି ଦେଇଥାଏ । ଧନର କେନ୍ଦ୍ରୀକରଣ ଜାତି, ଲିଙ୍ଗ ଏବଂ ଆଞ୍ଚଳିକ ଅସମାନତାକୁ ଅଧିକ ଗଭୀର କରିଦେଇଥାଏ ଓ ଏହାର ପ୍ରଭାବ ଦଳିତ, ଆଦିବାସୀ ଏବଂ ମହିଳାଙ୍କ ଉପରେ ପଡିଥାଏ ।

ଅମୀରଙ୍କ ଭବ୍ୟ ଜୀବନଶୈଳୀ ଗରୀବଙ୍କ ଅସନ୍ତୋଷ ବଢାଇଥାଏ । ଏଣୁ ସମାଜ ବୁଝିବା ଉଚିତ୍ ଯେ ଧନ କେବଳ ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ବରଂ ସାମାଜିକ ଦାୟିତ୍ୱ ଅଟେ । ଅନ୍ୟଥା ଅସମାନତା ସାମାଜିକ ବିଖଣ୍ଡନକୁ ଅଧିକ କରିବ । ଦେଶର ଆର୍ଥୀକ ନୀତି କାରଣରୁ ଅସମାନତା ବଢୁଛି । ୧୯୯୧ର ଉଦାରୀକରଣ ପରେ ବଜାର କେନ୍ଦ୍ରୀତ ବିକାଶର ଲାଭ କେବଳ ଧନକୁବେର ମାନଙ୍କୁ ମିଳୁଛି । ଦେଶର ଟିକସ ବ୍ୟବସ୍ଥା ମଧ୍ୟ ଅସନ୍ତୁଳିତ ଅଟେ । ଧନକୁବେରଙ୍କ ଉପରେ କମ୍ ପ୍ରତ୍ୟକ୍ଷ ଟିକସ ଲାଗୁ ହେଉଥିବାବେଳେ ଗରୀବଙ୍କୁ ଜିଏସ୍‌ଟି ଭଳି ଅପ୍ରତ୍ୟକ୍ଷ ଟିକସର ଅଧିକ ବୋଝ ଉଠାଇବାକୁ ପଡୁଛି । ବିଶ୍ୱ ଅସମାନତା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଆୟ ସ୍ଥିର ଥିଲା କିନ୍ତୁ ଧନ ଉପର କେନ୍ଦ୍ରୀତ ହୋଇ ଥିଲା । ଜିଡିପି ବଢିଛି କିନ୍ତୁ ସାଧାରଣ ଲୋକଙ୍କ କ୍ରୟ ଶକ୍ତି ଏବଂ ରୋଜଗାର ସେଇ ଅନୁପାତରେ ବଢିନାହିଁ । ଆର୍ଥୀକ ନୀତି ସବୁବେଳେ ପ୍ରଭାବଶାଳୀ ବର୍ଗଙ୍କୁ ସୁହାଇଥାଏ ଓ ଏହି କାରଣରୁ ଗଣତନ୍ତ୍ର ଉପରେ ଧନର ପ୍ରଭାବ ବଢ଼ିବାରେ ଲାଗିଛି । ବିଶ୍ୱସ୍ତରର ଅସମାନତାର ତଥ୍ୟକୁ ଦେଖିଲେ ଭାରତରେ ଅସମାନତା ହାର ଅଧିକ । ଅସମାନତା ରିପୋର୍ଟ ୨୦୨୬ ଅନୁସାରେ ଭାରତର ଶୀର୍ଷ ୧୦ ପ୍ରତିଶତ ଏବଂ ତଳସ୍ତରର ୫୦ ପ୍ରତିଶତଙ୍କ ଆୟ ଭିତରେ ପାର୍ଥକ୍ୟ ବିଶ୍ୱର ଅନ୍ୟ ଦେଶ ମାନଙ୍କ ତୁଳନାରେ ଅଧିକ ।

ଏସବୁର ସମାଧାନ ସମ୍ଭବ ଓ ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଦରକାର । ଟିକସ ବ୍ୟବସ୍ଥାର ପରିବର୍ତ୍ତନ କରି ଧନୀକ ମାନଙ୍କ ଉପରେ ସମ୍ପତ୍ତି ଟିକସ (କର) ଲଗାଇ ସେହି ଅର୍ଥରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ବୁନିଆଦୀ ଢ଼ାଞ୍ଚାର ବିକାଶ କରାଯିବା ଉଚିତ୍ । ଦେଶରେ ରୋଜଗାର ସୃଜନ ଉପରେ ଅଧିକ ଗୁରୁତ୍ୱ ମଧ୍ୟ ଦିଆଯିବା ଆବଶ୍ୟକ ଏପରିକି ନ୍ୟୁନତମ ଆୟର ଗ୍ୟାରେଣ୍ଟି ସରକାର ଦେବା ଉଚିତ୍ । ସବୁଠାରୁ ବଡ଼ କଥା ହେଉଛି କର୍ପୋରେଟ ସୋସିଆଲ ରେସପନସିବିଲିଟିକୁ ପ୍ରଭାବୀ କରାଇ ଉଦ୍ୟୋଗପତି ମାନଙ୍କୁ ସାମାଜିକ ଦାୟୀତ୍ୱ ପାଇଁ ବାଧ୍ୟ କରାଯିବାର ଆବଶ୍ୟକତା ରହିଛି । ଅକ୍ସଫେମ ଅନୁସାରେ ସମ୍ପତ୍ତି କର (ଟିକସ) ଭଳି ଆଇନ୍ ଅସମାନତା ହ୍ରାସ ଦିଗରେ ସହାୟକ ହୋଇପାରିବ । ଦେଶ ଓ ସରକାର ଧନକୁବେରଙ୍କ ସଂଖ୍ୟାବୃଦ୍ଧି ପଛରେ ଲୁଚିରହିଥିବା ଅସମାନତା ଉପରେ ଗୁରୁତ୍ୱ ଦେବା ଉଚିତ୍ । ଯଦି ଅସମାନତା ଖାଇ ଏମିତି ବଢ଼ିଚାଲିବ ତେବେ ସମାଜର ବିଭାଜନ ଅବଶ୍ୟମ୍ଭାବୀ । ଏଣୁ ଏମିତି ଭାରତ ହେଉ ଯେଉଁଠି ସମ୍ପତ୍ତି କିଛି ଲୋକଙ୍କ ହାତରେ ସିମୀତ ନରହି ସମସ୍ତଙ୍କର ବିକାଶର ମାଧ୍ୟମ ହେବ । କାରଣ ଅସମାନତା ବଢିଲେ ସମାଜ ଦୁର୍ବଳ ହୋଇପଡିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଏନର୍ଜୀ ଡ୍ରିଙ୍କ୍ ଲିଭରକୁ କରୁଛି ଖରାପ, ରିସର୍ଚ୍ଚରେ ଦାବି




ଆଜିକା ସମୟରେ ଏନର୍ଜୀ ଡ୍ରିଙ୍କର ଟ୍ରେଣ୍ଡ ଖୁବ୍ ଜୋରରେ ବଢୁଛି। କ୍ଳାନ୍ତ ଦୂର କରିବା, ତୁରନ୍ତ ଏନର୍ଜୀ ପାଇବା ଏବଂ କାମ କିମ୍ବା ପାଠପଢାରେ ଫୋକସ ବୃଦ୍ଧି କରିବା ପାଇଁ ଅନେକ ଲୋକ ଏହାର ସେବନ କରିଥାନ୍ତି। ବିଶେଷକରି ଯୁବବର୍ଗ ଏହାକୁ ନିଜର ଦୈନିକ ଜୀବନଶୈଳୀର ଅଂଶ କରୁଛନ୍ତି। ବିଳମ୍ବିତ ରାତ୍ରି ଯାଏ ଚେଇଁ ରହିବା, ଦୀର୍ଘ ସମୟ ଯାଏ ସ୍କ୍ରିନରେ କାମ କରିବା ଏବଂ ଫାଷ୍ଟ ଲାଇଫ୍ ଷ୍ଟାଇଲ୍ ଏହି ଡ୍ରିଙ୍କସର ଚାହିଦାକୁ ଆହୁରି ବଢାଇ ଦେଇଛି। କିନ୍ତୁ ବିଶ୍ୱ ଲିଭର ଦିବସ ଅବସରରେ ବିଶେଷଜ୍ଞମାନେ ଏକ ଗୁରୁତର ଚେତାବନୀ ଦେଇଛନ୍ତି ଯେ,ଏନର୍ଜୀ ଡ୍ରିଙ୍କସର ସେବନ ବୃଦ୍ଧି ଯୁବବର୍ଗଙ୍କ ଲିଭର ଉପରେ ପ୍ରଭାବ ପକାଉଛି।

ପୂର୍ବରୁ ଯେଉଁ ଲିଭର ଜନିତ ରୋଗ ଗୁଡ଼ିକ ଅଧିକ ବୟସର ଲୋକଙ୍କ ଠାରେ ଦେଖିବାକୁ ମିଳୁ ଥିଲା, ଏବେ ସେହି ସମସ୍ୟା ଗୁଡ଼ିକ ୨୦ରୁ ୩୦ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ଖୁବ୍ ଜୋରରେ ନଜର ଆସୁଛି। ନିକଟରେ ମେଡିକାଲ ରିପୋର୍ଟ ଓ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଷ୍ଟଡି ଅନୁସାରେ, ଏହି ସବୁ ଡ୍ରିଙ୍କସରେ ଥିବା ଅଧିକ କେଫିନ, ସୁଗାର ଓ କେମିକାଲ୍ସ ଲିଭରକୁ ଧିରେ ଧିରେ କ୍ଷତି କରିଥାଏ। ଡାକ୍ତରଙ୍କ କହିବାନୁସାରେ, ଏହି ଅଭ୍ୟାସ ଏବେ ଏକ ଗୁପ୍ତ ବିପଦ ହେବାକୁ ଯାଉଛି, ଯାହା ଦୀର୍ଘ ସମୟରୁ ଗୁରୁତର ରୋଗର କାରଣ ହୋଇପାରେ।ବିନା ସୂଚନାରେ ବାରମ୍ବାର ସେବନ କରିବା ବିପଦକୁ ଆହୁରି ବଢାଇ ଦେଇଥାଏ। ଆସନ୍ତୁ ଏହି ରିସର୍ଚ୍ଚ ବିଷୟରେ ଡିଟେଲରେ ଜାଣିବା।

ମେଡିକାଲ ଜର୍ନାଲ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଏକ କେସ୍ ଷ୍ଟଡିରେ ସାମ୍ନାକୁ ଆସିଛି ଯେ, ଏନର୍ଜି ଡ୍ରିଙ୍କ୍ସର ଅଧିକ ସେବନ ଲିଭର ପାଇଁ ଗୁରୁତର କ୍ଷତିକର ହୋଇପାରେ। ଏହି ଷ୍ଟଡି ଅନୁସାରେ, ଏଥିରେ ଥିବା ନିୟାସିନ ଅର୍ଥାତ୍ ଭିଟାମିନ ବି-୩ର ଅଧିକ ମାତ୍ରା ଲିଭରରେ ବିଷାକ୍ତ ପ୍ରଭାବ ପକାଇ ପାରେ, ଯେଉଁଥିରେ ହେପାଟାଇଟିସ୍ ଭଳି ସ୍ଥିତି ଉପୁଜିପାରେ। ଏହା ବ୍ୟତୀତ, ଏହି ଡ୍ରିଙ୍କସରେ ହାଇ ସୁଗାର ସ କେଫିନ ଓ ଟାରିନ ଭଳି ତତ୍ତ୍ୱ ଥାଏ, ଯାହା ଲିଭର ଉପରେ ଅତିରିକ୍ତ ପ୍ରଭାବ ପକାଇ ଥାଏ।

ଅନେକ ଥର ଏଥିରେ କେଫିନର ମାତ୍ରା ସୁରକ୍ଷିକ ସୀମା ଠାରୁ ଅଧିକ ରହିଥାଏ, ଯାହା ଶରୀରର ମେଟାବଲିଜିମକୁ ପ୍ରଭାବିତ କରେ। ଲଗାତାର ସେବନ କରିବା ଦ୍ୱାରା ଲିଭରରେ ଫ୍ୟାଟ୍ ଜମା ହେବାକୁ ଲାଗେ, ଯାହା ଯୋଗୁଁ ପ୍ରଦାହ ଏବଂ ଅକ୍ସିଡେଟିଭ ଚାପ ବୃଦ୍ଧି ପାଏ। ସମୟ ସହ ଏହି ସ୍ଥିତି ଲିଭରର କ୍ଷମତାକୁ ପ୍ରଭାବିତ କରିପାରେ ଏବଂ ଗୁରୁତର ରୋଗର ବିପଦ ବୃଦ୍ଧି କରିପାରେ। ଯଦି ସମୟ ପୂର୍ବରୁ ଏହି ଅଭ୍ୟାସକୁ ରୋକା ନଯାଏ, ତ ଲିଭର ଡ୍ୟାମେଜ୍ର ବିପଦ ବଢି ପାରେ।

ବିଶେଷଜ୍ଞଙ୍କ ଅନୁସାରେ , ଭାରତରେ ଯୁବବର୍ଗଙ୍କ ମଧ୍ୟରେ ଲିଭର ସହ ଜଡ଼ିତ ସମସ୍ୟା ଗୁଡ଼ିକ ଖୁବ୍ ଜୋରରେ ବଢୁଛି। ବିଶେଷକରି ୨୦ରୁ ୩୦ ବର୍ଷ ବୟସରେ ଫ୍ୟାଟି ଲିଭର ଓ ଅନ୍ୟ ଲିଭର ରୋଗର ମାମଲା ଅଧିକ ଦେଖିବାକୁ ମିଳୁଛି। ଏହାର ଏକ ବଡ଼ କାରଣ ଏନର୍ଜୀ ଡ୍ରିଙ୍କ୍ସ , ମିଠା ପାନୀୟ ପଦାର୍ଥ ଓ ଅସ୍ୱାସ୍ଥ୍ୟକର ଲାଇଫ୍ ଷ୍ଟାଇଲ୍ ।

ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ, ଏନର୍ଜୀ ଡ୍ରିଙ୍କ୍କୁ ମଦ ସହ ମିଶାଇ ପିଇବା ଦ୍ୱାରା ଖୁବ୍ ବିପଜ୍ଜନକ ହୋଇପାରେ। କେଫିନର ପ୍ରଭାବ ମଦର ନିଶାକୁ ଲୁଚାଇ ଦିଏ, ଯେଉଁଥିରେ ବ୍ୟକ୍ତି ନିଜ ସୀମା ଠାରୁ ଆହୁରି ଅଧିକ ମଦ ସେବନ କରିଥାନ୍ତି। ଏଥିରେ ଲିଭର ଉପରେ ଡବଲ ପ୍ରଭାବ ପଡ଼େ ଏବଂ କ୍ଷତି ଜୋରରେ ବଢିଥାଏ। ଲଗାତାର ଓ ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଲିଭରେ ପ୍ରଦାହ , ଫାଇବ୍ରୋସିସ୍ ଓ ସିରୋସିସ୍ ଭଳି ଗୁରୁତର ସ୍ଥିତି ବିକଶିତ ହୋଇପାରେ।

## ଅକ୍ଷୟ ତୃତୀୟାରେ ସୁନା କିଣୁଛନ୍ତି ? ଜାଣନ୍ତୁ ଖାସ୍ କଥା, ଲାଭରେ ରହିବେ

ଆସନ୍ତାକାଲି ପବିତ୍ର ଅକ୍ଷୟ ତୃତୀୟ । ଯଦି ଆପଣ ଅକ୍ଷୟ ତୃତୀୟାରେ ସୁନା କିଣିବାକୁ ଯୋଜନା କରୁଛନ୍ତି, ତେବେ କିଣିବା ପୂର୍ବରୁ ସର୍ବଶେଷ ଦରଠାରୁ ଆରମ୍ଭ କରି ଏହାର ଶୁଦ୍ଧତା କିପରି ଯାଞ୍ଚ କରିବେ ତାହା ଶିଖିବା ଗୁରୁତ୍ୱପୂର୍ଣ୍ଣ । ଭାରତରେ ସୁନା କିଣିବା ପରମ୍ପରାରେ ଗଭୀର ଭାବରେ ମୂଳ ରହିଛି ଏବଂ ଅକ୍ଷୟ ତୃତୀୟାରେ ସୁନା କିଣିବା ଏକ ବିଶେଷ ଗୁରୁତ୍ୱ ରଖେ ଏବଂ ଏହାକୁ ଶୁଭ ବୋଲି ବିବେଚନା କରାଯାଏ। ଏହି ବିଶେଷ ପର୍ବ ପୂର୍ବରୁ ସୁନା ଏବଂ ରୁପା ମୂଲ୍ୟରେ ବୃଦ୍ଧି ଦେଖାଦେଇଛି । ଏମସିଏକ୍ସରେ ରୂପା ମୂଲ୍ୟ ୧୪ ହଜାରରୁ ଅଧିକ ବଢିଛି । ସୁନା ମୂଲ୍ୟ ବି ବଢିଛି । ଘରୋଇ ବଜାରରେ ମୂଲ୍ୟବାନ ଧାତୁର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି । ଆଶ୍ୱସ୍ତିକର ଖବର ହେଉଛି ସାମ୍ପ୍ରତିକ ବୃଦ୍ଧି ସତ୍ତ୍ୱେ ମୂଲ୍ୟବାନ ଧାତୁ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଅପେକ୍ଷା ବହୁତ ଶସ୍ତାରେ ଉପଲବ୍ଧ । ପ୍ରଥମେ, ସୁନା ଦର ଜାଣନ୍ତୁ- ଅକ୍ଷୟ ତୃତୀୟାରେ ସୁନା କିଣିବା ଶୁଭ ବୋଲି ବିବେଚନା କରାଯାଏ । ସୁନା ଦୋକାନ କିମ୍ବା ଫ୍ୟୁଚର୍ସ ଟ୍ରେଡିଂରେ ରୂପା କିଣିବା ପାଇଁ ଭିଡ଼ ଲାଗି ରହିଥାଏ । ଯଦିଓ ଗଡଢରେ ଟ୍ରେଡିଂ ରବିବାର ବନ୍ଦ ରହିଥାଏ, ଯଦି ଆପଣ ଘରୋଇ ବଜାରରେ ସୁନା ଅଳଙ୍କାର କିଣିବାକୁ ଯୋଜନା କରୁଛନ୍ତି, ତେବେ ଇଣ୍ଡିଆନ୍ ବୁଲାନ୍ ଜୁଏଲର୍ସ ଆସୋସିଏସନ୍ର ୱେବସାଇଟ୍, ଓଇହଇ.ଉଙଗରେ ଅପଡେଟ୍ ଅପଡେଟ୍ ହୋଇଥିବା ଦର ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ । ୨୪ କ୍ୟାରେଟ୍ ସୁନା- ୧୦ ଗ୍ରାମ ପ୍ରତି ୧, ୫୧ ହଜାର ୬୬୦ ଟଙ୍କା, ୨୨ କ୍ୟାରେଟ୍ ସୁନା-୧୦ ଗ୍ରାମ ପ୍ରତି ୧, ୪୮,୦୨୦ ଟଙ୍କା ୨୦ କ୍ୟାରେଟ୍ ସୁନା-୧୦ ଗ୍ରାମ ପ୍ରତି ୧, ୩୪, ୯୭୦ ଟଙ୍କା ୧୮ କ୍ୟାରେଟ୍ ସୁନା-୧୦ ଗ୍ରାମ ପ୍ରତି ୧,୨୨,୮୪୦ ଟଙ୍କା, ୧୪ କ୍ୟାରେଟ୍ ସୁନା- ୧୦ ଗ୍ରାମ ପ୍ରତି ୯୭, ୮୨୦ ଟଙ୍କା, ଏହା ମନେ ରଖିବା ଉଚିତ ଯେ ଓଇଔଇ ଦ୍ୱାରା ଅପଡେଟ୍ କରାଯାଇଥିବା ଏହି ହାରଗୁଡ଼ିକ ଘରୋଇ ବଜାରରେ ସମାନ । ତଥାପି, ଯେତେବେଳେ ଆପଣ ଅଳଙ୍କାର କିଣିବାକୁ ଯାଆନ୍ତି, ଆପଣଙ୍କୁ ପ୍ରଯୁଜ୍ୟ ଏଝଞ ସହିତ ଏକ ମେକିଂ ଚାର୍ଜ ଦେବାକୁ ପଡିବ, ଯାହା ରାଜ୍ୟ ଏବଂ ସହର ମଧ୍ୟରେ ଭିନ୍ନ ହୋଇପାରେ । ଏହି ଯୋଗଗୁଡ଼ିକ ସୁନାର ମୂଲ୍ୟ ବୃଦ୍ଧି କରେ । ସୁନା ଖାଣ୍ଟି ନା ନକଲି ତାହା କିପରି ଜାଣିବେ ଅକ୍ଷୟ ତୃତୀୟାରେ ସୁନା କିଣିବା ଶୀର୍ଷରେ ପହଞ୍ଚିଥାଏ ଏବଂ ସୁନା ଦୋକାନରେ ଭିଡ଼ ଲାଗିଥାଏ । ଯଦିଓ ସୁନା ବହୁତ କମ୍ ମୂଲ୍ୟରେ ଉପଲବ୍ଧ ତଥାପି କିଣିବା ପୂର୍ବରୁ ଏହାର ଶୁଦ୍ଧତା ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ। ଏହା କରିବା ପାଇଁ ଆପଣ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ଅନୁସରଣ କରିପାରିବେ । କେବଳ ଭାରତୀୟ ମାନକ ବ୍ୟୁରୋ ହଲମାର୍କ ଥିବା ପ୍ରମାଣିତ ସୁନା କିଣନ୍ତୁ। ସରକାର ଏହାକୁ ବାଧ୍ୟତାମୂଳକ କରିଛନ୍ତି । ହଲମାର୍କ ହେଉଛି ସୁନାର ଶୁଦ୍ଧତାର ଏକ ମାପକାଠି। ଏହା ଅଧୀନରେ, ଭାରତୀୟ ମାନକ ବ୍ୟୁରୋ ପ୍ରତ୍ୟେକ ସୁନା ଅଳଙ୍କାରକୁ ଚିହ୍ନିତ କରି ପବିତ୍ରତା ଗ୍ୟାରେଣ୍ଟି ଦିଏ । ଅଳଙ୍କାର କିଣିବା ସମୟରେ, ଶୁଦ୍ଧତା କୋଡ୍, ପରୀକ୍ଷା କେନ୍ଦ୍ର ଚିହ୍ନ, ଅଳଙ୍କାର ଚିହ୍ନ ଏବଂ ଚିହ୍ନିତ ହେବାର ତାରିଖ ଯାଞ୍ଚ କରନ୍ତୁ । ଅଳଙ୍କାରରେ ଏକ ଅଳଙ୍କାର କୋଡ୍ ଆକାରରେ ଏକ ଦୃଶ୍ୟମାନ ପରିଚୟ ଚିହ୍ନ ମଧ୍ୟ ରହିବ, ଯାହା ଅଳଙ୍କାର ତିଆରି ହୋଇଥିବା ସ୍ଥାନକୁ ଚିହ୍ନଟ କରେ । ଆପଣ ଇଓଝ କେୟାର ଆପ୍ ମାଧ୍ୟମରେ ଆପଣଙ୍କର ସୁନାର ଶୁଦ୍ଧତା ମଧ୍ୟ ଯାଞ୍ଚ କରିପାରିବେ । ଏହି ଆପ୍ ଠରକ୍ସସଲଛ ଐଟଓଉ ବୈଶିଷ୍ଟ୍ୟ ବ୍ୟବହାର କରେ । ଏକ ଛଅ-ଅଙ୍କ ବିଶିଷ୍ଟ କୋଡ୍ ପ୍ରବେଶ କରିବା ଦ୍ୱାରା ତୁରନ୍ତ ଜୁଏଲରଙ୍କ ପଞ୍ଜୀକରଣ ଠାରୁ ଆରମ୍ଭ କରି ଶୁଦ୍ଧତା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୂଚନା ମିଳିଥାଏ ।

କେବେ ସୁନା କିଣିବା ଠିକ୍ ସୁନା ପ୍ରତି ୧୦ ଗ୍ରାମ ୧.୫୦ ଲକ୍ଷ ଉପରେ ରହିଥାଏ । ତେଣୁ ଅକ୍ଷୟ ତୃତୀୟାରେ ଲୋକେ ଭାବୁଛନ୍ତି ଯେ ଏବେ ସୁନା କିଣିବା ଉଚିତ୍ କି ନାହିଁ । ଲାଭ ପାଇଁ କେଉଁ ରଣନୀତି ଗ୍ରହଣ କରିବା ଉଚିତ୍ । ବିଶେଷଜ୍ଞଙ୍କ ଅନୁସାରେ ସୁନାର ଦୀର୍ଘକାଳୀନ ମୌଳିକତା ଦୃଢ, ତେଣୁ ମାନ୍ଦାବସ୍ଥା ସମୟରେ ଅଳ୍ପ ପରିମାଣରେ ସୁନା କିଣିବା ଲାଭ ।

## କୌଣସି ଜିମ୍ ଯାଇ ନାହାନ୍ତି କି ଡାଏଟ୍ ପ୍ଲାନିଂ କରି ନାହାନ୍ତି, ଅତି ସହଜରେ ବଡି ବିଲ୍ଡିଂ କରିଛନ୍ତି ଏହି କନଷ୍ଟ୍ରକ୍ସନ ୱାର୍କର

ଏକ ସୁଗଠିତ ଶକ୍ତିଶାଳୀ ଶରୀର ଏବଂ ମାଂସପେଶୀ ଗଠନ ପାଇଁ ଆପଣଙ୍କୁ ଏକ ଫ୍ୟାନ୍ସି ଡାଏଟ୍ କିମ୍ବା ମହଙ୍ଗା ଜିମ୍ ଯିବା ଆବଶ୍ୟକତା ନାହିଁ। ଯଦି ଆପଣ ଭାବୁଛନ୍ତି ଯେ ଏହା ମିଛ, ଏହି କନଷ୍ଟ୍ରକ୍ସନ ୱାର୍କରଙ୍କୁ ଦେଖି ଜାଣି ପାରିବେ, କେମିତି ସେ ଏକ ସରଳ ଡାଏଟ୍ ଏବଂ ୱାର୍କ ଆଉଟ୍ ସହ ତାଙ୍କ ଶରୀରକୁ ଟ୍ରାନ୍ସଫର୍ମ କରିଛନ୍ତି। ଚେନ୍ନାଇର ଏହି ୱାର୍କର (ଶ୍ରମିକ) ବାଇସେପ୍ସ, ଏବ୍ସ ସହ ତାଙ୍କର ସମ୍ପୂର୍ଣ୍ଣ ଶରୀରକୁ ଟ୍ରାନ୍ସଫର୍ମ କରିଛନ୍ତି। ଇନଷ୍ଟାଗ୍ରାମ୍ରେ ଫିଟ୍ ବ୍ଲଗ୍ ଏହି ଷ୍ଟୋରୀକୁ ସେୟାର କରିଛି। ଏଥିରେ ୱାର୍କର ଜଣଙ୍କ କହିଛନ୍ତି, କେମିତି ସେ ଡାଏଟ୍ ଓ ୱାର୍କଆଉଟ୍ ରୁଟିନ୍ ଅନୁସରଣ କରି ତାଙ୍କ ଶରୀରକୁ ଟ୍ରାନ୍ସଫର୍ମ କରିଛନ୍ତି। ଶରୀରର ଏହି ପୂରା ଟ୍ରାନ୍ସଫର୍ମେସନ ପାଇଁ ଶ୍ରମିକ ଜଣଙ୍କ ଅତି ସରଳ ଖାଦ୍ୟକୁ ଫଲୋ କରିଥିଲେ। ଯେଉଁଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍ସ ରହିଛି। ସାଧାରଣ ସାଉଥ ଇଣ୍ଡିଆନ ଖାଦ୍ୟ ଦୋସା ଏବଂ ଇଡଲିକୁ ସେ ପରିତ୍ୟାଗ କରି ଅଣ୍ଡା, ଧଳା ଭାତ(ହ୍ୱାଇଟ୍ ରାଇସ), ରାଇସ ଦଲିଆ ଏବଂ ଲାଲ କଦଳୀ ଆଦି ସେବନ କରିଥିବେ। ସେ କହିଛନ୍ତି, ସେ କେବଳ ଭାତକୁ ସାମ୍ବର ଏବଂ ରସମ୍ ସହିତ ଦିନର ତିନୋଟି ଭୋଜନ କରିଥାନ୍ତି। ଯେଉଁଥିରେ ଗାଜର, ବିଟ୍ ଏବଂ ଅନ୍ୟାନ୍ୟ ପନିପରିବାରୁ ତିଆରି ତରକାରୀ ରହିଛି। ଏହା ସହ ସେ ସପ୍ତାହରେ ଥରେ ମଟନ୍ ମଧ୍ୟ ଖାଆନ୍ତି, କୌଣସି ଚିକେନ୍ କିମ୍ବା ମାଛ ଖାଆନ୍ତି ନାହିଁ। ନିଜର ଫିଜିକାଲ ଲେବର ୱାର୍କ ସତ୍ତ୍ୱେ କନଷ୍ଟ୍ରକ୍ସନ ୱାର୍କର ପୂରା ୫ଦିନ ବଡି ବିଲ୍ଡିଂର ରୁଟିନକୁ ଫଲୋ କରିଛନ୍ତି। ଏହି ପଦ୍ଧତି ଅନୁସରଣ କରି, ସେ ପ୍ରତ୍ୟେକ ମାଂସପେଶୀ ଗ୍ରୁପକୁ ଗୋଟିଏ ଦିନ ଫଲୋ କରନ୍ତି। ସୋମବାର ଛାତି ୱାର୍କଆଉଟ୍, ମଙ୍ଗଳବାର କାନ୍ଧ ୱାର୍କଆଉଟ୍, ବୁଧବାର ପିଠି ବା ବ୍ୟାକ୍ ୱାର୍କଆଉଟ୍ , ଗୁରୁବାର ବାଇସେପ୍ସ ଏବଂ ଟ୍ରାଇସେପ୍ସ ଏବଂ ଶୁକ୍ରବାର ଗୋଡ଼ ବ୍ୟାୟାମ କରନ୍ତି। ଶ୍ରମିକ ଜଣକ କୁହନ୍ତି ସେ ନିଜର କାର୍ଯ୍ୟ ଯୋଗୁଁ, ସେ ପ୍ରାୟତଃ ଗୋଡ଼ ୱାର୍କଆଉଟ୍ ଅଧିକ କରନ୍ତି ନାହିଁ, କାରଣ ଏଥିରୁ ହେଭି ଲିଫ୍ଟିଂ ଓ ଚାଲିବା ବୁଲିବାରେ କଷ୍ଟକର ହୋଇଥାଏ। କନଷ୍ଟ୍ରକ୍ସନ ଶ୍ରମିକ ଜଣଙ୍କ କୌଣସି ବି ସପ୍ଲିମେଣ୍ଟ କିମ୍ବା କାର୍ଯ୍ୟଦକ୍ଷତା( ପରଫର୍ମାନ୍ସ) ବୃଦ୍ଧିକାରୀ ଷ୍ଟେରଏଡ୍ ଗ୍ରହଣ କରି ନାହାନ୍ତି। ସେ କହିଛନ୍ତି ଯେ ତାଙ୍କର ଶାରୀରିକ ପରିବର୍ତ୍ତନ କେବଳ ତାଙ୍କର ୱାର୍କ-ଇଟ୍-ସ୍ଲିପ୍ ସାଇକଲ ଯୋଗୁଁ ହୋଇଥିଲା। ସେ ଏପରି ମଧ୍ୟ କହିଛନ୍ତି ଯେ, ସେ ହ୍ୱେ ପ୍ରୋଟିନ୍ ମଧ୍ୟ ସେବନ କରନ୍ତି ନାହିଁ। ଏହାସହ କହିଛନ୍ତି , ଶରୀରର ଉପଯୁକ୍ତ ରିକଭରି ସହ ଖରାପ ଅଭ୍ୟାସକୁ ଦୂରେଇ ଏବଂ ପ୍ରତିଦିନ ସାତ ଘଣ୍ଟା ଆରାମ ନିଦ୍ରା ମାଧ୍ୟମ ସେ ଏହି ବଡ଼ି ଟ୍ରାନ୍ସଫର୍ମେସନ କରିଛନ୍ତି। ଯଦି ଆପଣ ବଡ଼ି ବିଲ୍ଡିଂ କରିବାକୁ ଚାହାନ୍ତି ଏବଂ ସୋସିଆଲ ମିଡ଼ିଆରେ ଉପଲବ୍ଧ ଫ୍ୟାନ୍ସି ଡାଏଟ ଓ ଫିଟନେସ୍ ଟ୍ରେଣ୍ଡର ଚକ୍କରରେ ରହିଥାନ୍ତି ତ ଏହି କନଷ୍ଟ୍ରକ୍ସନ ୱାର୍କରଙ୍କ ବଡ଼ି ଟ୍ରାନ୍ସଫର୍ମେସନ ମୋଟିଭେସନ ଭଳି। କେବଳ ଘରର ଖାଦ୍ୟ ଓ ଜଙ୍କ ଫୁଡ୍ ,ଆଲକହଲ , ସ୍ମୋକିଂକୁ ଦୂରେଇ ଫିଟନେସ୍ ମିଳି ପାରିବ।

## ପେନ୍ କିଲର ଖାଇଲେ ତୁରନ୍ତ କିପରି ଯନ୍ତ୍ରଣାରୁ ମିଳେ ମୁକ୍ତି ? ଜାଣନ୍ତୁ କେମିତି କରେ କାମ



ଯେତେବେଳେ ଶରୀରରେ କୌଣସି ପ୍ରକାରର ଯନ୍ତ୍ରଣା ହୋଇଥାଏ, ଲୋକମାନେ ପ୍ରାୟତଃ ପେନ କିଲର ଖାଇଥାନ୍ତି। ଖାସ କଥା ହେଉଛି ଏହି ଔଷଧ ଗ୍ରହଣ କରିବାର କିଛି ସମୟ ପରେ ଯନ୍ତ୍ରଣା କମ୍ ହୋଇଥାଏ। ତେବେ ଏହା କିପରି ସମ୍ଭବ ହୋଇଥାଏ। ଶରୀରରେ ଯନ୍ତ୍ରଣା ହେବା ମାତ୍ରେ ଏକ ପ୍ରକାର ସଙ୍କେତ ମିଳିଥାଏ ଯେ କୌଣସି ସ୍ଥାନରେ କିଛି ସମସ୍ୟା, ଆଘାତ କିମ୍ବା ପ୍ରଦାହ ହୋଇଛି। ଯେତେବେଳେ ଏହି ଯନ୍ତ୍ରଣା ହୁଏ, ସେତେବେଳେ ଶରୀରରେ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ନାମକ ରାସାୟନିକ ପଦାର୍ଥ ଉତ୍ପାଦିତ ହୁଏ, ଯାହା ମସ୍ତିଷ୍କକୁ ଯନ୍ତ୍ରଣାର ସ୍ଥାନ ବିଷୟରେ ସ୍ନାୟୁ ମାଧ୍ୟମରେ ସଙ୍କେତ ଦିଏ।

ଅଧିକାଂଶ ପେନ୍ କିଲର ଯେପରିକି ପାରାସିଟାମଲ୍ ଏବଂ ଆଇବୁପ୍ରୋଫେନ୍, ଶରୀରରେ ଯନ୍ତ୍ରଣା ସୃଷ୍ଟିକାରୀ ରାସାୟନିକ ପଦାର୍ଥର ଉତ୍ପାଦନ ହ୍ରାସ କରିବାରେ ସାହାଯ୍ୟ କରନ୍ତି। ଏହି ଔଷଧଗୁଡ଼ିକ ପ୍ରୋଷ୍ଟାଗ୍ଲାଣ୍ଡିୟସ୍ ଉତ୍ପାଦନକୁ ଅବରୋଧ କରିବାରେ ସାହାଯ୍ୟ କରନ୍ତି। ଯେତେବେଳେ ଏହି ରାସାୟନିକ ପଦାର୍ଥଗୁଡ଼ିକ କମ୍ ଉତ୍ପାଦିତ ହୁଏ, ସେତେବେଳେ ଯନ୍ତ୍ରଣା ସଙ୍କେତଗୁଡ଼ିକ ସ୍ନାୟୁକୁ କମ୍ ସଂଚାରିତ ହୁଏ। ଫଳସ୍ୱରୂପ, ଆମେ ଯନ୍ତ୍ରଣାରୁ ମୁକ୍ତି ଅନୁଭବ କରୁ। ଏହି ଔଷଧଗୁଡ଼ିକ ପେଟରେ ପ୍ରବେଶ କରିବା ପରେ ରକ୍ତରେ ଶୀଘ୍ର ମିଶିଯାଏ। ଏହା ପରେ ରକ୍ତପ୍ରବାହ ମାଧ୍ୟମରେ ସାରା ଶରୀରରେ ଦ୍ରୁତ ଗତିରେ ଖୋଳେଇ ହୋଇଥାଏ, ବିଶେଷକରି ମସ୍ତିଷ୍କ ଏବଂ ଯନ୍ତ୍ରଣା ହେଉଥିବା ସ୍ଥାନକୁ ପ୍ରଭାବିତ କରେ। ସାଧାରଣତଃ, ଅଧିକାଂଶ ପେନ୍ କିଲର ୨୦ ରୁ ୩୦ ମିନିଟ୍ ମଧ୍ୟରେ କାମ କରିବା ଆରମ୍ଭ କରନ୍ତି। ବିଭିନ୍ନ ପ୍ରକାରର ପେନ୍ କିଲର୍ ଅଛି, ଏବଂ ସେମାନଙ୍କର କାର୍ଯ୍ୟ କରିବାର ପଦ୍ଧତି ମଧ୍ୟ ଭିନ୍ନ। ପାରାସିଟାମଲ୍ ପରି ସାଧାରଣ ପେନ୍ କିଲର୍ ଜ୍ୱର କମାଇଥାଏ, କିନ୍ତୁ ପ୍ରଦାହ ଉପରେ ଏଗୁଡ଼ିକର ବିଶେଷ ପ୍ରଭାବ ପଡ଼ିନଥାଏ। ଆଇବୁପ୍ରୋଫେନ୍ ଭଳି ଔଷଧ, ଯାହା ପ୍ରଦାହ ସହିତ ଯନ୍ତ୍ରଣା ଉପରେ ମଧ୍ୟ କାମ କରେ। ଏଗୁଡ଼ିକ ଯନ୍ତ୍ରଣା ଅନିୟନ୍ତ୍ରିତ ହେଲେ ଦିଆଯାଏ, କାରଣ ଏଗୁଡ଼ିକ ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରେ। ତଥାପି, ଡାକ୍ତରଙ୍କ ପରାମର୍ଶ ବିନା ଏଗୁଡ଼ିକୁ ନେବା କ୍ଷତିକାରକ ହୋଇପାରେ।

## ବୈଶାଖ ବ୍ରତର ଦୁଇ ମତ




ରାମ ଦାସ ବିରଚିତ 'ବୈଶାଖ ମାହାତ୍ମ୍ୟ'ର ଦ୍ୱିତୀୟ ଅଧ୍ୟାୟରେ 'ବୈଶାଖ ବ୍ରତ' ପାଳନର ଦୁଇଟି ମତ ବର୍ଣ୍ଣିତ ହୋଇଛି। ଗୋଟିଏ- ଚାନ୍ଦ୍ରମାସର ମତ ଓ ଅନ୍ୟଟି ସୌରମାସର ମତ। ଏହା ବୈଶାଖବ୍ରତ ପାଳନର ଦୁଇଟି ବିଧି। 'ବୈଶାଖ ମାହାତ୍ମ୍ୟ' ଅନୁସାରେ, ସତ୍ୟଯୁଗର ରାଜା ଅମ୍ବରୀଷଙ୍କୁ ଦେବର୍ଷି ନାରଦ କହିଛନ୍ତି- ଏହି ବ୍ରତଧାରୀ ଚୈ?ତ୍ର ପୂର୍ଣ୍ଣମୀ ଦିନ ପ୍ରଭାତରୁ ଉଠି ଶ୍ରୀମାଧବଙ୍କ ନାମ ସ୍ମରଣ କରି ଓ ତାଙ୍କର ନାମକୁ ମନ ମଧ୍ୟରେ ଘୋଷି ସ୍ନାନ, ଶୌଚ ଆଦି ନିତ୍ୟକର୍ମ ସମାପନ କରିବେ। ତାହାପରେ ଶୁକ୍ଳ ବସ୍ତ୍ର ପରିଧାନ କରି ଚନ୍ଦନ, ତିଳକ ଆଦିରେ ବିଧିମତେ ଚିତା ଘେନିବେ। ଦେବାଳୟକୁ ଯ?ାଇ ଦେବତାଙ୍କୁ ଦର୍ଶନ କରିବା ସହିତ ଅତିଥି ସେବା କରିବେ। ତାହାପରେ ବ୍ରାହ୍ମଣଙ୍କୁ ବରଣ କରି ସଂକଳ୍ପ କରିବା ସହିତ ବିପ୍ରଙ୍କୁ ଦକ୍ଷିଣା ଓ ଅନ୍ନ, ବସ୍ତ୍ର ଆଦି ଦେବେ ଏବଂ 'ବୈଶାଖ ମାହାତ୍ମ୍ୟ' ଶୁଣିବେ। ତୁଳସୀ ଓ ଅଶ୍ୱତ୍?ଥ ବୃକ୍ଷ ମୂଳରେ ଘିଅଦୀପ ଦେବେ ଏବଂ ହବିଷ୍ୟ ଦ୍ରବ୍ୟ ମାଧବଙ୍କୁ ନୈବେଦ୍ୟ କରିବେ। ଏହି ବ୍ରତଧାରୀ ମିଥ୍ୟା କହିବେ ନାହିଁ କି ନାରୀଙ୍କୁ ସ୍ପର୍ଶ କରିବେ ନାହିଁ। ବୈ?ଶାଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ବ୍ରତ ପାଳନ କଲେ ବିଷ୍ଣୁ ପ୍ରୀତ ହୁଅନ୍ତି। ଏହା ଚାନ୍ଦ୍ରମାସ ମତରେ ବୈଶାଖ ବ୍ରତ। ସେହିପରି, ସୌ?ର ମାସ ମତରେ ବୈଶାଖବ୍ରତ ଏହିପରି- ଯେଉଁଦିନ ସୂର୍ଯ୍ୟ ମେଷ ରାଶିକୁ ଚଳିବେ, ସେହି ବୈଶାଖ (ମେଷ) ସଂକ୍ରାନ୍ତି ଦିନ ବ୍ରତଧାରୀ ପ୍ରଭାତରୁ ଉଠି ବୈଶାଖ ସ୍ନାନ କରିବେ। ସାରା ମାସ ଆମିଷ ଗ୍ରହଣ କରିବେ ନାହିଁ। ଯେଉଁଦିନ ଏହି ସୌର ମେଷ ମାସ ଶେଷ ହେବ, ସେହିଦିନ କ୍ଷୁଧାର୍ତ୍ତ ଓ ତୃଷିତ ଲୋକଙ୍କୁ ପଣା, ପାଣି ଆଦି ଦେବେ। ଏହା କଲେ ଅକ୍ଷୟ ପୁଣ୍ୟ ଲାଭ ହୁଏ। ଏହିଦିନ ସୁବର୍ଣ୍ଣ ଓ ତିଳ ଦାନ କଲେ, ସ୍ୱର୍ଗଭୋଗ ପରେ ପୁଣି ଐଶ୍ୱର୍ଯ୍ୟ ଭୋଗ ହୁଏ ଏବଂ ତାହା ପରେ ସ୍ୱର୍ଗଲୋକ ଲାଭ ହୁଏ।

ଏହି ବୈଶାଖବ୍ରତରେ ଅନ୍ନଦାନର ମହତ୍ତ୍ୱ ମଧ୍ୟ ବର୍ଣ୍ଣିତ ହୋଇଛି। କୁହାଯାଇଛି- ଯେ ଏହି ମାସରେ ଅନ୍ନଦାନ କରେ, ସେ ସ୍ୱର୍ଗଭୋଗ କରେ ଏବଂ ତାହା ପରେ ବ୍ରାହ୍ମଣ ରୂପେ ଜନ୍ମ ଗ୍ରହଣ କରେ। ସେ ପୃଥିବୀରେ ପଣ୍ଡିତ ରୂପେ ଖ୍ୟାତ ହେବା ସହିତ କୁବେରଙ୍କ ପରି ଧନର ଅଧିକାରୀ ହୁଏ ଏବଂ ଅନ୍ତକାଳରେ ଅଚ୍ୟୁତଙ୍କ ପୁରରେ ସ୍ଥାନ ପାଏ।

## ଜୀବନ-ମନ୍ତ୍ର: ଏକାଦଶୀର ନାମ ମୋହିନୀ



ବୈଶାଖ ଶୁକ୍ଳ ଏକାଦଶୀର ନାମ 'ମୋହିନୀ ଏକାଦଶୀ'। 'ପଦ୍ମପୁରାଣ' ଅନୁସାରେ- ଯୁଧିଷ୍ଠିରଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ଏହାର ମାହାତ୍ମ୍ୟ କହିଛନ୍ତି। ଶ୍ରୀକୃଷ୍ଣଙ୍କ ଅନୁସାରେ- ତ୍ରେତୟା ଯୁଗରେ ଶ୍ରୀରାମଙ୍କୁ କୁଳଗୁରୁ ବଶିଷ୍ଠ ଏହା କହିଥିଲେ। ଶ୍ରୀରାମ ବଶିଷ୍ଠଙ୍କୁ ପଚାରିଥିଲେ- ହେ ଭଗବନ୍! ମୁଁ ଏପରି ଏକ ବ୍ରତକଥା ଶୁଣିବାକୁ ଚାହେଁ- ଯାହା ସର୍ବୋତ୍ତମ ଏବଂ ସମସ୍ତ ପାପ ଓ ଦୁଃଖ ଦୂରକାରୀ। ହେ ମହାମୁନି! ମୁଁ ସୀତାଙ୍କ ବିରହ ଦୁଃଖ ଭୋଗ କରିଛି। ଏଣୁ ଆପଣଙ୍କୁ ଏହା ପଚାରୁଛି। ଏହାର ଉତ୍ତରରେ ମହର୍ଷି ବଶିଷ୍ଠ କହିଲେ- ହେ ରାମ। ତୁମ୍ଭେ ବହୁତ ଭଲ ପ୍ରଶ୍ନ କରିଛ। ଏମିତିରେ ତ ତୁମ୍ଭର ନାମ ଉଚ୍ଚାରଣ କଲେ ମନୁଷ୍ୟ ପବିତ୍ର ହୋଇଯାଏ। ତଥାପି ଲୋକକଲ୍ୟାଣ ନିମନ୍ତେ ମୁଁ ଏହା କହୁଛି। ବୈଶାଖ ମାସ ଶୁକ୍ଳପକ୍ଷ ଏକାଦଶୀରେ ଯେଉଁ ବ୍ରତ କରାଯାଏ, ତାହାର ନାମ ମୋହିନୀ। ଏହା ପାପ ବିନାଶିନୀ ବ୍ରତ ଭାବରେ ଶ୍ରେଷ୍ଠ। ଏହି ବ୍ରତ ପାଳନ କଲେ ମନୁଷ୍ୟ ମୋହର ପାଶ ଓ ପାପରୁ ମୁକ୍ତ ହୋଇଯାଏ। ଏହା ମଧ୍ୟ ଦୁଃଖର ବିନାଶ କରିବାରେ ଶ୍ରେଷ୍ଠ। କେବଳ ଏହି ବ୍ରତକଥା ଶ୍ରବଣରେ ମଧ୍ୟ ପାପର ବିନାଶ ଘଟିଥାଏ। ଏହା ପରେ, ବ୍ରତକଥା ରୂପେ ବଶିଷ୍ଠ ଯାହା କହିଲେ, ତାହା ଏହିପରି-

ସରସ୍ୱତୀ ନଦୀ ତଟରେ ଥିଲା ଭଦ୍ରାବତୀ ନାମରେ ଏକ ନଗରୀ। ସେଠାରେ ଦ୍ୟୁତିମାନ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଥିଲେ ଚନ୍ଦ୍ରବଂଶୀ, ସତ୍ୟନିଷ୍ଠ ଓ ଧୈର୍ଯ୍ୟବାନ୍। ସେହି ନଗରୀରେ ଥିଲେ ଧନପାଳ ନାମକ ଜଣେ ଧନୀ ବୈଶ୍ୟ। ସେ ବହୁ ପୁଣ୍ୟକର୍ମ କରୁଥିଲେ। ତା' ସହିତ ସେ ମଧ୍ୟ ଥିଲେ ବିଷ୍ଣୁଭକ୍ତ। ତାଙ୍କର ଥିଲେ ପାଞ୍ଚପୁତ୍ର। ସମସ୍ତେ ପାପକର୍ମା। ପଞ୍ଚମ ପୁତ୍ର ଧୃଷ୍ଟବୁଦ୍ଧି ଥିଲା ମହାପାପୀ। ତେଣୁ ରାଜା ଦ୍ୟୁତିମାନ୍ ତାକୁ ରାଜନଅରରୁ ତଡ଼ିଦେଲେ। ସଂପଦ ହରାଇବାରୁ ବନ୍ଧୁମାନେ ମଧ୍ୟ ତାକୁ ଛାଡ଼ି ପଳାଇଲେ। କ୍ଷୁଧା, ତୃଷାରେ ଆତୁର ହୋଇ ସେ ଇତସ୍ତତ ଘୂରି ବୁଲିଲା। ବଣ୍ୟ ପଶୁଙ୍କୁ ମାରି ମାଂସ ଖାଇ ସେ ଅରଣ୍ୟରେ ରହିବାକୁ ଲାଗିଲା। ପୂର୍ବଜନ୍ମର ପାପ ଫଳରେ ସେ ଏ ଜନ୍ମରେ ମଧ୍ୟ ପାପକର୍ମା ହୋଇଥିଲା।

ମାତ୍ର କୌଣସି ଗୋଟିଏ ପୁଣ୍ୟ ହୁଏତ ତା'ର ଥିଲା- ଯେଉଁଥିପାଇଁ ସେ ଦିନେ ଯାଇ ଅରଣ୍ୟରେ ଥିବା ମହର୍ଷି କୌଣ୍ଡିନ୍ୟଙ୍କ ଆଶ୍ରମରେ ପହଞ୍ଚିଥିଲା। ତାହା ଥିଲା ବୈଶାଖ ମାସ। ମହର୍ଷି ଗଙ୍ଗାସ୍ନାନରୁ ଫେରୁଥିଲେ। ତାଙ୍କ ବସ୍ତ୍ରରୁ ଝରିପଡୁଥିବା ଜଳର ସ୍ପର୍ଶରେ ତାର ସବୁ ପାପ ନାଶ ହୋଇଗଲା। ସେ ମହର୍ଷିଙ୍କ ପାଖରେ ହାତଯୋଡ଼ି ଠିଆହେଲା। ମହର୍ଷି ତାକୁ କହିଲେ- ଆଗକୁ ବୈଶାଖ ଶୁକ୍ଳ ଏକାଦଶୀ ଆସୁଛି। ଏହା ମୋହିନୀ ଏକାଦଶୀ। ତୁମେ ଏହା କର। ତୁମର ସମସ୍ତ ପାପ ଦୂରହେବ। ମହର୍ଷିଙ୍କ କଥା ମାନି ଧୃଷ୍ଟବୁଦ୍ଧି ସେହି ବ୍ରତ କରିବାରୁ ପାପମୁକ୍ତ ହେଲା ଏବଂ ବିଷ୍ଣୁଲୋକ ଲାଭ କଲା। ଏହି ବ୍ରତ କଥା ଯୁଧିଷ୍ଠିରଙ୍କୁ ଶୁଣାଇ ଶ୍ରୀକୃଷ୍ଣ କହିଲେ- ହେ ରାଜା! ଏହି ବ୍ରତ କଲେ ଯଜ୍ଞ ଓ ତୀର୍ଥର ଷୋହଳଗୁଣ ପୁଣ୍ୟ ମିଳିଥାଏ। ଏହା ପଢ଼ିଲେ ଓ ଶୁଣିଲେ ସହସ୍ର ଗୋଦାନର ପୁଣ୍ୟ ମିଳେ। ତେବେ ଅନ୍ୟ ପୌରାଣିକ ଉପାଖ୍ୟାନ ଅନୁଯାୟୀ,ଏହି ଦିନ ସମୁଦ୍ର ମନ୍ଥନରୁ ବାହାରିଥିବା ଅମୃତ ବଣ୍ଟନ କରିବାପାଇଁ ବିଷ୍ଣୁ ମୋହିନୀ ବେଶ ଧାରଣ କରିଥିଲେ।

## କୁଲରରୁ ବାହାରୁଥିବା ଦୁର୍ଗନ୍ଧକୁ କେମିତି କରିବେ ଦୂର ଆପଣାନ୍ତୁ ଏହି ସହଜ ଉପାୟ

ପ୍ରବଳ ଗରମ, ଅସ୍ତବ୍ୟସ୍ତ ହେଉଛି ଜନଜୀବନ । ଗ୍ରୀଷ୍ମ ଋତୁରେ ଟିକେ ଥଣ୍ଡା ଅନୁଭବ କରିବା ପାଇଁ ଆମେ କୁଲର ବ୍ୟବହାର କରିଥାଉ । କାରଣ ସବୁ ଲୋକ ଏସି କିଣିବା ସମ୍ଭବ ହୋଇନଥାଏ। ମାତ୍ର ପ୍ରାୟ ଲୋକ କୁଲର ଘରେ ବ୍ୟବହାର କରିଥାନ୍ତି । ଯେଉଁଥିରେ କିଛିଟା ଶାନ୍ତି ମିଳିଥାଏ । ଅସହ୍ୟ ଗରମରୁ ଘରେ ତ୍ରାହି ଦେଉଥିବା ଏହି କୁଲରରେ ପାଣି ଦିଆଯାଏ । ଆଉ ବେଳେ ଏମିତି ଏକ ଦୁର୍ଗନ୍ଧ ହୁଏ ଯାହାକି ନାକ ଫଟେଇ ପକାଏ । ଏମିତି ଲାକେ ଯେତିକି କିଛି ଗୋଟେ ମରିଯାଇଛି । ତେବେ ଏହି ଦୁର୍ଗନ୍ଧକୁ କେମିତି କରିବେ ଦୂର ଆପଣାନ୍ତୁ ଏହିସବୁ ସହଜ ଉପାୟ। ପ୍ରାୟ ଲୋକେ କୁଲରରେ ଦେଇଥିବା ପାଣିକୁ ବଦଳାଇବାକୁ ଭୁଲି ଯାଆନ୍ତି। କିଛିଦିନ ଏହି ପାଣି ରହିବା ପରେ ଦୁର୍ଗନ୍ଧ ବାହାରେ । ସବୁବେଳେ କୁଲରର ପାଣିକୁ ଭଲଭାବେ ସଫା କରନ୍ତୁ । ଏବଂ ପାଣିକୁ ବଦଳାନ୍ତୁ । ଅତି କମରେ ଦୁଇ-ତିନି ଦିନରେ ଥରେ ପାଣିକୁ ବଦଳାଇବାକୁ ଚେଷ୍ଟା କରନ୍ତୁ । ପାଣି ଗୁଡ଼ିକ ଅଧିକ ଦିନ ଜମି ରହିଲେ ଜୀବାଣୁ ହେବା ସହ ଏଥିରୁ ଦୁର୍ଗନ୍ଧ ବାହାରେ । ସବୁବେଳେ କୁଲର ସଫା କରିବା ବେଳେ ଏଥିରେ ଧଳା ଭିନେଗାର ଏବଂ କିଛି ଲେମ୍ବୁ ରସ ମିଶାଇ ସଫା କରନ୍ତୁ। ଏଥିରେ ଥିବା ଜୀବାଣୁ ମରିବା ସହ ଦୁର୍ଗନ୍ଧ ଦୂର କରିବାରେ ଏହା ସହାୟକ ହୋଇଥାଏ । ଏହାସହ କୁଲରରୁ ଥଣ୍ଡା ପବନ ମଧ୍ୟ ବାହାରିଥାଏ । ସବୁବେଳେ ସଫା କରିବା ପରେ ଏହାକୁ ଖରାରେ ରଖନ୍ତୁ । ଏଥିରେ ଥିବା ଜୀବାଣୁ ମଧ୍ୟ ମରିଯାଆନ୍ତି । ଏହାସହ ଏଥିରେ ଥିବା ଦୁର୍ଗନ୍ଧକୁ ମଧ୍ୟ ସହଜରେ ଗାଏବ କରିଥାଏ । ଯଦି କୁଲର ପ୍ୟାଡ୍ ପୁରୁଣା ଏବଂ ମଇଳା ହୋଇଯାଏ, ତେବେ ସେଗୁଡ଼ିକ ଦୁର୍ଗନ୍ଧ ମଧ୍ୟ ଆରମ୍ଭ କରିପାରେ। ତେଣୁ, ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ଦୁର୍ଗନ୍ଧ ରୋକିବା ପାଇଁ ସେଗୁଡ଼ିକୁ ସମୟ ସମୟରେ ଧୋଇ ଦିଅନ୍ତୁ କିମ୍ବା ଆବଶ୍ୟକ ହେଲେ ନୂତନ ପ୍ୟାଡ୍ ସହିତ ବଦଳାନ୍ତୁ। ମନେରଖନ୍ତୁ ଯେ ସଫା ପ୍ୟାଡ୍ ଥଣ୍ଡା, ତାଜା ପବନ ପ୍ରଦାନ କରେ।

## ନଦୀ-ବନ-ପର୍ବତ-ସରୋବର



ଉତ୍ତରପ୍ରଦେଶର ମଥୁରାନଗରୀ ନିକଟରେ ପ୍ରବାହିତ ଯମୁନା ନଦୀ ତୀରରେ ଥିବା ପଚିଶଗୋଟି ଘାଟ ମଧ୍ୟରୁ ବିଶ୍ରାମଘାଟ ମୁଖ୍ୟ। ଏହି ଘାଟର ପବିତ୍ରତା ତଥା ପୌରାଣିକ ମାହାତ୍ମ୍ୟ ସୁଦୂରପ୍ରସାରୀ। କଂସ ଓ ତାର ଅନୁଚର ରାକ୍ଷସମାନଙ୍କର ଅତ୍ୟାଚାରରେ ନିପୀଡ଼ିତ ହୋଇ ମାତା ବସୁନ୍ଧରା ଗାଭୀରୂପ ଧାରଣ କରି ଯେତେବେଳେ ଦେବତାମାନଙ୍କୁ ଗୁହାରି କଲେ, ତାଙ୍କର ବିକଳ ସହ୍ୟ କରି ନ ପାରି ଦେବତାମାନେ ଯାଇ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ। ବିଷ୍ଣୁ ବସୁନ୍ଧରାଙ୍କର ଦୁଃଖ ଦୂର କରିବାପାଇଁ ପ୍ରତିଶ୍ରୁତି ଦେଇ ଦେବତାମାନଙ୍କୁ ବିଦାୟ ଦେଲେ।

ପରେ ଭଗବାନ ବିଷ୍ଣୁ କୃଷ୍ଣରୂପ ଧାରଣ କରି ଧରାବତରଣ କଲେ। କଂସ ଯେତେବେଳେ ଜାଣିଲା, ଶ୍ରୀକୃଷ୍ଣ ଦେବକୀଙ୍କର ଅଷ୍ଟମ ଗର୍ଭର ସନ୍ତାନ, ସେ ବାଳୁତ କାଳରୁ କୃଷ୍ଣଙ୍କୁ ମାରିବାପାଇଁ ପୁତନାଠାରୁ ଆରମ୍ଭ କରି ଅଘାସୁର, ବକାସୁର, ଶକଟାସୁର, ପ୍ରଳମ୍ବାସୁର ପର୍ଯ୍ୟନ୍ତ ଅନେକ ରାକ୍ଷସଙ୍କୁ ପଠାଇଲା। କିନ୍ତୁ କୃଷ୍ଣଙ୍କ ହାତରେ ସେମାନେ ନିହତ ହେଲେ। ଶେଷରେ କୌ?ଣସି ଉପାୟ ନ ପାଇ କଂସ ଧନୁଯାତ୍ରା ଆଳରେ ରାମ ଓ କୃଷ୍ଣଙ୍କୁ ମଥୁରା ନିମନ୍ତ୍ରଣ କରି ଆଣିଲା। ମଥୁରାରେ ମଧ୍ୟ କୃଷ୍ଣ କଂସର ମଲ୍ଲମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ବଧ କଲେ। ପରିଶେଷରେ ଶ୍ରୀକୃଷ୍ଣ କଂସକୁ ନିହତ କଲେ। ଅସୁରମାନଙ୍କ ସହିତ ଯୁଦ୍ଧ କରି କରି ଶ୍ରୀକୃଷ୍ଣ କ୍ଳାନ୍ତ ହୋଇ ପଡ଼ିଥିଲେ। ତେଣୁ ନିଜର ପ୍ରିୟ ଯମୁନା ତୀରକୁ ଯାଇ, ସେଠାରେ ସ୍ନାନ କରି, ସେ କିଛି ସମୟ ବିଶ୍ରାମ ନେଲେ। ପରବର୍ତ୍ତୀ କାଳରେ ଏହି ସ୍ନାନଘାଟ ବିଶ୍ରାମଘାଟ ନାମରେ ବିଖ୍ୟାତ ହେଲା। ଏହି ଘାଟ ସଂପର୍କରେ 'ବରାହପୁରାଣ'ରେ ବର୍ଣ୍ଣିତ ଅଛି। ଆଦିବରାହ ରସାତଳରୁ ପୃଥିବୀକୁ ଉଦ୍ଧାର କରି ଆଣିବା ପରେ ଏଠାରେ ବିଶ୍ରାମ ନେଇଥିଲେ। ଅନ୍ୟ ଏକ କିଂବଦନ୍ତି ଅନୁସାରେ- ଶ୍ରୀରାମଚନ୍ଦ୍ରଙ୍କର କନିଷ୍ଠ ଭ୍ରାତା ଶତ୍ରୁଘ୍ନ ଲବଣାସୁରକୁ ବଧ କଲାପରେ ଏହିଠାରେ ବିଶ୍ରାମ ନେଇଥିଲେ। ଏହିପରି ଅନେକ କିଂବଦନ୍ତି ସହିତ ଜଡ଼ିତ ହୋଇ ବିଶ୍ରାମଘାଟ ମଥୁରାର ଏକ ପ୍ରମୁଖ ଘାଟ ଭାବରେ ପରିଚିତ ହୋଇଛି। ଯେଉଁମାନେ ବ୍ରଜମଣ୍ଡଳ ପରିକ୍ରମା କରନ୍ତି ସେମାନେ ଏହିଠାରୁ ଯାତ୍ରା ଆରମ୍ଭ କରି ପୁଣି ଏହିଠାରେ ପରିକ୍ରମା ଶେଷ କରିଥାନ୍ତି। ଶ୍ରୀକୃଷ୍ଣଙ୍କର ପଦରଜ ଏଠାରେ ପଡ଼ିଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ମନେକରି ଭକ୍ତମାନେ ଏଠାରେ ସ୍ନାନ କରନ୍ତି। ଏହି ଘାଟରେ ଭ୍ରାତୃଦ୍ୱିତୀୟା ପର୍ବ ମହାସମାରୋହରେ ପାଳିତ ହୋଇଥାଏ। ଭାଇମାନଙ୍କ ସହିତ ଭଉଣୀମାନେ ଏହି ଘାଟକୁ ଆସି ପବିତ୍ର ସ୍ନାନ କଲା ପରେ, ଯମୁନା ମହାରାଣୀଙ୍କୁ ଦର୍ଶନ କରିଥାନ୍ତି। ବ୍ରତକଥା ଅନୁସାରେ- ଦେବୀ ଯମୁନା ନିଜ ଭାଇଙ୍କଠାରୁ ବରଦାନ ପାଇଥିଲେ ଯେ ଏହି ଘାଟରେ ସ୍ନାନ କରି ଯେଉଁ ଭଉଣୀ ଯମୁନାଙ୍କୁ ଦର୍ଶନ କରିବ, ତା'ର ଭାଇକୁ ଯମଲୋକ ଯିବାକୁ ପଡ଼ିବ ନାହିଁ। ଏହି ଘାଟ ମଥୁରାର ୨୫ଟି ଘାଟ ମଧ୍ୟରୁ ସର୍ବଶ୍ରେଷ୍ଠ ତଥା କେନ୍ଦ୍ରୀୟ ଘାଟ। ଏଠାର ସକାଳ ଓ ସନ୍ଧ୍ୟା ଆଳତି ଅତ୍ୟନ୍ତ ମନୋମୁଗ୍ଧକର। ସନ୍ଧ୍ୟାକାଳରେ ଯମୁନା ଆଳତି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପାନପତ୍ରରେ ତେଲ ସଳିତା ଜାଳି ଯମୁନାର ସ୍ରୋତରେ ଭସାଇଥାଆନ୍ତି। ଏହି ଦୃଶ୍ୟ ଯେପରି ହୃଦ୍ୟ ସେହିପରି ଅଲୌକିକ। ଏହି ସମୟରେ ସମଗ୍ର ଯମୁନାର ଜଳ ଦୀପମାଳାରେ ଭୂଷିତ ହୋଇ ଏକ ଅନବଦ୍ୟ ଚିତ୍ର ପ୍ରକଟ କରେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅପ୍ରେଲ, ବୁଧବାର, ୨୦୨୬
ପୃଷ୍ଠା – ୬

## ସିଏସକେକୁ ଲାଗିଲା ବଡ଼ ଝଟ୍‌କା

# ସିଜିନ୍‌ରୁ ବାଦ୍ ପଡ଼ିଲେ ଆୟୁଷ ମହାତ୍ରେ



**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ୨୦୨୬ ଆଇପିଏଲ ସିଜିନ୍ ଭଲ ନଥିଲା। ଚଳିତ ସିଜିନ୍ ମଧ୍ୟଭାଗରେ, ଚେନ୍ନାଇ ଦଳ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳର ଷ୍ଟାର ବ୍ୟାଟ୍ସମ୍ୟାନ୍ ଆୟୁଷ ମହାତ୍ରେ ଆଘାତ ଯୋଗୁଁ ଆଇପିଏଲ ୨୦୨୬ରୁ ବାଦ୍ ପଡ଼ିଛନ୍ତି। ମହାତ୍ରେ ଏପର୍ଯ୍ୟନ୍ତ ଚେନ୍ନାଇର ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି। ଫଳସ୍ୱରୂପ, ତାଙ୍କର ଅନୁପସ୍ଥିତି ଦଳ ପାଇଁ ଏକ ବଡ଼ ଝଟ୍‌କା କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କର ଅନୁପସ୍ଥିତି ନିସନ୍ଦେହରେ ସିଏସକେ ପରିଚାଳନାର ଚିନ୍ତାକୁ ବୃଦ୍ଧି କରିଛି।

ଆୟୁଷ ମହାତ୍ରେଙ୍କ ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ କହିଛି ଯେ ତାଙ୍କର ଏକ ଗମ୍ଭୀର ଆଘାତ ଲାଗିଛି ଏବଂ ତାଙ୍କୁ ସୁସ୍ଥ ହେବା ପାଇଁ ୬ରୁ ୧୨ ସପ୍ତାହ ଲାଗିବ। ଫଳସ୍ୱରୂପ ସେ ଏହି ଟୁର୍ଣ୍ଣାମେଣ୍ଟରେ ଆଉ ଅଂଶଗ୍ରହଣ କରିପାରିବେ ନାହିଁ। ଏକ୍ସ ରେ ପୋଷ୍ଟ କରି, ସିଏସକେ ଲେଖିଛି ଯେ ୧୮ ଏପ୍ରିଲରେ ଏସଆରଏଚ ବିପକ୍ଷ ମ୍ୟାଚ୍ ସମୟରେ ବ୍ୟାଟିଂ କରୁଥିବା ସମୟରେ ତାଙ୍କ ବାମ ହାମଷ୍ଟ୍ରିଙ୍ଗ୍ ଆଘାତ ଲାଗିବା ପରେ ଆୟୁଷ ମହାତ୍ରେ ଆଇପିଏଲ ୨୦୨୬ ସିଜିନର ବାକି ସମୟରୁ ବାଦ୍ ପଡ଼ିଛନ୍ତି। ଆୟୁଷଙ୍କ ସୁସ୍ଥତା ପାଇଁ ୬ରୁ ୧୨ ସପ୍ତାହ ଲାଗିବ ବୋଲି ଆଶା କରାଯାଉଛି। ଆମେ ଆୟୁଷଙ୍କ ଶୀଘ୍ର ସୁସ୍ଥତା କାମନା କରୁଛୁ ବୋଲି କୁହାଯାଇଛି।

# ଦିଲ୍ଲୀକ୍ୟାପିଟାଲ୍ସକୁ ୪୭ ରନ୍‌ରେ ହରାଇଲା ହାଇଦ୍ରାବାଦ୍

**ହାଇଦ୍ରାବାଦ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୧ତମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଦମ୍ ଦେଖାଇଛି। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ହାଇଦ୍ରାବାଦ୍ ଚମକପ୍ରଦ ପ୍ରଦର୍ଶନ କରି ନିଜର ପ୍ରଶଂସକମାନଙ୍କର ହୃଦୟ ଜିତିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୯୫ ରନ୍ କରିଥିଲା। ହାଇଦ୍ରାବାଦ୍ ଏହି ମ୍ୟାଚ୍‌କୁ ୪୭ ରନ୍‌ରେ ବିଜୟ ହାସଲ କରିଛି।

ଅକ୍ଷର ପଟେଲଙ୍କ ନେତୃତ୍ୱରେ ୨୪୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦିଲ୍ଲୀ ବ୍ୟାଟିଂ ଆରମ୍ଭ କରିଥିଲା। ପାଥୁମ ନିଶଙ୍କା ଏବଂ କେଏଲ୍ ରାହୁଲ ଦିଲ୍ଲୀ ପାଇଁ ବ୍ୟାଟିଂ କରିବାକୁ ଆସିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୨୧ ରନ୍‌ର ଭାଗିଦାରୀ କରିଥିଲେ। ହାଇଦ୍ରାବାଦର ପ୍ରଥମ ଶିକାର ହୋଇଥିଲେ ନିଶଙ୍କା। ସେ ୬ଟି ବଲ୍ ଖେଳି ଗୋଟିଏ ଛକା ବଳରେ ୮ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀକୁ ଦ୍ୱିତୀୟ ଝଟକା କେଏଲ୍ ରାହୁଲଙ୍କ ଆଉଟ୍ ଭାବେ ଲାଗିଥିଲା। କେଏଲ୍ ରାହୁଲ ୨୩ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୩ଟି ଛକା ମାଧ୍ୟମରେ ୩୭ ରନ୍ ସଂଗ୍ରହ କରିଥିଲେ।

ଦିଲ୍ଲୀ ସ୍କୋର ୧୦୭ ରନ୍‌ରେ ତିନିଟି ମୂଲ୍ୟବାନ ୱିକେଟ୍ ହରାଇଥିଲା। କେଏଲ୍ ରାହୁଲ, ନୀତିଶ ରାଣା ଏବଂ ଡେଭିଡ ମିଲର ଆଉଟ୍ ହୋଇଥିଲେ। ଡେଭିଡ ମିଲର ଶୂନ୍ୟ ରନ୍‌ରେ ଆଉଟ୍ ହୋଇଥିଲେ। ନୀତିଶ ରାଣା ୩୦ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ବଳରେ ୫୭ ରନ୍ ସଂଗ୍ରହ କରିଥିଲେ।

ଟସ୍ ଜିଣି ଦିଲ୍ଲୀ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଆୟୋଜକ ହାଇଦ୍ରାବାଦ ବ୍ୟାଟିଂ କରିଥିଲା। ଇଶାନ କିଶନଙ୍କ ନେତୃତ୍ୱରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟ ହରାଇ ୨୪୨ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦରେ ଆଜି ଛକା ଏବଂ ଚୌକାର ବର୍ଷା ଦେଖିବାକୁ ମିଳିଥିଲା। କେବଳ ପ୍ରଥମ ଇନିଂସରେ ହାଇଦ୍ରାବାଦ ପକ୍ଷରୁ ୧୭ଟି ଚୌକା ଏବଂ ୧୬ଟି ଛକା ଦେଖିଥିଲେ ଦର୍ଶକ। ଯୁବ ବ୍ୟାଟର ଅଭିଷେକ ଶର୍ମା ୪୭ଟି ବଲ୍‌ରେ ଶତକ ହାସଲ କରିଥିଲେ। ସେ ମୋଟ୍ ୬୮ଟି ବଲ୍ ଖେଳିଥିଲା ବେଳେ ୧୦ଟି ଚୌକା ଏବଂ ୧୦ଟି ଛକା ସହିତ ଅପରାଜିତ ୧୩୫ ରନ୍ ସଂଗ୍ରହ କରିଥିଲେ। ହେନ୍‌ରିକ୍ କ୍ଲାସେଁ ଅପରାଜିତ ରହି ୩୭ ରନ୍ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ହାଇଦ୍ରାବାଦର ଇନିଂସ ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଏବଂ ଟ୍ରାଭିସ ହେଡ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୯୭ ରନ୍‌ର ଭାଗିଦାରୀ କରିପାରିଥିଲେ। ଦିଲ୍ଲୀର ପ୍ରଥମ ଶିକାର ହୋଇଥିଲେ ହେଡ୍। କିନ୍ତୁ ପଡ଼ିଆରୁ ବିଦାୟ ନେବା ପୂର୍ବରୁ ସେ ବ୍ୟକ୍ତିଗତ ଭାବେ ୩୭ ରନ୍ ସଂଗ୍ରହ କରିଥିଲେ। ସେ ୨୬ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ହାଇଦ୍ରାବାଦ ଦ୍ୱିତୀୟ ୱିକେଟ୍‌ରେ ୭୯ ରନ୍ ସଂଗ୍ରହ କରିଥିଲା। ଏହି ରନ୍ ଅଭିଷେକ ଶର୍ମା ଏବଂ ଇଶାନ କିଶନ କରିଥିଲେ। ଇଶାନ କିଶନ ଆଉଟ୍ ହେବା ପୂର୍ବରୁ ୧୩ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ ସଂଗ୍ରହ କରିଥିଲେ।



# ଆଲ୍‌କାରାଜ ଓ ସାବାଲେଙ୍କାଙ୍କୁ ମିଳିଲା ଲେରିୟସ୍ ସମ୍ମାନ



**ମାଦ୍ରିଦ୍**

ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ଭାବେ ପରିଚିତ ଲେରିୟସ୍ ଆୱାର୍ଡସ ପ୍ରଦାନ କରାଯାଇଛି। ପୁରୁଷ ଓ ମହିଳା ବର୍ଗରେ ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ାବିତ୍ ସମ୍ମାନକୁ ହାତେଇ ନେଇଛନ୍ତି ଦୁଇ ଟେନିସ୍ ଖେଳାଳି କାର୍ଲୋସ ଆଲକାରାଜ ଓ ଆରିନା ସାବାଲେଙ୍କା। ୨୦୨୫ ମସିହାରେ ଚମତ୍କାର ପ୍ରଦର୍ଶନ କରିଥିବା ଏହି ଦୁଇ ଟେନିସ୍ ଖେଳାଳି ଶୀର୍ଷ ମାନ୍ୟତା ମଧ୍ୟ ଅର୍ଜନ କରିଥିଲେ।

ମାଦ୍ରିଦ୍‌ରେ ଅନ୍ୟତମ ଟେନିସ୍ ମହାନ ନୋଭାକ ଜୋକୋଭିକ୍ ଏବଂ ଏଲିନ୍ ଗୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୬୯ ଜଣ ବିଚାରକଙ୍କୁ ନେଇ ଗଠିତ ଚୟନ ସମିତି ଏମାନଙ୍କୁ ବାଛିଥିଲେ। ଲେରିୟସ୍ ୱାର୍ଲ୍ଡ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ୨୦୦୦ ମସିହାରୁ ଏହି ବାର୍ଷିକ ବିଶ୍ୱସ୍ତରୀୟ ସମ୍ମାନ ପ୍ରଦାନ କରାଯାଇ ଆସୁଛି।

# ‘ବିରାଟଙ୍କ ପାଇଁ ମୁଁ କ୍ରିକେଟ ଫଲୋ କରେ’ : ନୋଭାକ୍ ଜୋକୋଭିକ୍



**ନୂଆଦିଲ୍ଲୀ**

ବିରାଟ କୋହଲି ଏବଂ ନୋଭାକ୍ ଜୋକୋଭିକ୍ କ୍ରୀଡ଼ା ଜଗତର ଦୁଇ ଷ୍ଟାର। ଜଣେ କ୍ରିକେଟର କିଙ୍ଗ୍ ଆଉ ଜଣେ ଟେନିସର ମୁକୁଟ ବିହୀନ ରାଜା। ଉଭୟ ନିଜ ନିଜ କ୍ରୀଡ଼ାର ସର୍ବଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ। ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଏବଂ ପାରସ୍ପରିକ ସମ୍ମାନ ବି ରହିଛି। ଟେନିସ୍ ଆଇକନ୍ ନୋଭାକ ଜୋକୋଭିକଙ୍କ ଘରୋଇ ଦେଶ ସର୍ବିଆରେ କ୍ରିକେଟ ଏତେ ଲୋକପ୍ରିୟ ନୁହେଁ କିନ୍ତୁ ଟେନିସ୍ ତାରକା ଗୋଟିଏ କାରଣ ପାଇଁ କ୍ରିକେଟ ଅନୁସରଣ କରନ୍ତି। ସେ ହେଉଛନ୍ତି ବିରାଟ କୋହଲି। କ୍ରୀଡ଼ା ଜଗତର ଅସ୍କାର ଭାବେ ବିବେଚିତ ଲୌରିୟସ ବିଶ୍ୱ କ୍ରୀଡା ପୁରସ୍କାର ଅବସରରେ ଜୋକୋଭିକ୍ କ୍ରୀଡ଼ା ପୁରସ୍କାର ଅବସରରେ ଏହା କହିଛନ୍ତି। ସେ ବିରାଟ କୋହଲିଙ୍କ ପାଇଁ କ୍ରିକେଟ ଫଲୋ କରନ୍ତି। ସେ ଆଶା ରଖିଛନ୍ତି, ଯେତେବେଳେ ଭାରତ ଗସ୍ତ କରିବେ ତେବେ କୋହଲିଙ୍କ ସହିତ ନିଶ୍ଚିତ ରହିବେ। ଜୋକୋଭିକ ଖୁବ୍‌ଶୀଘ୍ର ଭାରତ ଆସିପାରନ୍ତି।

ଟେନିସ୍ ତାରକା ନୋଭାକ୍ ଜୋକୋଭିକ୍ କହିଛନ୍ତି, ବିରାଟ କୋହଲି ମୋର ବନ୍ଧୁ। ଆମ ବନ୍ଧୁତା ଏତେ ଖାସ୍ ଯାହାକୁ ମୁଁ ସମ୍ମାନ କରେ ପ୍ରଶଂସା କରେ। ସତ କହିବାକୁ ଗଲେ, ତାଙ୍କ କାରଣରୁ ମୁଁ କ୍ରିକେଟକୁ ଅନୁସରଣ କରିବା ଆରମ୍ଭ କରିଥିଲି। ମୁଁ ପୂର୍ବରୁ ଏହାକୁ ଫଲୋ କରୁଥିଲି କିନ୍ତୁ ତାଙ୍କ ପାଇଁ ଏହାକୁ ଅଧିକ ଅନୁସରଣ କରିବା ଆରମ୍ଭ କଲି। ଆମେ ଯୋଗାଯୋଗରେ ରହିଥାଉ, ମୁଁ ଆଶା କରୁଛି ଯେବେ ଭାରତ ଯିବି ନିର୍ଦ୍ଧିଷ୍ଟ ଭାବେ ତାଙ୍କ ସହିତ ରହିବି। ଆମେ ଟିକିଏ ଟେନିସ୍ ଏବଂ ଟିକିଏ କ୍ରିକେଟ ଖେଳିବୁ। ଆମେ ମଜା କରିବୁ ଏବଂ ଖେଳ ଉପଭୋଗ କରିବା ସହିତ ସକାରାତ୍ମକ, ଭଲ ପାଇବା ବାଣ୍ଟିବୁ। ନିଜକୁ ଭାରତୀୟ ଦଳର ପ୍ରଶଂସକ ବୋଲି କହି ନୋଭାକ୍ ଜୋକୋଭିକ୍ କହିଛନ୍ତି, ସେ ଖୁବ୍‌ଶୀଘ୍ର ଏହି ଦେଶକୁ ଗସ୍ତ କରିବାକୁ ଯୋଜନା କରୁଛନ୍ତି। ଯେଉଁ ଦେଶର ସେ ଦୀର୍ଘଦିନ ଧରି ପ୍ରଶଂସକ ରହି ଆସିଛନ୍ତି।

ନୋଭାକ୍ ଜୋକୋଭିକ୍ ଟେନିସ ଜଗତର ନିର୍ବିବାଦ ରାଜା। ସେ ୨୪ଟି ଗ୍ରାଣ୍ଡ ସ୍ଲମ ଟାଇଟଲ୍ ଜିତିଛନ୍ତି। ମହିଳା ଟେନିସରେ ଏହି ସଫଳତା ହାସଲ କରିଥିବା ମାର୍ଗାରେଟ କୋର୍ଟଙ୍କ ସହ ସର୍ବାଧିକ ଗ୍ରାଣ୍ଡ ସ୍ଲମ ଟାଇଟଲର ରେକର୍ଡ ଭାଗ କରିଛନ୍ତି। ଜୋକୋଭିକ୍ କହିଛନ୍ତି, ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଭାରତୀୟ ଟେନିସ୍ ଏବଂ କ୍ରୀଡ଼ା ପ୍ରଶଂସକଙ୍କଠାରୁ ମୁଁ ପାଇଥିବା ସମର୍ଥନ ପାଇଁ ମୋର ସର୍ବଦା ପ୍ରେମ, ସମ୍ମାନ ଏବଂ କୃତଜ୍ଞତାର ବାର୍ତ୍ତା ରହିବ। ମୋର ବର୍ତ୍ତା ମଧ୍ୟ ହେବ ଖୁବଶୀଘ୍ର ଭାରତରେ ଦେଖାହେବ କାରଣ ମୋତେ ସେଠାକୁ ଯିବାକୁ ପଡିବ। ମୁଁ ଭାରତ ଯିବାକୁ ଅପେକ୍ଷା କରିଛି। ମାଦ୍ରିଦରେ ଅନୁଷ୍ଠିତ ଲୌରସ ବିଶ୍ୱ କ୍ରୀଡ଼ା ପୁରସ୍କାର ୨୦୨୬ରେ ଟେନିସରେ ପ୍ରାଧାନ୍ୟ ବିସ୍ତାର କରିଥିଲା।

# ପୂର୍ବତନ କ୍ରିକେଟର ୟୁସୁଫ ପଠାନଙ୍କ ଶ୍ୱଶୁର-ଶାଳକ ଗିରଫ

**ମୁମ୍ବାଇ**

ମୁମ୍ବାଇର ପୁଲିସ ପୂର୍ବତନ ଭାରତୀୟ କ୍ରିକେଟର ଏବଂ ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ୟୁସୁଫ୍ ପଠାନଙ୍କ ଶ୍ୱଶୁର ଓ ଶାଳକଙ୍କ ସମେତ ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଗିରଫ କରିଛି। ରିପୋର୍ଟ ଅନୁସାରେ, ଏହି ତିନି ଜଣଙ୍କୁ ଦୁଇ ଦିନ ପୂର୍ବରୁ ବାଇକୁଲା ଅଞ୍ଚଳରେ ଗିରଫ କରାଯାଇଥିଲା। ପୁଲିସ ଅନୁସାରେ, ସେମାନଙ୍କ ଉପରେ ଜଣେ ବ୍ୟକ୍ତି ଏବଂ ତାଙ୍କ ପରିବାର ଉପରେ ଆକ୍ରମଣ କରିବାର ଅଭିଯୋଗ ରହିଛି।

ମୁମ୍ବାଇ ପୁଲିସ କହିଛି ଯେ, ଅଭିଯୁକ୍ତମାନଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୧୧୮(୨), ୧୧୫(୨), ୩୨୪, ୩୫୨, ୩୫୧(୨), ଏବଂ ୩(୫) ସମେତ ଧାରା ଅନୁଯାୟୀ ହେପାଜତକୁ ନେଇଛି। ଜଣେ ବ୍ୟକ୍ତି ଫେରାର୍ ଅଛନ୍ତି। ମାମଲା ଗଠନ ପାଇଁ ତଦନ୍ତକାରୀମାନେ ନିରୀକ୍ଷଣ ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଏବଂ ଭୌତିକ ପ୍ରମାଣର ମିଶ୍ରଣ ଉପରେ ନିର୍ଭର କରିଥିଲେ। ଆକ୍ରମଣରେ ବ୍ୟବହୃତ ହୋଇଥିବା ଅସ୍ତ୍ରଶସ୍ତ୍ର ଜବତ ହେବା ଦ୍ୱାରା ଅଭିଯୋଗକାରୀଙ୍କ ଦାବିକୁ ଦୃଢ଼ ବୋଲି ବିବେଚନା କରାଯାଇଥିବା ପୁଲିସ ଅଧିକାରୀ କହିଛନ୍ତି। ପୀଡିତଙ୍କ ଅଭିଯୋଗ ଅନୁସାରେ, ଛୋଟ କଥାରୁ ବଚସା ହୋଇଥିଲା। ସେମାନେ ପୀଡିତଙ୍କୁ ମାରପିଟ୍ କରିଥିବା ଅଭିଯୋଗ ହୋଇଛି।

ସୂଚାନାଯୋଗ୍ୟ ଯେ, ପୀଡିତ ବ୍ୟକ୍ତି ଜଣଙ୍କ ତାଙ୍କ କାର୍ ଚଳାଉଥିଲେ, ଯେତେବେଳେ ତାଙ୍କର ଗୋଟିଏ ଚକ ଏକ ଗାତରେ ପଡ଼ିଯାଇଥିଲା। ସେଥିରେ ଜମିଥିବା ପାଣି ଛିଟିକି ପଡ଼ିଥିଲା। ଏହା ବିବାଦକୁ ଆହୁରି ତୀବ୍ର କରିଥିଲା, ଯାହା ଫଳରେ ଏକ ଝଗଡ଼ା ହୋଇଥିଲା। ଏହି ଘଟଣା ପରେ, ବାଇକୁଲା ପୁଲିସ ଷ୍ଟେସନ ୩ ଜଣଙ୍କୁ ଗିରଫ କରିଥିଲା। ପୁଲିସ ଏହି ମାମଲାରେ ସିସିଟିଭି ଫୁଟେଜ୍, ସାକ୍ଷୀଙ୍କ ବୟାନ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆକ୍ରମଣରେ ବ୍ୟବହୃତ ବାଉଁଶ ବାଡ଼ି ଏବଂ ବେସବଲ୍ ବ୍ୟାଟ୍ ଜବତ କରିଛି। ଏହା ବ୍ୟତୀତ, ପୁଲିସ କୋର୍ଟକୁ ଜଣାଇଛି ଯେ, ସିସିଟିଭି ଫୁଟେଜ୍ ଏବଂ ସାକ୍ଷୀଙ୍କ ମାଧ୍ୟମରେ ଅଭିଯୁକ୍ତଙ୍କୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇଛି। ମାମଲାରେ ଜଣେ ଫେରାର ଅଛନ୍ତି।

# ବୋଷ୍ଟନ୍ ମାରାଥନ୍‌ରେ କେନିୟାର ପ୍ରାଧାନ୍ୟ



**ବୋଷ୍ଟନ୍**

ବୋଷ୍ଟନ୍ ମାରାଥନ୍‌ର ୧୩୦ତମ ସଂସ୍କରଣରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି କେନିୟା ଆଥଲେଟ୍। ଜନ୍ କୋରିର ଓ ସାରୋନ୍ ଲୋକେଡି ଯଥାକ୍ରମେ ପୁରୁଷ ଓ ମହିଳା ଟ୍ରଫି ବଜାୟ ରଖିଛନ୍ତି। ଥଣ୍ଡାଳିଆ ପାଗ ଓ ପଛୁଆ ପବନ ପ୍ରବାହ କାରଣରୁ ଅଧିକାଂଶ ଆଥ୍‌ଲେଟଙ୍କ ପ୍ରଦର୍ଶନରେ ବି ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଏକାଧିକ ନୂଆ ରେକର୍ଡ ବି ଦେଖିବାକୁ ମିଳିଛି।

ପୁରୁଷ ବର୍ଗରେ ଜନ୍ କୋରିର କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ କେବଳ ଟ୍ରଫି ବଜାୟ ରଖିନାହାନ୍ତି, ୧୫ ବର୍ଷ ତଳର ରେକର୍ଡକୁ ବି ପଛରେ ପକାଇ ଦେଇଛନ୍ତି। ପୁରୁଷ ବର୍ଗର ଶୀର୍ଷ ୩ ଖେଳାଳି ମଧ୍ୟ ପୂର୍ବ ରେକର୍ଡ (୨:୦୩:୦୨, ଜିଓଫ୍ରେ ମୁତାଇ, ୨୦୧୧)କୁ ପଛରେ ପକାଇଛନ୍ତି। କୋରିର ୨ ଘଣ୍ଟା ୧ ମିନିଟ୍ ୫୨ ସେକେଣ୍ଡ୍ ସମୟ ନେଇ ବିଜେତା ହୋଇଥିବାବେଳେ ତାଙ୍କ ଦେଶର ସାରୋନ୍ ଲୋକେଡି ୨ ଘଣ୍ଟା ୧୮ ମିନିଟ୍ ୫୧ ସେକେଣ୍ଡ୍ ନେଇ କ୍ରମାଗତ ଭାବେ ମହିଳା ଟ୍ରଫି ହାତେଇଛନ୍ତି। ‘ମୁଁ ଜାଣିଥିଲି ମୋ ଟାଇଟଲ୍ ଡିଫେଣ୍ଡ୍ କରିପାରିବି, କିନ୍ତୁ ଜାଣିନଥିଲି ଏତେ ଦ୍ରୁତ ବେଗରେ ଦୌଡ଼ିପାରିବି’ ବୋଲି କୋରିର ରେସ୍ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

## ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧି ହେଲେ ୬୦ ଯୋଡ଼ି ବର କନ୍ୟା



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଗୋଟିଏ ଜାଗାରେ ୬୦ ଯୋଡ଼ା ବର କନ୍ୟାଙ୍କ ଏକା ସାଙ୍ଗରେ ବାହାଘର। ବର ବଧୂ ବେଶରେ ସୁସଜ୍ଜିତ ହୋଇଥିଲେ ନବ ଦମ୍ପତି। ତାହା ପୁଣି ବାଜା ରୋଷଣୀ ସହ ନୃତ୍ୟ ସଙ୍ଗୀତର ଆସରରେ ଖୁବ୍ ଧୁମଧାମରେ ପାରମ୍ପରିକ ରୀତିନୀତିରେ ହୋଇଥିଲା ବିବାହ କାର୍ଯ୍ୟକ୍ରମ। କେବଳ ସମ୍ପର୍କୀୟ ନୁହେଁ, ବରଂ ବରଯାତ୍ରୀରେ ସାମିଲ ହୋଇଥିଲେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀଗଣ। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାରେ ଏଭଳି ଏକ ନିଆରା ସାମୂହିକ ବିବାହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ମଙ୍ଗଳବାର ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଷଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୬୦ ଯୋଡ଼ା ଦମ୍ପତିଙ୍କ ବିବାହ କାର୍ଯ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କହିଥିଲେ ଯେ, ଲିଙ୍ଗେଶ୍ୱର ମହାଦେବ ଏବଂ ମାଆ ବିରଜାଙ୍କ ଆଶୀର୍ବାଦ ନେଇ ସାମୂହିକ ବିବାହ କର୍ମ ସମ୍ପନ୍ନ ହୋଇଛି। ଏହା ମୁଖ୍ୟମନ୍ତ୍ରୀଙ୍କ ଏକ ସାମାଜିକ କଲ୍ୟାଣକାରୀ ଯୋଜନା। ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ଏବଂ ମାଆମାନଙ୍କ ହୁଳୁହୁଳିରେ ସୃଷ୍ଟି ହୋଇଥିଲା ଏକ ଅପୂର୍ବ ପରିବେଶ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ,ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ପାତ୍ର, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ଯୋଗ ଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି କନ୍ୟା ବିବାହ ଯୋଜନାରେ ବିବାହ କରିଥିବା ସମସ୍ତ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା।

# ମାନସିକ ଅସୁସ୍ଥତା ଓ ବୌଦ୍ଧିକ ଅକ୍ଷମତା ବ୍ୟକ୍ତିଙ୍କ ପାଇଁ ଆଇନ ସେବା



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ ତଥା ଜିଲ୍ଲା ଜଜ୍-ତଥା-ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରଙ୍କ ଅନୁମତି କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ମାମି ଅନୁଷ୍ଠାନଠାରେ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣର (ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସେବା) ଯୋଜନା ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ଓ ପ୍ରାରମ୍ଭରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାଶ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ ସେବା ଯୋଜନା ବିଷୟ ଉପରେ ସମସ୍ତ ଅନ୍ତେବାସୀ ମାନଙ୍କୁ ବୁଝାଇ ଥିଲେ ଓ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ଉପ ଆରକ୍ଷୀ ଅଧିକ୍ଷକ ରେଣୁକା ସୁନା, ଉପଖଣ୍ଡ ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଡକ୍ଟର ଦେବାଶିଷ ପାଣ୍ଡିଆ, ସାମାଜିକ କର୍ମୀ ନିବେଦିତା ରଥ ଏବଂ ପ୍ରକାଶ କୁମାର ରଥ ପୂର୍ବତନ ପବ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ଟ୍ରାକ୍‌ରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ : ଭାରତର ଭବିଷ୍ୟତ ପାଇଁ ମହିଳା ନେତୃତ୍ୱ କାହିଁକି ଆବଶ୍ୟକ



**ଡ. ପି.ଟି. ଉଷା**
ରାଜ୍ୟସଭା ସାଂସଦ; ସଭାପତି, ଭାରତୀୟ ଅଲିମ୍ପିକ୍ ଆସୋସିଏସନ ଏବଂ ସଭାପତି, କମନୱେଲଥ ଗେମ୍ସ ଆସୋସିଏସନ, ଇଣ୍ଡିଆ

ମୁଁ ମୋର ସାରା ଜୀବନ ଦୌଡ଼ିବାରେ ବିତାଇଛି–ପ୍ରଥମେ କେରଳର ମାଟି ଟ୍ରାକ୍‌ରେ, ତା’ପରେ ବିଶ୍ୱ ମଞ୍ଚରେ ଏବଂ ଏବେ ସାର୍ବଜନୀନ ଜୀବନର କରିଡରରେ। ପ୍ରତ୍ୟେକ ପଦକ୍ଷେପରେ ମୁଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛି, କିଛି ଦୃଶ୍ୟମାନ ତ ଆଉ କିଛି ଅଦେଖା, ଅକୁହା– ଯାହା ମହିଳାମାନଙ୍କୁ କହୁଥିଲା ଯେ ଏଠାରେ ସେମାନଙ୍କ ପାଇଁ କୌଣସି ସ୍ଥାନ ନାହିଁ। କିନ୍ତୁ ଯେତେବେଳେ ସେହି ପ୍ରତିବନ୍ଧକଗୁଡ଼ିକ ହଟିବାକୁ ଲାଗେ, ସେତେବେଳେ କ’ଣ ହୁଏ ତାହା ମଧ୍ୟ ମୁଁ ଦେଖିଛି। ସୁଯୋଗ ଫଳାଫଳକୁ ବଦଳାଇ ଦିଏ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ବିଶ୍ୱାସକୁ ବଦଳାଇ ଦିଏ।

ସେଥିପାଇଁ ସମ୍ବିଧାନ (ଏକ ଶହ ଅଠେଇଶ ତମ ସଂଶୋଧନ) ବିଧେୟକ–୨୦୨୩ ତଥା ‘ନାରୀ ଶକ୍ତି ବନ୍ଦନ ଅଧିନିୟମ’–କେବଳ ଏକ ଆଇନଗତ ମାଇଲଖୁଣ୍ଟ ନୁହେଁ; ଏହା ଏକ ବହୁ ପ୍ରତୀକ୍ଷିତ ସଂରଚନାତ୍ମକ ସଂସ୍କାର। ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣ କରିବା କୌଣସି ଅନୁକମ୍ପା କିମ୍ବା ପ୍ରତୀକାତ୍ମକ ପଦକ୍ଷେପ ନୁହେଁ। ଅଧିକ ପ୍ରତିନିଧି ସମ୍ବଳିତ ଏବଂ ପ୍ରଭାବଶାଳୀ ଗଣତନ୍ତ୍ର ଦିଗରେ ଏହା ଏକ ଆବଶ୍ୟକୀୟ ପଦକ୍ଷେପ।

**କ୍ରୀଡ଼ା ଆମକୁ କ’ଣ ଶିଖାଇଛି :** ମୋର ମନେ ପଡ଼େ, ୧୯୮୪ ଲସ୍ ଏଞ୍ଜେଲେସ୍ ଅଲମ୍ପିକ୍ସ କଥା। ସେତେବେଳେ ଗୋଟିଏ ସେକେଣ୍ଡର କିଛି ଭାଗ ଆଗପଛ ହେତୁ ମୁଁ ପଦକ ହରାଇଥିଲି। ସେ ସମୟରେ ବହୁତ କମ୍ ଭାରତୀୟ ଝିଅ ଥିଲେ ଯେଉଁମାନେ ନିଜକୁ ଏକ ବିଶ୍ୱସ୍ତରୀୟ ମଞ୍ଚରେ ଦେଖିବାକୁ ସକ୍ଷମ ହେଉଥିଲେ। ଗତ କିଛି ଦଶନ୍ଧି ମଧ୍ୟରେ ସେହି ଚିତ୍ର ବଦଳିଛି। ତାଲିମ, ଭିତ୍ତିଭୂମି ଏବଂ ସ୍ୱୀକୃତିର ସୁଯୋଗ ବୃଦ୍ଧି ପାଇବା ସହିତ ଭାରତୀୟ ମହିଳାମାନେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି।

ପି.ଭି. ସିନ୍ଧୁ, ମୀରାବାଈ ଚାନୁ, ଭିନେଶ ଫୋଗାଟ୍ ଏବଂ ମେରୀ କମ୍‌ଙ୍କ ଭଳି ଆଥଲେଟମାନେ ଆକସ୍ମିକ ଭାବେ ସୃଷ୍ଟି ହୋଇ ନାହାଁନ୍ତି। ସେମାନେ ଏକ ବ୍ୟବସ୍ଥାର ଫଳାଫଳ ଯାହା ଧୀରେ ଧୀରେ ହେଲେ ମଧ୍ୟ ସୁଯୋଗର ପରିସରକୁ ବଢ଼ାଇଛି। ପ୍ରତିନିଧିତ୍ୱ ଦ୍ୱାରା ଆକାଂକ୍ଷା ସୃଷ୍ଟି ହୁଏ, ଏବଂ ଆକାଂକ୍ଷାକୁ ଯେତେବେଳେ ସହଯୋଗ ମିଳେ, ତାହା ସଫଳତା ଆଣିଦିଏ।

ଶିକ୍ଷା ସ୍ପଷ୍ଟ। ଯେତେବେଳେ ମହିଳାମାନଙ୍କୁ ସ୍ଥାନ ଦିଆଯାଏ, ସେମାନେ କେବଳ ଅଂଶଗ୍ରହଣ କରନ୍ତି ନାହିଁ–ସେମାନେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତି।

**ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଉତ୍ତମ ଶାସନ :** ତୃଣମୂଳ ସ୍ତରରେ ମହିଳା ନେତୃତ୍ୱର ପ୍ରଭାବ ଭାରତ ପୂର୍ବରୁ ଦେଖିସାରିଛି। ୭୩ତମ ସମ୍ବିଧାନ ସଂଶୋଧନ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକରେ ମହିଳାଙ୍କ ପାଇଁ ସଂରକ୍ଷଣ ଆଣିବା ପରଠାରୁ, ବିଭିନ୍ନ ରାଜ୍ୟରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ମହିଳା ପ୍ରତିନିଧିମାନଙ୍କ ନେତୃତ୍ୱରେ ପାନୀୟ ଜଳ, ପରିମଳ, ଶିକ୍ଷା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ହୋଇଛି।

ଏଗୁଡ଼ିକ କେବଳ ‘ମହିଳାଙ୍କ ସମସ୍ୟା’ ନୁହେଁ; ଏଗୁଡ଼ିକ ଜାତୀୟ ପ୍ରାଥମିକତା। ମହିଳାମାନେ ନେତୃତ୍ୱ ନେଲେ ସେମାନେ ପ୍ରାୟତଃ ଦୈନନ୍ଦିନ ଶାସନଗତ ଆହ୍ୱାନଗୁଡ଼ିକ ଉପରେ ଗୁରୁତ୍ୱ ଦିଅନ୍ତି ଯାହା ପରିବାର ଏବଂ ସମାଜକୁ ସିଧାସଳଖ ପ୍ରଭାବିତ କରେ, ଯେମିତି– ନିରାପଦ ସାର୍ବଜନୀନ ସ୍ଥାନ, କାର୍ଯ୍ୟକ୍ଷମ ବିଦ୍ୟାଳୟ, ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ସେବା।

ଏହି ପ୍ରତିନିଧିତ୍ୱକୁ ରାଜ୍ୟ ବିଧାନସଭା ଏବଂ ସଂସଦ ପର୍ଯ୍ୟନ୍ତ ନେବା କେବଳ ନ୍ୟାୟର କଥା ନୁହେଁ। ଏହା ଶାସନର ଗୁଣବତ୍ତାରେ ଉନ୍ନତି ଆଣିବାର ଏକ ପ୍ରମୁଖ ବିଷୟ।

**ପ୍ରତିନିଧିତ୍ୱର ଆର୍ଥିକ ଦିଗ :** ଭାରତରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ହାର ବିଶ୍ୱରେ ସର୍ବନିମ୍ନ ସ୍ତରରେ ରହିଛି, ଯାହା ପ୍ରାୟ ୨୫ ପ୍ରତିଶତ। ଏହା କେବଳ ଏକ ସାମାଜିକ ଚିନ୍ତା ନୁହେଁ– ଏହା ଏକ ଆର୍ଥିକ ପ୍ରତିବନ୍ଧକ ମଧ୍ୟ।

ବିଧାନସଭାଗୁଡ଼ିକରେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ସେହି ନୀତିଗୁଡ଼ିକୁ ପ୍ରାଥମିକତା ଦେବାରେ ସାହାଯ୍ୟ କରିବ ଯାହା ଏହି ଅବ୍ୟବହୃତ ସାମର୍ଥ୍ୟକୁ ବିକଶିତ କରିପାରିବ: ସୁଲଭ ଶିଶୁ ଯତ୍ନ, ନିରାପଦ କର୍ମକ୍ଷେତ୍ର, ଋଣ ସୁବିଧା ଏବଂ ମହିଳା ଉଦ୍ୟୋଗୀଙ୍କ ପାଇଁ ସହଯୋଗ। ମ୍ୟାକକିନସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି ଯେ ଲିଙ୍ଗଗତ ସମାନତାକୁ ଆଗକୁ ନେଲେ ଭାରତର ଜିଡିପିରେ ୭୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ।

ଏକ ଅଧିକ ଅନ୍ତର୍ଭୁକ୍ତିମୂଳକ ସଂସଦ କେବଳ ଏକ ଗଣତାନ୍ତ୍ରିକ ଆବଶ୍ୟକତା ନୁହେଁ; ଏହା ଏକ ଆର୍ଥିକ ଅପରିହାର୍ଯ୍ୟତା ମଧ୍ୟ।

**ସୁରକ୍ଷା, ମର୍ଯ୍ୟାଦା ଏବଂ ଅଂଶଗ୍ରହଣ :** ଭାରତର କୋଟି କୋଟି ମହିଳାଙ୍କ ପାଇଁ, ସାର୍ବଜନୀନ ଜୀବନରେ ଅଂଶଗ୍ରହଣ ଏବେ ମଧ୍ୟ ସୁରକ୍ଷା, ପାତରଅନ୍ତର ଏବଂ ସମାନତାବିହୀନ ସୁଯୋଗର ଚିନ୍ତା ଦ୍ୱାରା ପ୍ରଭାବିତ। କ୍ରୀଡ଼ା, ଶିକ୍ଷା କିମ୍ବା କର୍ମକ୍ଷେତ୍ର– ସବୁକ୍ଷେତ୍ରରେ ଏହି ପ୍ରତିବନ୍ଧକସବୁ ଗଭୀର ଭାବରେ ରହିଛି।

ସଂସଦରେ ଅଧିକ ମହିଳା ସଦସ୍ୟ ହେବାର ଅର୍ଥ ହେଉଛି ଆଇନ ଏବଂ ନୀତିଗୁଡ଼ିକ କେବଳ ଦୂରରୁ ଅନୁଭବ କରି ନୁହେଁ, ବରଂ ବାସ୍ତବ ଜୀବନର ଅନୁଭୂତି ଆଧାରରେ ପ୍ରସ୍ତୁତ ହେବ। ଏହାର ଅର୍ଥ ହେଉଛି ନିୟମ କାର୍ଯ୍ୟକାରୀ କରିବା ପାଇଁ ଶକ୍ତିଶାଳୀ ଓକିଲାତି, ସହାୟତା ବ୍ୟବସ୍ଥା ପାଇଁ ସମ୍ବଳର ଉତ୍ତମ ବଣ୍ଟନ ଏବଂ ଏକ ନ୍ୟାୟିକ ଢାଞ୍ଚା ଯାହା ଅଧିକ ସମ୍ବେଦନଶୀଳ ଏବଂ ସୁଲଭ ହେବ।

ଶାସନ ସେତେବେଳେ ଅଧିକ ପ୍ରଭାବଶାଳୀ ହୁଏ ଯେତେବେଳେ ଏହା ସେହି ଲୋକମାନଙ୍କର ଅନୁଭୂତିକୁ ପ୍ରତିଫଳିତ କରେ ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ।

**ପ୍ରତିନିଧିତ୍ୱ ଏବଂ ଆକାଂକ୍ଷାର ଶକ୍ତି :** ଭାରତରେ କ୍ଷମତାର ଚିତ୍ର ଦୀର୍ଘ ଦିନ ଧରି ମୁଖ୍ୟତଃ ପୁରୁଷ ପ୍ରଧାନ ହୋଇ ରହିଆସିଛି। ସେହି ଚିତ୍ରକୁ ବଦଳାଇବା ପ୍ରତୀକାତ୍ମକ ନୁହେଁ– ଏହା ରୂପାନ୍ତରଣ।

ଯେତେବେଳେ ମଣିପୁର, ଝାଡ଼ଖଣ୍ଡ, ରାଜସ୍ଥାନ କିମ୍ବା ଭାରତର ଯେକୌଣସି ପ୍ରାନ୍ତରୁ ଜଣେ ଯୁବତୀ ନିଜ ଭଳି ଦେଖାଯାଉଥିବା, ନିଜ ଭଳି କଥା କହୁଥିବା ଏବଂ ସମାନ ପୃଷ୍ଠଭୂମିରୁ ଆସିଥିବା ଜଣେ ମହିଳାଙ୍କୁ ଦେଶର ଆଇନ ପ୍ରଣୟନ କରୁଥିବାର ଦେଖନ୍ତି, ତାହା ତାଙ୍କୁ କେବଳ ଉତ୍ସାହିତ କରେ ନାହିଁ, ଏହା ସେ କ’ଣ କରିପାରିବେ ସେହି ବିଶ୍ୱାସକୁ ପୁନଃନିର୍ମାଣ କରେ।

ଆକାଂକ୍ଷା ହେଉଛି ସାମାଜିକ ରୂପାନ୍ତରଣର ଇଞ୍ଜିନ। ସଂରକ୍ଷଣ ଦ୍ୱାରା ବିଧାନସଭାର ମାନଦଣ୍ଡ ହ୍ରାସ ହୁଏ ନାହିଁ; ଏହା ସୁଯୋଗର ପରିସରକୁ ବଢ଼ାଇଥାଏ।

ଭାରତର ମହିଳାମାନେ ପୂର୍ବରୁ କ୍ରୀଡ଼ା ପ୍ରାଙ୍ଗଣ, ସଶସ୍ତ୍ର ବାହିନୀ, ବିମାନ ଚାଳନା ଏବଂ କମ୍ପାନୀ ବୋର୍ଡରୁମରେ ଥିବା ପ୍ରତିବନ୍ଧକକୁ ଭାଙ୍ଗି ସାରିଛନ୍ତି। ବ୍ୟବସ୍ଥାପିକାରେ ପ୍ରତିନିଧିତ୍ୱ ହେଉଛି ସେହି ଯାତ୍ରାର ପରବର୍ତ୍ତୀ ସ୍ୱାଭାବିକ ପଦକ୍ଷେପ।

**କାର୍ଯ୍ୟ କରିବାର ସମୟ ଏବେ :** ରାଜ୍ୟସଭାରେ ସେବା କରିବାର ସମ୍ମାନ ପାଇଥିବାରୁ, ମୁଁ ନିଜେ ଦେଖିଛି ଯେ କିପରି ବିବିଧ ଦୃଷ୍ଟିକୋଣ ଆଲୋଚନା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଶକ୍ତିଶାଳୀ କରିଥାଏ। ତଥାପି, ଆଜି ଲୋକସଭାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ମାତ୍ର ୧୫ ପ୍ରତିଶତ–ଯାହା ବିଶ୍ୱ ହାରଠାରୁ ଯଥେଷ୍ଟ କମ୍।

ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଛି। ଏବେ କେବଳ ଏହାକୁ ସମ୍ପୂର୍ଣ୍ଣ ଭାବେ, ନିଷ୍ଠାର ସହିତ ଏବଂ ବିନା ବିଳମ୍ବରେ କାର୍ଯ୍ୟକାରୀ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି।

ଭାରତ ନିଜର ଅର୍ଦ୍ଧେକ ଜନସଂଖ୍ୟାକୁ ସର୍ବୋଚ୍ଚ ନିଷ୍ପତ୍ତି ଗ୍ରହଣକାରୀ ସଂସ୍ଥାରେ ସ୍ୱଳ୍ପ ପ୍ରତିନିଧିତ୍ୱ ଦେଇ ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିପାରିବ ନାହିଁ। ନିଜର ଅର୍ଦ୍ଧେକ ପ୍ରତିଭାକୁ ବାଦ୍ ଦେଇ ଏକ ‘ବିକଶିତ ଭାରତ’ ଗଠନ କରାଯାଇପାରିବ ନାହିଁ, କିମ୍ବା ନିଜର ଅର୍ଦ୍ଧେକ ସ୍ୱରକୁ ଚାପି ଦେଇ ଏକ ପ୍ରକୃତ ଗଣତନ୍ତ୍ର ସମୃଦ୍ଧ ହୋଇପାରିବ ନାହିଁ।

ଆଗକୁ ଯିବା ପାଇଁ ଆମ ଆଗରେ ପଥ ସ୍ପଷ୍ଟ। ହେଲେ ସେହି ପଥରେ ଚାଲିବା ପାଇଁ ଆମର ଦୃଢ଼ ସଂକଳ୍ପ ଅଛି କି ନାହିଁ – ତାହାହିଁ ପ୍ରଶ୍ନ।







ରାଉରକେଲା : ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା ଅବସରରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଦିବାସୀ ସଂଗ୍ରହାଳୟରେ ଢ଼ିଙ୍କି କୁଟୁଛନ୍ତି। ବୁଡ଼ି ଯାଉଥିବା ଓଡ଼ିଆ ଘରର ପରମ୍ପରାକୁ ମନେ ପକାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହ ମନଖୋଲି ଆଳାପ କରିଛନ୍ତି ଏବଂ ସୁନ୍ଦର ସ୍ମୃତିକୁ ସାଉଁଟି ଦିଲ୍ଲୀ ଫେରି ଯାଇଛନ୍ତି। (ଫଟୋ : ସମ୍ବାଦ କଳିକା)

# ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ 'ଦଶାବତାର ମୂର୍ତ୍ତି' ପୁନଃ ସଂସ୍ଥାପନ ପ୍ରସ୍ତାବ ସଂପର୍କରେ ଶ୍ରୀମଦ୍ ଜଗଦଗୁରୁଙ୍କୁ ଶ୍ରୀମନ୍ଦିର ପ୍ରଶାସନର ଅନୁରୋଧ

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଅପସାରଣ କରାଯାଇଥିବା ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ କରାଯିବା ପ୍ରସ୍ତାବ ଉପରେ ମୁକ୍ତି ମଣ୍ଡପ ସ୍ଥାୟୀ ସଭାପତି ପରମପୂଜ୍ୟ ଶ୍ରୀମଦ୍ ଜଗଦଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ।

୨୦୧୨ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାଙ୍କ ଦ୍ୱାରା ସିଂହଦ୍ୱାର ଗୁମୁଟ ଓ ପାର୍ଶ୍ୱବର୍ତ୍ତୀ ପୁରାତନ ନିର୍ମାଣ କାର୍ଯ୍ୟର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଇଥିବା ସମୟରେ ସିଂହଦ୍ୱାର ଗୁମୁଟରେ ସଂସ୍ଥାପିତ ହୋଇଥିବା ଦଶାବତାର ମୂର୍ତ୍ତି ଅପସାରଣ କରାଯାଇ ସେ ସ୍ଥାନରେ ନୂତନ ପ୍ରସ୍ତର ବିମ୍ ସ୍ଥାପନ କରାଯାଇଛି। ପୂର୍ବରୁ ଦଶାବତାର ମୂର୍ତ୍ତି ଚୂନ ପ୍ରଲେପରେ ତିଆରି ହୋଇଥିଲା। ଦଶାବତାର ମୂର୍ତ୍ତି ନବମ ଅବତାର ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଙ୍କ ଅବସ୍ଥିତି ରହିଥିଲା ଯାହାକି ସେତେବେଳେ ମତଭେଦ ସୃଷ୍ଟି କରିଥିଲା।

ତେବେ ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ ନିମନ୍ତେ ଗତ ତା୧୭.୧.୨୦୨୬ତିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯାଇ ଏସଂପର୍କରେ ଶ୍ରୀମଦ୍ ଜଗଦଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିବାରୁ, ଏବଂ ପରମ୍ପରାନୁଯାୟୀ ଶ୍ରୀମନ୍ଦିର ଧାର୍ମିକ ପ୍ରସଂଗ ଉପରେ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ଅଧ୍ୟକ୍ଷ, ଶ୍ରୀମଦ୍ ଜଗଦ୍ ଗୁରୁଙ୍କ ମାର୍ଗ ଦର୍ଶନ ପାଇଁ ସବିନୟ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼.ଅରବିନ୍ଦ ପାଢ଼ୀ।

# ବେଲପାହାଡ଼ ପୌରପାଳିକା ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି କ୍ଷ ୨୦୨୪-୨୫,୨୦୨୫-୨୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ପାରିନଥିବା କାର୍ଯ୍ୟ ସବୁର ପୂର୍ବ କାର୍ଯ୍ୟାଦେଶ ବାତିଲ୍ କରି ନୂଆ ଟେଣ୍ଡର୍ ଆହ୍ୱାନ କରି ୨୦୨୬-୨୭ ବର୍ଷର ବଜେଟରୁ ଅର୍ଥ ବ୍ୟୟ ବ୍ୟବସ୍ଥା କରି ଯଥାଶୀଘ୍ର କାର୍ଯ୍ୟ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନାନୁସାରେ, ବିଭିନ୍ନ କାରଣରୁ ଅବହେଳା କରି କାମ ଅଧାପନ୍ତରିଆ ରଖାଯାଇଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି କରିଥିବା ସଂସ୍ଥା ଅଥବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାଦେଶ ରଦ୍ଦ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍ ଶୀଘ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ବେଲପାହାଡ଼ ପୌରାଞ୍ଚଳ ଗସ୍ତ କରି ଅଧାପନ୍ତରିଆ କାର୍ଯ୍ୟର ସମୀକ୍ଷା କରିବାକୁ କହିଛନ୍ତି। ମାର୍କେଟ୍ କମ୍ପ୍ଲେକ୍ସ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବାସହୀନ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ, ଗେଷ୍ଟ ହାଉସ୍, ଶନିବାରିଆ ବଜାର, ପାଥ୍ ୱେ ଆଦିର ସ୍ଥିତି ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ଆଗାମୀ ଛ'ମାସ ଭିତରେ ଏହି ସମସ୍ତ ପ୍ରକଳ୍ପ ସମାପ୍ତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଟେଣ୍ଡର୍ ସମୟରୁ ହିଁ ପୂର୍ବରୁ କାର୍ଯ୍ୟ ଯୋଜନା ବା ୱାର୍କ୍ ପ୍ଲାନ୍ ନିର୍ଦ୍ଧାରଣ କରି ତଦନୁସାରେ ନିର୍ଦ୍ଦିଷ୍ଟ ଦିନ ସୁଦ୍ଧା ନିର୍ଦ୍ଧାରିତ କାମ କରିବାକୁ ଠିକାଦାରମାନଙ୍କୁ ତାଗିଦ୍ କରିବାକୁ ମାନ୍ୟବର ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଝାରସୁଗୁଡ଼ା ଅଞ୍ଚଳରେ ଫ୍ଲାଏ ଆଶ୍ ପକାଉଥିବା ଟ୍ରକମାନଙ୍କୁ ତାଗିଦ୍ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଏସପି ଏବଂ ଆଇଆଇସିଙ୍କୁ ମନ୍ତ୍ରୀ ଫୋନ୍ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଯୋଗାଇଦିଆଯାଇଥିବା ଅର୍ଥ, ଅର୍ଥ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପାଣ୍ଠି ଏବଂ ସିଏସଆର୍ ପାଣ୍ଠି ଅଧୀନରେ ଚାଲିଥିବା ପ୍ରକଳ୍ପ ସବୁର ସମୀକ୍ଷା କରାଯାଇଥିଲା। ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ସବୁକୁ ତ୍ୱରାନ୍ୱିତ କରିବା ସହ ସେଥିନିମନ୍ତେ ବ୍ୟୟ ହେବାକୁଥିବା ପାଣ୍ଠିର ଶତପ୍ରତିଶତ ସଦୁପଯୋଗ କରିବା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବେଲପାହାଡ଼ ପୌରପାଳିକାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ ଓଡ଼ିଶା ଓ ଭାରତ ଗଠନ...

ମାନଙ୍କୁ ରାଷ୍ଟ୍ର ଗଠନରେ ସକ୍ରିୟ ଭାଗିଦାରୀ ପାଇଁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ସମସ୍ତ ନାଗରିକ ନିଜେ ଆଗକୁ ବଢ଼ିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଆଗକୁ ବଢ଼ାଇବାରେ ସହଯୋଗ କରିବା ଉଚିତ ଏବଂ ଏକ ଉତ୍ତମ ସମାଜ ଗଠନ ପାଇଁ ପ୍ରୟାସରତ ରହିବା ଆବଶ୍ୟକ। ସେ ଆଶା ବ୍ୟକ୍ତ କରିଛନ୍ତି ଯେ ୨୦୪୭ ସୁଦ୍ଧା, ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସମୟରେ, ଭାରତ 'ବିକଶିତ ଭାରତ' ଲକ୍ଷ୍ୟ ଦିଗରେ ଦ୍ରୁତଗତିରେ ଅଗ୍ରସର ହେବ। ଏହା ସହିତ ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ୧୦୦ ବର୍ଷ ପୂର୍ତ୍ତି ହେବ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସମଗ୍ର ବିକାଶ ଓ ସମାଜର ପ୍ରତ୍ୟେକ ଶ୍ରେଣୀର ଭାଗିଦାରୀ ଅତ୍ୟନ୍ତ ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍, ସ୍ଥାନୀୟ ବିଧାୟକ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

## ଯୁଦ୍ଧବିରତି ଉଲ୍ଲଂଘନ...

କରନ୍ତି। ଏହି ବାହିନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ମାଧ୍ୟମରେ ଇସ୍ରାଏଲ ଏବଂ ଆମେରିକାକୁ ଚାପ ତଳେ ରଖିଛନ୍ତି, ଯାହା ସେମାନଙ୍କୁ – କ୍ଳାନ୍ତତା ଏବଂ ଆବଶ୍ୟକତା ଯୋଗୁଁ – ଯୁଦ୍ଧବିରତି ଦାବି କରିବାକୁ ବାଧ୍ୟ କରିଛି। କମାଣ୍ଡର ମେଜର ଜେନେରାଲ ଅଲି ଅବଦୋଲ୍ଲାହି କହିଛନ୍ତି, "ବିପୁଳ ସଂଖ୍ୟାରେ ଏବଂ ରାସ୍ତାରେ ପ୍ରବଳ ଉତ୍ସାହର ସହିତ ବାହାରି ଇରାନୀ ଜନତା ପ୍ରଦର୍ଶନ କରିଛନ୍ତି ଯେ ସେମାନେ ସଶସ୍ତ୍ର ବାହିନୀ ପ୍ରତି ସେମାନଙ୍କର ଅଟଳ ସମର୍ଥନ ବଜାୟ ରଖିଛନ୍ତି।" ସେ ଆହୁରି ମଧ୍ୟ କହିଛନ୍ତି, "ଇରାନର ସାହସୀ ସଶସ୍ତ୍ର ବାହିନୀ – ସରକାର ଏବଂ ଦେଶର ସମ୍ମାନଜନକ ଏବଂ ସାହସୀ ଲୋକଙ୍କ ସହିତ ଏକତାରେ ଠିଆ ହୋଇ ଏବଂ ସର୍ବୋଚ୍ଚ କମାଣ୍ଡରଙ୍କ ନିର୍ଦ୍ଦେଶାବଳୀର ପୂର୍ଣ୍ଣ ପାଳନ କରିବ। ଶତ୍ରୁ ଦ୍ୱାରା ଯେକୌଣସି ବିପଦ କିମ୍ବା କାର୍ଯ୍ୟର ଏକ ନିର୍ଣ୍ଣାୟକ, ପ୍ରଭାବଶାଳୀ ଏବଂ ତୁରନ୍ତ ଜବାବ ଦେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ।" ସେ ଦୃଢ଼ ଭାବରେ କହିଥିଲେ ଯେ ସଶସ୍ତ୍ର ବାହିନୀ ଏକ ଦୃଢ଼ ସ୍ଥିତିରେ ଅଛି। ଆମେରିକାର ରାଷ୍ଟ୍ରପତି ମିଥ୍ୟା ଏବଂ ଦ୍ୱନ୍ଦ୍ୱପୂର୍ଣ୍ଣ ଦାବି କରୁଥିବା ଉଲ୍ଲେଖ କରି ସେ ଘୋଷଣା କରିଥିଲେ, "ଆମେ ତାଙ୍କୁ ଭୂମିରେ ପରିସ୍ଥିତିର ଏକ ମିଥ୍ୟା ଏବଂ ଭ୍ରମାତ୍ମକ ଚିତ୍ର ଉପସ୍ଥାପନ କରିବା ପାଇଁ ଶାନ୍ତିକାଳୀନ ପରିସ୍ଥିତିର ଫାଇଦା ଉଠାଇବାକୁ ଅନୁମତି ଦେବୁ ନାହିଁ।

## ଜଳୁଛି ପଶ୍ଚିମ ଓଡ଼ିଶା : ୫ ଦିନ...

ହିଟ୍ ୱେଭ୍ ବା ଗ୍ରୀଷ୍ମ ପ୍ରବାହ ଜାରି କରିଛି ପାଣିପାଗ ବିଭାଗ। ୨୫ ଯାଏ ଗ୍ରୀଷ୍ମ ପ୍ରବାହର ଚେତାବନୀ ଥିବା ବେଳେ ତାତିରୁ ନାହିଁ ନିସ୍ତାର ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆସନ୍ତା ୪ ଦିନ ଯାଏଁ ତାପମାତ୍ରାରେ ପରିବର୍ତ୍ତନ ହେବାକୁ ନଥିବା ବେଳେ ୪ ଦିନ ପରେ ପୁଣି ୨ ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ହେବାର ଆକଳନ କରିଛି।

## ଦେଶସେବା ହିଁ ବିକଶିତ...

ସର୍ବୋପରି ରଖି ପ୍ରତ୍ୟେକ ନାଗରିକ ପର୍ଯ୍ୟନ୍ତ ଉନ୍ନତିର ଲାଭ ପହଞ୍ଚାଇବାର ସଂକଳ୍ପକୁ ଦୋହରାନ୍ତୁ। ସେ କହିଛନ୍ତି ଯେ ସିଭିଲ ସେବା ଦିବସ ସୁଶାସନ ଓ ରାଷ୍ଟ୍ର ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ଆଉ ମଜଭୁତ କରିବାର ଅବସର। ସିଭିଲ ସେବକମାନଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜମିସ୍ତରରୁ ନୀତି ଗଠନ ପର୍ଯ୍ୟନ୍ତ ସେମାନଙ୍କ ଉଦ୍ୟମ ଅନେକ ଲୋକଙ୍କ ଜୀବନକୁ ପ୍ରଭାବିତ କରେ ଓ ଭାରତର ପ୍ରଗତିରେ ମୁଖ୍ୟ ଭୂମିକା ନିଭାଏ। ସେ କହିଛନ୍ତି ଯେ ଦେଶର ସିଭିଲ ସେବକମାନେ କର୍ତ୍ତବ୍ୟର ସର୍ବୋଚ୍ଚ ମାନକୁ ରକ୍ଷା କରି ଉତ୍କୃଷ୍ଟତା, କରୁଣା ଓ ନବୀନତା ସହିତ ସେବା କରି ଚାଲିବେ।

## ପ୍ରଦୂଷଣ କମ୍ କରିବା ସରକାରଙ୍କ...

ଆୟତ୍ତ କମ୍ କରିବା ବହୁତ କଠିନ ଅଟେ। ସେ କହିଛନ୍ତି ଯେ ଏହି ଆୟତ୍ତକୁ ରୋକିବା ପାଇଁ ଦୁଇଟି ଜିନିଷ ଅଟେ, ଯାହାର ସମାଧାନ ସରକାରଙ୍କ ପାଖରେ ନାହିଁ। ଜନସଂଖ୍ୟା ଏବଂ ଅଟୋମୋବାଇଲ୍‌ର ତୀବ୍ର ଭାବେ ବୃଦ୍ଧି ପାଉଥିବା ସଂଖ୍ୟା। କେତେକ ଘରେ ଚାରି ଲୋକ ରହନ୍ତି ଯେ କିନ୍ତୁ ଗାଡ଼ିର ସଂଖ୍ୟା ସାତ ବା ଆଠ ହୁଏ। ସ୍କ୍ରେପିଂ ନୀତିରେ ଭଲ ପରିଣାମ ମିଳିଛି, କାହିଁକି ଦେଶରେ ପ୍ରଦୂଷଣ ମାତ୍ରା ବହୁତ ବଢ଼ିଯାଇଛି। ଏଲମିନିୟମ, ତମ୍ବା, ପ୍ଲାଷ୍ଟିକ୍, ରବର ଏବଂ ଷ୍ଟିଲ୍‌ର ଆମଦାନୀ ହୁଏ। ଯଦି ଏହାର ରିସାଇକ୍ଲିଂ କରାଯାଏ ତେବେ ଅଟୋମୋବାଇଲ୍‌ର ମୂଲ୍ୟ ୩୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହୋଇଯିବ।

## ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ...

ଓ ଗଣ ଶିକ୍ଷା ବିଭାଗରୁ ସଦସ୍ୟ ଭାବେ ରହିବେ। ଏଥି ସହିତ ସଦସ୍ୟ ଭାବେ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଡକ୍ଟରେଟ୍ ପାଇଥିବା ଦୀପ୍ତି ମହାପାତ୍ର ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କର୍ମୀ ସୌମ୍ୟ ଦାସ ରହିଛନ୍ତି। ଭୁବନେଶ୍ୱରସ୍ଥିତ ଟ୍ରାନ୍ସଜେଣ୍ଡର ସୁରକ୍ଷା ଟ୍ରଷ୍ଟ ଏବଂ ବାଲୁଗାଁ ସ୍ଥିତ ଚେତନା ସଂଗଠନର ଜଣେ ଲେଖାଏଁ ପ୍ରତିନିଧି ସଦସ୍ୟ ଭାବେ ରହିବେ। ଏମାନଙ୍କ ବ୍ୟତୀତ ବଲାଙ୍ଗୀର, ଅନୁଗୋଳ ଏବଂ ଖୋର୍ଦ୍ଧାର ଜିଲାପାଳ ମାନେ ପର୍ଯ୍ୟାୟକ୍ରମେ ସଦସ୍ୟ ଭାବେ ସ୍ଥାନ ପାଇବେ। ସୂଚନା ଯୋଗ୍ୟ ଯେ, ୨୦୨୫ ମସିହା ମେ' ୧୫ ତାରିଖରେ ମଧ୍ୟ କଲ୍ୟାଣ ବୋର୍ଡ ଗଠନ କରାଯାଇଥିଲା। ଏହାର କାର୍ଯ୍ୟକାଳ ତିନି ବର୍ଷ ରହିବ ବୋଲି କୁହାଯାଇଥିଲା। ବୋର୍ଡର ଅଧ୍ୟକ୍ଷ ଥିଲେ ବିଭାଗୀୟ ମନ୍ତ୍ରୀ। କିନ୍ତୁ ମାତ୍ର ଗୋଟିଏ ବର୍ଷ ଭିତରେ ବୋର୍ଡର ପୁର୍ନଗଠନ କରାଯାଇଛି।

## ଜେଇଇ (ମେନ୍) ୨୦୨୬...

ବ୍ୟବସ୍ଥାର ଦକ୍ଷତାକୁ ଏହି ସଫଳତା ପ୍ରମାଣିତ କରିଛି। ଏହି ଅବସରରେ ବିଭାଗର ଅଧିକାରୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି।

## ବାଣ କାରଖାନାରେ ଭୟଙ୍କର...

ଉଦ୍ଧାରକାରୀ ଦଳ ଘର ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହେଉନାହିଁ। ଘନ ଧୂଆଁ ଯୋଗୁଁ କର୍ମଚାରୀଙ୍କ ପାଇଁ ଶ୍ୱାସରୁଦ୍ଧ ପରି ସମସ୍ୟା ସୃଷ୍ଟି କରୁଛି। ଫଳରେ ଉଦ୍ଧାରକାରୀ ଦଳ ଘଟଣାର କେନ୍ଦ୍ର ସ୍ଥଳରେ ପହଞ୍ଚିବା ଅସମ୍ଭବ ହୋଇପଡ଼ିଛି। ଭୁଶୁଡ଼ି ପଡ଼ିଥିବା ଗୋଦାମର ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ରିପୋର୍ଟ ରହିଛି, ଯେଉଁଥିରେ ଉତ୍ସବର ମୁଖ୍ୟ ପ୍ରଦର୍ଶନ ପାଇଁ ବିପୁଳ ପରିମାଣର ବାରୁଦ ମହଜୁଦ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଓ ଆହତମାନଙ୍କୁ ୫୦,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ କହିଛନ୍ତି, 'କେରଳମର ତ୍ରିସୁରରେ ହୋଇଥିବା ବାଣ କାରଖାନା ଦୁର୍ଘଟଣାରେ ପ୍ରାଣହାନି ଶୁଣି ମୁଁ ଦୁଃଖିତ। ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ଗଭୀର ସମବେଦନା। ସେ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

## ସିଙ୍ଗଲ ୱିଣ୍ଡୋ'ରେ ୧୮ ଶିଳ୍ପ...

୨୧୦.୧୦ କୋଟି ଟଙ୍କା ନିବେଶ ସହ ୯୧୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରହିଛି। ଉଚ୍ଚ-ଜ୍ଞାନକୌଶଳ ଉତ୍ପାଦନକୁ ପ୍ରୋତ୍ସାହିତ କରି ଏନଭାୟର ଇଲେକ୍ଟ୍ରୋଡାଇନ୍ ଲିମିଟେଡ୍ ଖୋର୍ଦ୍ଧାରେ ୧୩୬.୮୭ କୋଟି ଟଙ୍କା ନିବେଶରେ ୩୨୬ ନିଯୁକ୍ତି ଲକ୍ଷ୍ୟ ରଖି ଏକ ଇଏସଡିଏମ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଇକୋସିଷ୍ଟମରେ ଯୋଗଦାନ ସହ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କୁଶଳୀ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିବ।

ଓଡ଼ିଶା ସ୍ୱାସ୍ଥ୍ୟସେବା ସଂପର୍କିତ ଉତ୍ପାଦନ କ୍ଷେତ୍ରରେ ତାହାର ପ୍ରଭାବକୁ ବିସ୍ତାର କରୁଛି, ଯେଉଁଥିରେ ହାର୍ମନ୍ ଫିନୋକେମ୍ ଲିମିଟେଡ୍ ଗୋପାଳପୁର, ଗଞ୍ଜାମରେ ୫୩୦ କୋଟି ନିବେଶରେ ୯୦୦ ନିଯୁକ୍ତି ସୃଷ୍ଟି ସହ ଏକ ଔଷଧ ଉତ୍ପାଦନକାରୀ ୟୁନିଟ୍ସ ସ୍ଥାପନ କରିବ ଏବଂ ଆମ୍ବିଟେକ୍ ହେଲଥ କେୟାର୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୫୧ କୋଟି ଟଙ୍କା ନିବେଶରେ ୩୬୯ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖି ଏକ ଚିକିତ୍ସା ଉପକରଣ ଉତ୍ପାଦନ ସୁବିଧା ସ୍ଥାପନ କରିବ। ସର୍କୁଲାର ଅର୍ଥନୀତି ଏବଂ ସ୍ଥାୟୀ ଉଦ୍ୟୋଗ କ୍ଷେତ୍ରରେ ଶିଳ୍ପାୟନ ଲକ୍ଷ୍ୟ ସହ ସଂଯୁକ୍ତ ହୋଇ ଖୋର୍ଦ୍ଧାଠାରେ ସାଉଥ ବ୍ଲକ୍ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ ପ୍ଲାଷ୍ଟିକ୍ ଏବଂ ଧାତୁ ଉତ୍ପାଦର ପୁନଃଚକ୍ରଣ ପାଇଁ ଏକ ସମନ୍ୱିତ ସୁବିଧା ଯୋଗାଇବ। ଏଥିରେ ୧୧୧.୬୪ କୋଟି ଟଙ୍କା ନିବେଶରେ ୧୨୦ ନିଯୁକ୍ତି ସୃଷ୍ଟି ହେବ। ଭିତ୍ତିଭୂମି ଏବଂ ଶିଳ୍ପ ଆନୁଷଙ୍ଗିକ କ୍ଷେତ୍ରରେ ତାମିଲନାଡୁ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଲ୍ପସ୍ ମାଇନିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଙ୍କ ଦ୍ୱାରା ଝାରସୁଗୁଡା ଜିଲ୍ଲାରେ ଯଥାକ୍ରମେ ୧୧୩.୪୦ କୋଟି ଏବଂ ୫୨ କୋଟି ଟଙ୍କା ନିବେଶରେ ୨୫୦ ଏବଂ ୧୨୦ ନିଯୁକ୍ତି ସୃଷ୍ଟି କରିବେ।

ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଉତ୍ପାଦନ କ୍ଷେତ୍ରରେ ବାଲେଶ୍ୱର ସିପ୍ ୟାର୍ଡ ଏବଂ ଇନଫ୍ରା ପ୍ରା. ଲିମିଟେଡ୍ ବାଲେଶ୍ୱରରେ ଜାହାଜ ନିର୍ମାଣ ଓ ମରାମତି ଏବଂ ଯାନ୍ତ୍ରିକ ଭାସମାନ ଭେସେଲ୍ସ ନିର୍ମାଣ କରିବ, ଯାହା ଓଡ଼ିଶାକୁ ତଟୀୟ ଏବଂ ସାମୁଦ୍ରିକ ଶିଳ୍ପ କାର୍ଯ୍ୟକଳାପରେ ଉଦୀୟମାନ କେନ୍ଦ୍ର ଭାବରେ ଅବସ୍ଥାପିତ କରିବ। ଏହି ପ୍ରକଳ୍ପରେ ୧୫୦ କୋଟି ନିବେଶ ସହ ୬୦୦ ନିଯୁକ୍ତି ଲକ୍ଷ୍ୟ ରହିଛି।

ପର୍ଯ୍ୟଟନ ଏବଂ ଆତିଥ୍ୟେୟତା କ୍ଷେତ୍ରରେ ନିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ସମ୍ବଲପୁରରେ ଜାସ୍ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧାରେ ରଥ ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍, କେନ୍ଦୁଝରରେ କେନ୍ଦୁଝର ରିଗାଲ୍ ପାରାଡାଇଜ୍ ପ୍ରାଇଭେଟ୍ ଲିମିଟେଡ୍, ପୁରୀରେ କାର୍ଯ୍ୟନ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍, କୋରାପୁଟରେ ସୂର୍ଯ୍ୟ ଇକୋ ରିସୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପୁରୀରେ ଚତୁର୍ଭୁଜ ହୋଟେଲ୍ ଏବଂ ରିସର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୬ଟି ନୂତନ ଆତିଥ୍ୟେୟତା ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ତାରକା ବିଶିଷ୍ଟ ହୋଟେଲ ଏବଂ ରିସୋର୍ଟ ସ୍ଥାପିତ ହେବ। ଏସବୁ ପ୍ରକଳ୍ପରେ ୭୦୦ କୋଟିରୁ ଊର୍ଦ୍ଧ୍ୱ ନିବେଶରେ ପ୍ରାୟ ୧୨୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ନିବେଶଗୁଡିକ ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପର୍ଯ୍ୟଟନ ଅନୁଭବକୁ ବୃଦ୍ଧି ସହ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ତ୍ୱରିତ ଶିଳ୍ପାୟନ ପ୍ରକ୍ରିୟା ରାଜ୍ୟର ଶକ୍ତିଶାଳୀ ଶାସନ ବ୍ୟବସ୍ଥା, ନିବେଶକମାନଙ୍କର ଆତ୍ମବିଶ୍ୱାସ ଏବଂ ଦକ୍ଷ ଅନୁମୋଦନ ବ୍ୟବସ୍ଥା ଦ୍ୱାରା ସମ୍ଭବ ହୋଇପାରିଛି। ଏହାର ଫଳସ୍ୱରୂପ, ଓଡ଼ିଶାରେ ଶିଳ୍ପ ବିକାଶରେ ନିରନ୍ତର ପ୍ରଗତି ଦେଖାଯାଉଛି। ନୀତି ଗଠନରୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କର ସକ୍ରିୟ ପଦକ୍ଷେପ ନିବେଶକମାନଙ୍କର ବିଶ୍ୱାସକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁଦୃଢ଼ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଶିଳ୍ପ ଅଭିବୃଦ୍ଧି ଇଂଜିନ୍ କେନ୍ଦ୍ର ହେବା ସହ 'ବିକଶିତ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ଜାତୀୟ ଦୃଷ୍ଟିକୋଣକୁ ଅବଦାନ ପାଇଁ ଲକ୍ଷ୍ୟ ଦିଗରେ ନିରନ୍ତର ଏବଂ ଦ୍ରୁତ ଅଗ୍ରସର ହେଉଛି।

### ବାଫ୍ଲିମାଳି ଖଣି ସିଏସଆର୍ ପକ୍ଷରୁ ଏମ୍‌ଏଚ୍‌ୟୁ ଶୁଭାରମ୍ଭ

# ୪୫,୦୦୦ ଲୋକଙ୍କୁ ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟ

**ଟିକିରି, ନ୍ୟୁଜ ବ୍ୟୁରୋ**




ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ବାଫ୍ଲିମାଳି ଖଣି ସିଏସଆର୍ ପକ୍ଷରୁ କାଶୀପୁର ବ୍ଲକ୍ ଅଧୀନ ରାଇଲଘାଟି ଗ୍ରାମରେ ମୋବାଇଲ୍ ହେଲ୍ଥ ୟୁନିଟ୍ (ଏମଏଚ୍‌ୟୁ) ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋଡିପାରି ସରପଞ୍ଚ ଡମ୍ବରୁଧର ମାଝି, ମାନବାଧିକାର ପ୍ରତିନିଧି ସଦନ ମାଝି, ଆଣ୍ଡିରାକାଞ୍ଚ ଥାନା ଏସଆଇ ଅରୁଣ କୁମାର ପାତ୍ର, ସମେତ ଖଣି ସିଏସଆର କର୍ମକର୍ତ୍ତା ମନୋଜ ଦାଶ, ଦେବୀ ପ୍ରିୟା, ନିରୁପମା ବାରିକ, ଦୀଲିପ ନାଏକ, ଏମଏଚ୍‌ୟୁ କର୍ମଚାରୀ ଏବଂ ଉକ୍ତ ଗ୍ରାମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉଦବୋଧନ ଦେଇ ସରପଞ୍ଚ ଡମ୍ବରୁଧର ମାଝି କହିଥିଲେ ଯେ, ଉତ୍କଳ ଆଲୁମିନା ସିଏସଆର୍ ପଦକ୍ଷେପ ରାଇଲଘାଟି ଗାଁରେ ଦୃଶ୍ୟମାନ ପରିବର୍ତ୍ତନ ଆଣିଛି। କେବଳ ତିନି ବର୍ଷ ପୂର୍ବରୁ ଏଠାରେ ମୌଳିକ ସୁବିଧା ଯେପରି, ରାସ୍ତା ସଂଯୋଗ ମଧ୍ୟ ଗ୍ରାମକୁ ନଥିଲା, କିନ୍ତୁ ଏବେ ଏହି ଅଞ୍ଚଳରେ ଲୋକାଭିମୁଖି ଉନ୍ନତି ଦେଖିବାକୁ ମିଳୁଛି। ସେହିପରି ସଦନ ମାଝି, ଉତ୍କଳ ଆଲୁମିନା ସିଏସଆର୍ ଅଧୀନରେ ବାଫ୍ଲିମାଳି ଖଣିର ମାନବ କୈନ୍ଦ୍ରିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ମୋବାଇଲ୍ ହେଲ୍ଥ ୟୁନିଟ୍ ପ୍ରତିଦିନଗ୍ରାମଗୁଡିକୁ ଯାଇ ନିଶୁଳ୍କ ଚିକିତ୍ସା ସେବା, ଡାକ୍ତରୀ ପରାମର୍ଶ, ଔଷଧ, ପରୀକ୍ଷା, ରେଫରାଲ୍ ସହାୟତା ଏବଂ ଉନ୍ନତ ଚିକିତ୍ସା ପାଇଁ ଉତ୍କଳ ହସ୍ପିଟାଲ୍ ଓ ସରକାରୀ ହସ୍ପିଟାଲ୍‌ଗୁଡିକରେ ସୁବିଧା ପ୍ରଦାନ କରିବ। ଉତ୍କଳ ଆଲୁମିନାର ଏହି ପ୍ରୟାସ ପ୍ରତି ସମାଜର ଲୋକମାନଙ୍କୁ କୃତଜ୍ଞ ରହିବାକୁ ଆହ୍ୱାନ କରିଥିଲେ ଶ୍ରୀ ମାଝୀ। ଏସଆଇ ଅରୁଣ ପାତ୍ର ମଧ୍ୟ ଉତ୍କଳ ଆଲୁମିନା ସିଏସଆର୍ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ, ରାଇଲଘାଟି ଏବେ ଉନ୍ନତିର ଏକ ମଡେଲ୍ ଭାବେ ଉଦିତ ହେଉଛି। ଅନ୍ୟପକ୍ଷେ ଏହି ପଦକ୍ଷେପ ଉତ୍କଳ ଆଲୁମିନା ସମୁଦାୟ କଲ୍ୟାଣ, ବିଶେଷକରି ସ୍ୱାସ୍ଥ୍ୟ ସେବା ଓ ସାମାଜିକ ଉନ୍ନତି ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିବା ସହ ଏହା ପ୍ରତି ବ୍ୟାପକ ସମର୍ଥନ ଓ ଉତ୍ସାହକୁ ଦର୍ଶାଇ ଥିଲେ। ଏହି ଗ୍ରାମୀଣ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ପଦକ୍ଷେପ ଦ୍ୱାରା ସ୍ଥାନୀୟ ଉତ୍କଳ ଆଲୁମିନା ପାର୍ଶ୍ୱସ୍ଥ ଗ୍ରାମବାସୀ ପ୍ରତେକ୍ଷ ଭାବେ ନିଜ ହାତପାହାନ୍ତାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଯାହାଫଳରେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ଦୂରଦୂରାନ୍ତ ନଯାଇ ଘର ନିକଟରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରିବେ। ଉତ୍କଳ ଆଲୁମିନା ପକ୍ଷରୁ ସମ୍ପ୍ରତି ପ୍ରୟାସ ଅଧୀନରେ ତିନିଟି ମୋବାଇଲ୍ ହେଲ୍ଥ ୟୁନିଟ୍ କାର୍ଯ୍ୟରତ ଅଛି। ଯାହା ମାଧ୍ୟମରେ ପ୍ରାୟ ୪୫,୦୦୦ ଲୋକଙ୍କୁ ସେବା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରହିଛି।

# ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଅକ୍ଷୟତୃତୀୟା ମହୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଶ୍ରୀଜଗନ୍ନାଥ ବିଶ୍ୱର ଦେବତା ମାତ୍ର ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରରେ ବିରାଜମାନ କରିଥିବାରୁ ଓଡ଼ିଆଙ୍କର ଇଷ୍ଟ ଦେବତା। ତାଙ୍କର ମାନବୀୟ ଲୀଳାହିଁ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ। ସେ ନିଜେ ଦାରୁଦେବତା ହୋଇଥିବାରୁ ବୃକ୍ଷ ପୂଜା ପରମ୍ପରା ତାଙ୍କ ଠାରୁ ସୃଷ୍ଟି ହୋଇଛି। ଆଜିର ପରିବେଶ ବିଜ୍ଞାନୀମାନେ ବୃକ୍ଷ ସଂରକ୍ଷଣକୁ ପ୍ରାଧାନ୍ୟ ଦେଇ ପରିବେଶର ସନ୍ତୁଳନ ରକ୍ଷାକରିବାପାଇଁ ଉପଦେଶ ଦେଉଛନ୍ତି। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଶକ୍ତିକୁ ପ୍ରାଧାନ୍ୟ ଦେଇ ପ୍ରଭୁ ସୂଚାଇ ଦେଉଛନ୍ତି ପୁରୁଷ ନାରୀ ସୃଷ୍ଟିପାଇଁ ଏକାନ୍ତ ଆବଶ୍ୟକ। ତାଙ୍କର ବାର ମାସରେ ତେର ପର୍ବ ମାଧ୍ୟମରେ ସେ ଓଡ଼ିଆଙ୍କ ଅସ୍ମିତାର ପରିଚୟ ଶ୍ରୀ ବିଶ୍ୱକୁ ପ୍ରଦର୍ଶନ କରନ୍ତି। ଶ୍ରୀଜଗନ୍ନାଥ ଏକ ସାଂସ୍କୃତିକ ସମନ୍ୱୟ ଓ ଏକ ଅଖଣ୍ଡ ମାନବୀୟ ବିଶ୍ୱାସ। ଓଡ଼ିଆ ଜାତି ଜଗନ୍ନାଥଙ୍କୁ ନେଇ ଗର୍ବ କରେ ବୋଲି କହିଛନ୍ତି ଉଦ୍‌ଘାଟକ ପଦ୍ମଶ୍ରୀ ଦେବୀ ପସନ୍ନ ପଟ୍ଟନାୟକ। ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ବୁଦ୍ଧ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ମହୋତ୍ସବ ଉପଲକ୍ଷେ ସଭାପତି ପଦ୍ମଶ୍ରୀ ଡ଼ଃ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବିଶେଷ ଅବଦାନ ନିମନ୍ତେ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ ସୁଭଦ୍ରା ସମ୍ମାନରେ ସମ୍ମାନିତ ହେଲେ ପଦ୍ମଭୂଷଣ ପ୍ରତିଭା ରାୟ, ଶ୍ରୀ ଜଗନ୍ନାଥ ସମ୍ମାନ ପ୍ରଫେସର ଡ଼ଃ ହରେକୃଷ୍ଣ ଶତପଥି, ଶ୍ରୀବଳଭଦ୍ର ସମ୍ମାନ ଡ଼ଃ ହରପ୍ରସାଦ ମିଶ୍ର, ଶ୍ରୀ ସୁଦର୍ଶନ ସମ୍ମାନ ଶ୍ରୀ ଶଙ୍କର୍ଷଣ ମଙ୍ଗରାଜ ଓ ନନ୍ଦିଘୋଷ ସମ୍ମାନ ଫ୍ରେଣ୍ଡ୍ସ ପବ୍ଲିସର ଅବିନାଶ ପ୍ରଧାନ ଓ ଇପ୍ସିତା ସ୍ୱାଇଁ ଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀ ଶଙ୍କର୍ଷଣ ମଙ୍ଗରାଜଙ୍କ ଅନୁପସ୍ଥିତିରେ ଡ଼ଃ ଭାସ୍କର ମିଶ୍ର ସମ୍ମାନ ଗ୍ରହଣ କରିଥିଲେ। ପ୍ରଫେସର ହରେକୃଷ୍ଣ ଶତପଥିଙ୍କ ଅନୁପସ୍ଥିତିରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ଶ୍ରୀ ପୀତବାସ ରାଉତରାୟ ତାଙ୍କୁ ପରବର୍ତ୍ତୀ ସମୟରେ ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀମତୀ ପ୍ରତିଭା ରାୟ ସୁଭଦ୍ରା ତତ୍ତ୍ୱର ମହତ୍ତ୍ୱ ବର୍ଣ୍ଣନା କରି ଶକ୍ତି ବିନା ସଂସାର ଅସମ୍ପୂର୍ଣ୍ଣ ବୋଲି ମତ ଦେଇଥିଲେ। ଏହି ସଭାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଚାରୋଟି ଲେଖା ପଠନ କରିଥିଲେ ଶ୍ରୀମନ୍ଦିରର ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଶ୍ରୀମନ୍ଦିର ପ୍ରାକ୍ତନ ଉପ-ପ୍ରଶାସକ ଡ଼ଃ ଭାସ୍କର ମିଶ୍ର, ଗାଳ୍ପିକା ସ୍ନିଗ୍ଧା ସାହୁ ଓ ପୌରୁଷର ସମ୍ପାଦକ ଅସିତ ମହାନ୍ତିଙ୍କ ଅନୁପସ୍ଥିତିରେ ଶ୍ରୀ ଜିତେନ୍ଦ୍ର କୁମାର ମହାନ୍ତି। ଏହି ଚାରୋଟି ଲେଖା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଞ୍ଚରେ ଅତିଥିମାନଙ୍କ ଦ୍ୱାରା ସମର୍ପଣ କରାଯାଇଥିଲା। ସଭାରେ ଚଳିତ ବର୍ଷ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଆଙ୍କିଥିବା ପ୍ରଚ୍ଛଦପଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ ଓ ଶିଳ୍ପୀଙ୍କ ବାର୍ତ୍ତା ସଭାରେ ପଠନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଥିବା ସମୟରେ ଶ୍ରୀମନ୍ଦିର ଅନୁଭୂତି ଓ ନବକଳେବର ଅନୁଭୂତି ବର୍ଣ୍ଣନା କରି କହିଥିଲେ ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଚିତ୍ର ବିସ୍ମୟ ଓ ଅବୋଧ୍ୟ ରହସ୍ୟ। ମୁଖ୍ୟ ବକ୍ତା 'ନିତିଦିନ'ର ସମ୍ପାଦକ ଶ୍ରୀ ମନୋଜ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତିରେ ମାନବୀୟ ଚେତନାର ବହୁ ଉଦାହରଣ ଦେଇ ଶ୍ରୀ ଜଗନ୍ନାଥ ଦାରୁ ଦେହରେ ମାନବୀୟଲୀଳା ପ୍ରକଟ କରିଥାନ୍ତି ବୋଲି ଦର୍ଶାଇଥିଲେ। ସମ୍ମାନୀତ ବକ୍ତା ବିଶିଷ୍ଟ କଣ୍ଠଶିଳ୍ପୀ ଡ଼ଃ ସଙ୍ଗୀତା ଗୋସାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୃତ୍ୟ ଓ ସଂଗୀତର କିପରି ବିକାଶ ହୋଇଛି ତାହାର ଉଦାହରଣ ଦେଇଥିଲେ ଓ ଗୋଟିଏ ଭକ୍ତି ସଂଗୀତ ପରିବେଷଣ କରିଥିଲେ। ସଭାପତି ପଦ୍ମଶ୍ରୀ ଡ଼ଃ ଅଶୋକ କୁମାର ମହାପାତ୍ର କହିଥିଲେ ଶ୍ରୀ ଜଗନ୍ନାଥ ବିଶ୍ୱର ଦେବତା ଭାବରେ ଯେତିକି ପ୍ରସିଦ୍ଧ ତାଙ୍କର ମହାପ୍ରସାଦ ମଧ୍ୟ ଅନ୍ନବ୍ରହ୍ମ ଭାବେ ସେହିଭଳି ପ୍ରସିଦ୍ଧ। ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସର୍ବଧର୍ମ ସମନ୍ୱୟର ସଂସ୍କୃତି ବୋଲି ସେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଡ଼ଃ ଭାସ୍କର ମିଶ୍ରଙ୍କ ୯୭ତମ ପୁସ୍ତକ 'ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଭାରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ପାଇଁ ମାନପତ୍ର ପାଠ କରିଥିଲେ ବିଶିଷ୍ଟ ସାହିତ୍ୟିକା ଡ଼ଃ ପ୍ରବୀଣା ମହାନ୍ତି, ଡ଼ଃ ସୁଷମା ମିଶ୍ର, ଛନ୍ଦା ମିଶ୍ର, କୁସୁମ ପଟେଲ ଓ ତନ୍ଦ୍ରାଳସା ଦାସ। ପ୍ରାରମ୍ଭରୁ ଭକ୍ତିସଂଗୀତ ପରିବେଷଣ କରିଥିଲେ ମଧୁସ୍ମିତା ବିଶ୍ୱାଳ ଓ ଛନ୍ଦା ମିଶ୍ର। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସ୍ୱାଗତ ଭାଷଣରେ ଚଳିତ ବର୍ଷ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ଚଳିତ ସଂଖ୍ୟା 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥ' ୨୫ତମ ରଜତ ଜୟନ୍ତୀ ସଂଖ୍ୟା ହେବବୋଲି ଘୋଷଣା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଆବାହକ ରମାକାନ୍ତ ମିଶ୍ର। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଇଂ ବାବାଜୀ ଚରଣ ବିଶ୍ୱାଳ, ଡ଼ଃ ଅଭୟ କୁମାର ନାୟକ, ବିଶ୍ୱଜିତ ନନ୍ଦ, ରାମନାରାୟଣ ମିଶ୍ର, ପ୍ରତାପ ଚନ୍ଦ୍ର ମିଶ୍ର, ତପସ୍ୱିନୀ କର, ମୀନାକ୍ଷୀ ରାଉତରାୟ, ଲକ୍ଷ୍ମୀପ୍ରିୟା ଓଝା,ଗୀତା ପ୍ରଧାନ ଓ ମଧୁସ୍ମିତା ନାୟକ। ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ଡ଼ଃ ଲଲାଟେନ୍ଦୁ ଆଇଚ ଓ ସବିତା ଆଇଚ ସଭାମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ବହୁ ଜଗନ୍ନାଥ ପ୍ରେମୀଙ୍କ ସମାଗମ ହୋଇଥିଲା।

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତରଭା**
ଜିଲ୍ଲା- ସୁବର୍ଣ୍ଣପୁର, ଓଡ଼ିଶା ୭୬୭୦୧୬
13001/250/2627
**NOTIFIED AREA COUNCIL, TARBHA**
Dist.- Subarnapur, Odisha 767016, nactarba@gmail.com
No. 714 / Date. 18.04.2026
**TENDER CALL NOTICE**

The Executive Officer NAC, Tarbha Dist – Subarnapur inviting sealed Tenders in conformity with detailed Tender Called Notice (DTCN) from the intending eligible Registered Contractors registered with PHEO/ RWSS/ RD/ WR/ PWD etc. Govt. of Odisha so as to be eventually drawn up in PWD F2 Contract Form, for executing following works under NAC, Tarbha. The Bidder can have a set of Tender Document from the Office of the Executive Officer, NAC, Tarbha by producing the requisite amount of Tender Paper Cost through Demand Draft/ Banker's Cheque (non-refundable) as mentioned in the Column No. 04 drawn in favour of Executive Officer, NAC Tarbha payable at Tarbha on working days during Office hours as mentioned below. Other Terms & Conditions available with the DTCN.

| | |
|---|---|
| Name of Inviting Officer | Executive Officer, NAC Tarbha |
| Total Nos. of Civil Works | 09 (Nine) Nos. |
| Value of Works | ₹ 1.12 Lakhs to 2.98 Lakhs |
| Last date & time of sale of Tender Paper | Up to 01.00 P.M. of 29.04.2026 |
| Last date & time of Receipt of BID | Up to 01.00 P.M. of 30.04.2026 |
| Date & Time of Opening BID | At 11.30 A.M. of 02.05.2026 |

OIPR-13001/13199/1/26-27/0001
Sd/- Executive Officer
N.A.C., Tarbha

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୨ ଅପ୍ରେଲ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜୁନ୍ ୨୯ ମହାପ୍ରଭୁଙ୍କ ସ୍ନାନ ଯାତ୍ରା : ଦାରୁବ୍ରହ୍ମଙ୍କ ହାତୀ ବେଶ ନିର୍ମାଣ କାର୍ଯ୍ୟ ଆରମ୍ଭ



**ପୁରୀ,୨୧/୦୪ ନ୍ୟୁଜ ବ୍ୟୁରୋ**

ଆସନ୍ତା ଜୁନ ୨୯ ତାରିଖ ସୋମବାର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନବେଦୀରେ ଶ୍ରୀଅଙ୍ଗେ ୧୦୮ ଗରା ଜଳ ଲାଗି ପରେ ହାତୀ (ଗଜାନନ) ବେଶରେ ଉଭା ହେବେ ଦାରୁବ୍ରହ୍ମ । ଏଣୁ ଅକ୍ଷୟ ତୃତୀୟାରେ ଅନୁକୂଳ କରାଯାଇ ହାତୀ ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଘବ ଦାସ ଓ ଗୋପାଳ ତୀର୍ଥ ମଠରେ ପାରମ୍ପରିକ ଭାବେ ସମସ୍ତ ବେଶ ସାମଗ୍ରୀ ରଖି ପୂଜାର୍ଚ୍ଚନା କରାଯାଇଛି। ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଶୁଦ୍ଧପୂତ ଭାବେ ରହି କାରିଗରମାନେ ବେଶ ତିଆରି ଆରମ୍ଭ କରିଛନ୍ତି। ଶ୍ରୀ ରଣା କୁହନ୍ତି, ପରମ୍ପରା ଅନୁସାରେ ବାଲିସାହିସ୍ଥିତ ଗୋପାଳତୀର୍ଥ ମଠ ବଡ଼ଠାକୁର ଶ୍ରୀବଳଭଦ୍ର, ଶ୍ରୀସୁଦର୍ଶନଙ୍କ ବେଶ ଓ ରାଘବ ଦାସ ମଠ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ମା'ସୁଭଦ୍ରାଙ୍କର ବେଶ ଯୋଗାନ୍ତି । ମଙ୍ଗଳବାର ଉଭୟ ମଠର ଆରାଧ ଦେବାଦେବୀଙ୍କ ସମ୍ମୁଖରେ ସମସ୍ତ ବେଶ ସାମଗ୍ରୀ ରଖି ପୂଜା କରାଯାଇଥିଲା। କାରିଗରମାନେ ସଂକଳ୍ପ କରିଥିଲେ। ସୋଲ, ପଟ, ଛୁରି, କଇଁଚି, ଲାଲ୍ କନା, ଛୁଞ୍ଚି ଆଦି ବେଶ ସାମଗ୍ରୀ ପୂଜାରେ ବସିଥିଲା । ବ୍ରାହ୍ମଣ ପୂଜା କରିବା ପରେ କାରିଗରମାନେ ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କ ବେଶ କାମର ଶୁଭାରମ୍ଭ ହୋଇଥିଲା। ବେଶ କାରିଗର ସତ୍ୟ ନାରାୟଣ ବେହେରା, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଦର୍ଜୀ ସେବକ ଲୋକନାଥ ମହାପାତ୍ର ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ରଣାଙ୍କ ମତରେ ଠାକୁରଙ୍କ ହାତୀ ବେଶ ନିର୍ମାଣ ଶୈଳୀ ସବୁ ବିଧି ନିର୍ଦ୍ଦିଷ୍ଟ । ପ୍ରତିବର୍ଷ ଏହି ବେଶର ମାପ ସମାନ । ବାଉଁଶ, ବେତ, କନା, ସୋଲ, ଜରି, କଦଳୀ ପଟୁକା, ଜମ୍ଫୁରା, ଲେସ୍ ଓ କଇଁଥ ଅଠା ଆଦି ବ୍ୟବହାର କରାଯାଇ ପାରମ୍ପରିକ ପଦ୍ଧତିରେ ବେଶ ତିଆରି ହେବ । ଦେବସ୍ନାନ ପୂର୍ଣ୍ଣମୀରେ ବେଶ ସଂସ୍କାର ହୋଇ ପଣା ଭୋଗ ଅର୍ପଣ ହେବ । ପରେ ଘଣ୍ଟ ଘଣ୍ଟା କାହାଳୀର ପଟୁଆରରେ ମଠ ପରିସରରୁ ବିଜେ ହୋଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି ହେବ । ଜଳଲାଗି ହେବା ପରେ ସ୍ନାନମଣ୍ଡପରେ ଠାକୁରଙ୍କ ଗଜାନନ ବେଶ ଅନୁଷ୍ଠିତ ହେବ।

# ପୁରୀ ରଥଖଳା ଚଳଚଞ୍ଚଳ: ରଥ ଚକ ପାଇଁ ତୁମ୍ବ କାର୍ଯ୍ୟ ଆରମ୍ଭ, ୩ ରଥରେ ଲାଗିବ ୪୨ ତୁମ୍ବ

**ପୁରୀ, ୨୧/୦୪ ନ୍ୟୁଜ ବ୍ୟୁରୋ**



ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ପ୍ରସ୍ତୁତି କାର୍ଯ୍ୟ । ରଥଖଳା ଚଳଚଞ୍ଚଳ ହୋଇଥିବା ବେଳେ, ପ୍ରଥମ ପର୍ଯ୍ୟାୟରେ ତିନି ରଥର ଚକ ପାଇଁ ତୁମ୍ବ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ୩ ରଥର ମୁଖ୍ୟ ମହାରଣାମାନଙ୍କ ପ୍ରତ୍ୟକ୍ଷ ନିରୀକ୍ଷଣରେ ରଥ ନିର୍ମାଣକାରୀ ସେବକମାନେ ତୁମ୍ବ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭୋଇ ସେବକମାନେ ରଥ ଖଳାକୁ କାଠ ଯୋଗାଇ ଦେଉଥିବା ବେଳେ, କରତି ସେବକମାନେ ତୁମ୍ବ ପାଇଁ କାଠ କାଟୁଛନ୍ତି। ତୁମ୍ବ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ତୁମ୍ବରେ ବିନ୍ଧ କାର୍ଯ୍ୟ ସହ ସୂତା ବାଢ଼ିଆ କାମ ହେବ ବୋଲି କହିଛନ୍ତି ଭୋଇ ସର୍ଦ୍ଦାର ରବି ଭୋଇ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସେବକମାନଙ୍କ ସୁରକ୍ଷା ପାଇଁ ରଥଖଳାରେ ପାନୀୟ ଜଳ ଏବଂ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି । ଦର୍ପଦଳନ ରଥର ମୁଖ୍ୟ ମହାରଣା ନାରାୟଣ ମହାରଣା କହିଛନ୍ତି, ' ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ନେଇ ୩ଟି ଧଉରା କାଠ ପୂଜା ହୋଇଥଲା। ମଙ୍ଗଳବାର ସେହି ୩ଟି କାଠକୁ କରତିଙ୍କ ଦ୍ୱାରା କଟାଯାଇଛି । ସେହି କାଠରେ ରଥ ଚକ ପାଇଁ ତୁମ୍ବ ତିଆରି ହେବ । ଏହି କାର୍ଯ୍ୟ ଶେଷ ହେବା ପରେ ରଥ ନିର୍ମାଣ କାର୍ଯ୍ୟ ଆଗେଇବ। 'ରଥଖଳାକୁ ଆସିଲେ ଏକ ସ୍ୱତନ୍ତ୍ର ଶକ୍ତି ମହାପ୍ରଭୁଙ୍କଠାରୁ ଆମକୁ ମିଳିଥାଏ। ଖରା ଓ ବର୍ଷାକୁ ଖାତିର ନକରି ରଥ ନିର୍ମାଣକାରୀ ସେବକମାନେ ମହାପ୍ରଭୁଙ୍କ ରଥ ନିର୍ମାଣରେ ଲାଗି ପଡ଼ନ୍ତି ବୋଲି କହିଛନ୍ତି ନାରାୟଣ ମହାରଣା। ରଥ ଅମିନ ଲକ୍ଷ୍ମଣ ମହାପାତ୍ର କହିଛନ୍ତି, 'ପ୍ରଥମ ପର୍ଯ୍ୟାୟରେ ୩ ରଥର ତୁମ୍ବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ, ୩ ରଥ ପାଇଁ ୪୨ଟି ତୁମ୍ବ ନିର୍ମାଣ ହେବ। ମହାପ୍ରଭୁଙ୍କ କୃପାରୁ ରଥ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ଆମର ଆଶା ରହିଛି ।'

# ରାଉରକେଲାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ : ସ୍ୱାଗତ କଲେ ରାଜ୍ୟପାଳ-ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର/ରାଉରକେଲା/ଝାରସୁଗୁଡା, ୨୧/୦୪ ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଦିନିକିଆ ରାଉରକେଲା ଗସ୍ତରେ ଆସି ପହଞ୍ଚିଥିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ମହାମହିମଙ୍କ ଗସ୍ତ ପାଇଁ ଇସ୍ପାତ ନଗରୀରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଝାରସୁଗୁଡା ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ରାଉରକେଲାରେ ରାଷ୍ଟ୍ରପତି ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଷ୍ଟ୍ରପତିଙ୍କ ପାଇଁ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ବୈଠକ ସମାପ୍ତ ପରେ ରାଷ୍ଟ୍ରପତି ରାଉରକେଲାରୁ ପ୍ରତ୍ୟାବର୍ତ୍ତନ କରି ଝାରସୁଗୁଡ଼ା ଦେଇ ଅପରାହ୍ନ ୪.୫୦ରେ ନୂଆଦିଲ୍ଲୀ ଫେରିଯାଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୪୫ ପ୍ଲାଟୁନ ଫୋର୍ସ, ୨୦୦ ଅଧିକାରୀ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା।

# ଡିଜିଟାଲ ଗିରଫଦାରୀ ମାମଲାରେ ଅଧିକମାତ୍ରାରେ ଫସୁଛନ୍ତି ଶିକ୍ଷିତ ଲୋକ : ଚିନ୍ତା ପ୍ରକାଶ କଲେ ସିଜେଆଇ

**ନୂଆଦିଲ୍ଲୀ, ୨୧/୦୪**

ଦିନକୁଦିନ ବଢ଼ୁଥିବା ସାଇବର ଠକେଇ ଘଟଣାକୁ ମୁକାବିଲା କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭିତ୍ତିକ ଚ୍ୟାଟବଟ୍ 'ଅଭୟ' ଆରମ୍ଭ କରିଛି । ଏହି ଚ୍ୟାଟବଟ୍ ନାଗରିକମାନଙ୍କୁ ସରକାରୀ ନୋଟିସ୍‌ର ସତ୍ୟତା ଯାଞ୍ଚ କରିବାରେ ସହଯୋଗ କରିବା ସହ ବ୍ୟବହାରକାରୀଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବାକୁ ଲକ୍ଷ୍ୟ ରଖିଛି । ବିଶେଷ କରି ଆଜିକାଲି ବଢୁଥିବା "ଡିଜିଟାଲ୍ ଆରେଷ୍ଟ" ଠକେଇ ଘଟଣାକୁ ରୋକିବା ପାଇଁଏହା ଉଦ୍ଦିଷ୍ଟ ଅଟେ।

ସିବିଆଇ ନାମରେ ନକଲି ନୋଟିସ୍ ପଠାଇ ଲୋକଙ୍କୁ ଠକିବା ଘଟଣାକୁ ରୋକିବାରେ 'ଅଭୟ' ଏକ ଗୁରୁତ୍ୱପୂର୍ଣ୍ଣ ସାଧନ ହେବ। ଏହି ପ୍ରୟାସକୁ ଭାରତର ମୁଖ୍ୟ ନ୍ୟାୟାଧୀଶ (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଔପଚାରିକ ଭାବେ ଉଦ୍‌ଘାଟନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ




ତାଙ୍କ ଭାଷଣରେ କହିଥିଲେ ଯେ, ସାଇବର ଅପରାଧ ସୀମାହୀନ । ଦ୍ରୁତ ଗତିରେ ବିକାଶ ହେଉଥିବା ଏବଂ ଅନେକ ସମୟରେ ଅଦୃଶ୍ୟ ଆକାରର ଏକ ବିପଦ ସଦୃଶ୍ୟ, ଯାହା ପାରମ୍ପରିକ ଆଇନ ପ୍ରବର୍ତ୍ତନ ବ୍ୟବସ୍ଥାକୁ ପଛକୁ ଛାଡ଼ି ଦେଇଛି । ଏଥିସହ ସେ ଉଲ୍ଲେଖ କରିଥିଲେ ଯେ ଏପରି ଅପରାଧ କେବଳ ଆର୍ଥିକ କ୍ଷତିରେ ସୀମିତ ନୁହେଁ, ଏହା ମାନବ ମର୍ଯ୍ୟାଦା, ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସାଧାରଣ ଲୋକଙ୍କ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରିଥାଏ। ବାସ୍ତବ ସମୟରେ ଘଟୁଥିବା ସାଇବର ଅପରାଧ ଓ ସଂସ୍ଥାଗତ ପ୍ରତିକ୍ରିୟା ମଧ୍ୟରେ ଏକ ଶୂନ୍ୟସ୍ଥାନ ରହିଛି, ଯାହା ପ୍ରାୟତଃ ବିଳମ୍ବିତ ଓ ସମୟ ସାପେକ୍ଷ ହୋଇଥାଏ।

ସିଜେଆଇ ଆହୁରି କହିଥିଲେ ଯେ ଏହି ସମସ୍ୟାର ତ୍ୱରିତ ଓ ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ସ୍ୱୟଂଚାଳିତ ଚିହ୍ନଟ ପ୍ରଣାଳୀ, ପୂର୍ବ ସତର୍କତା ବ୍ୟବସ୍ଥା ଓ ସମନ୍ୱିତ କମାଣ୍ଡ ଗଠନ ଗ୍ରହଣ କରିବା ଆବଶ୍ୟକ। ଏହା ସହିତ ସେ ତଦନ୍ତକାରୀ ସଂସ୍ଥାମାନଙ୍କ ମଧ୍ୟରେ ଡିଜିଟାଲ୍ ଫରେନସିକ୍ସ, ସାଇବର୍ ଇଣ୍ଟେଲିଜେନ୍ସ ଓ ବିଶେଷ ଶିକ୍ଷଣ କ୍ଷମତାକୁ ମଜବୁତ କରିବାର ଆବଶ୍ୟକତା ରହିଛି। ତାଙ୍କ ଅଭିଭାଷଣରେ, ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ପ୍ରତିଷ୍ଠାନର ପ୍ରକୃତ ଶକ୍ତି ସେମାନଙ୍କର କ୍ଷମତାରେ ନୁହେଁ ବରଂ ସେମାନେ ପ୍ରେରଣା ଦେଉଥିବା ବିଶ୍ୱାସରେ ରହିଛି। ସେ କହିଥିଲେ ଯେ, ସାଇବର ଅପରାଧ ଏକ ସୀମାହୀନ, ଦ୍ରୁତ ଗତିରେ ବିକଶିତ ହେଉଥିବା ଏବଂ ପ୍ରାୟତଃ ମୁହଁହୀନ ବିପଦ । ଏହା ପାରମ୍ପରିକ ପ୍ରବର୍ତ୍ତନ ବ୍ୟବସ୍ଥାକୁ ପଛରେ ପକାଇ ଦେଉଛି।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସାଇବର ଅପରାଧକୁ ଏକ ଏଭଳି ଚ୍ୟାଲେଞ୍ଜ ବୋଲି ବର୍ଣ୍ଣନା କରିଥିଲେ, ଯାହା ପାଇଁ ଦୂରଦୃଷ୍ଟି ଓ ତ୍ୱରିତ ପ୍ରତିକ୍ରିୟା ପାଇଁ ଆବଶ୍ୟକ। ଏଥିପାଇଁ ଏକ ପ୍ରଭାବଶାଳୀ ରଣନୀତି ସମନ୍ୱିତ, ପୂର୍ବାନୁମାନମୂଳକ ଓ ସହଯୋଗାତ୍ମକ ହେବା ଦରକାର, ଯାହା ନ୍ୟାୟାଳୟୀୟ ଅନୁକୂଳତା ଉପରେ ଆଧାରିତ ଓ ଶକ୍ତିଶାଳୀ ପ୍ରଯୁକ୍ତିଗତ ସୁରକ୍ଷା ଦ୍ୱାରା ସମର୍ଥିତ ହେବ।

ସେ ତିନୋଟି ମୁଖ୍ୟ ପ୍ରାଥମିକତା ଚିହ୍ନଟ କରିଥିଲେ, ସେଗୁଡିକ ହେଉଛି; କ୍ଷମତା ବୃଦ୍ଧି, ଦୃଢ ସହଯୋଗ ଓ ପ୍ରଯୁକ୍ତି ଭିତ୍ତିକ ଶାସନ ବ୍ୟବସ୍ଥା। ଶେଷରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ସାଇବର ସ୍ପେସ୍ ଏକ ବିଶାଳ ସୁଯୋଗର ସାଗର, କିନ୍ତୁ ସେଥିରେ ଲୁଚିଥିବା ସାଇବର ଅପରାଧୀଙ୍କ ଗତିବିଧି ବିଷୟରେ ସତର୍କ ରହିବା ଆବଶ୍ୟକ।

# ମିଳିଥିବା ଘର ଭଡ଼ାରେ ଲଗାଇଲେ ହେବ କାର୍ଯ୍ୟାନୁଷ୍ଠାନ: ମେୟର

**ଭୁବନେଶ୍ୱର, ୨୧/୦୪ ନ୍ୟୁଜ ବ୍ୟୁରୋ**

ବସ୍ତିବାସିନ୍ଦା ପାଇଥିବା ଘର ଯଦି ଭଡ଼ାରେ ଦେବେ ତା'ହେଲେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏଭଳି କଡ଼ା ଚେତାବନୀ ଦେଇଛନ୍ତି ମେୟର ସୁଲୋଚନା ଦାସ। ମଙ୍ଗଳବାର ବିଏମସି ପକ୍ଷରୁ ଶତାଧିକ ପରିବାରଙ୍କୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି । ଏକାମ୍ର ଭିଲ୍ଲା, ମା' ଭଗବତୀ ବସ୍ତି, ସାଲିଆ ସାହି, ଭୋଇ ନଗର ଏବଂ ସରସ୍ୱତୀ ବସ୍ତିର ମୋଟ ୧୩୮ଟି ପରିବାରଙ୍କୁ ଚନ୍ଦ୍ରଶେଖରପୁର ବୁଦ୍ଧ ବିହାର ଆଫର୍ଡେବୁଲ ହାଉସିଂ ପ୍ରକଳ୍ପ ଜରିଆରେ ଗୃହ ପ୍ରଦାନ କରାଯାଇଛି। ଭୁବନେଶ୍ୱର ମେୟରଙ୍କ ସମେତ ଡେପୁଟି ମେୟର, କମିଶନର, ଅତିରିକ୍ତ କମିଶନର, ଷ୍ଟାଣ୍ଡିଂ କମିଟି ଅଧକ୍ଷା ଏବଂ କର୍ପୋରେଟରମାନେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରିଛନ୍ତି। ବସ୍ତିବାସିନ୍ଦାଙ୍କୁ ସେମାନଙ୍କ ସ୍ୱପ୍ନର ଘର ସହ ସମସ୍ତ ପ୍ରକାର ସୁବିଧା ବିଏମସି ପକ୍ଷରୁ ଯୋଗାଇ ଦିଆଯାଉଛି। ହେଲେ ହିତାଧିକାରୀମାନେ ଯେପରି ଏହି ଘରକୁ ଭଡ଼ାରେ ନଦିଅନ୍ତି, ସେଥିପ୍ରତି ସଚେତନ ରହିବା ଦରକାର। ଯଦି କେହି ଭଡ଼ା ଦେଇଥିବା ବିଏମସି ନଜରକୁ ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାଇ ଦେଇଛନ୍ତି ମେୟର। ସ୍ଥାନାନ୍ତର ହେଉଥିବା ଲୋକେ ଯେପରି ହାତ ପାଆନ୍ତାରେ ପାନୀୟ ଜଳ, ବିଦ୍ୟୁତ, ବର୍ଜ୍ୟ ନିଷ୍କାସନ ଭଳି ସମସ୍ତ ପ୍ରକାର ସୁବିଧା ପାଇପାରିବେ ତା'ର ବ୍ୟବସ୍ଥା କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୧/୦୪/୨୦୨୬
୬,୨୬,୮୫୩/- ଟଙ୍କା
ସୁନା:-୦୯ଗ୍ରାମ୍୦୮୦ ମିଲିଗ୍ରାମ
ରୂପା:-୩୭୭ଗ୍ରାମ୍୮୦୦ ମିଲିଗ୍ରାମ

## ଚୌଦ୍ୱାର ଜେଲ୍‌ରୁ ବିହାରୀ ଅପରାଧୀ ଫେରାର ଘଟଣା

# ପ୍ରାଥମିକ ଚାର୍ଜସିଟ୍ ଦାଖଲ କଲା ପୁଲିସ, ରାଜାକୁ ରିମାଣ୍ଡରେ ଆଣିବାକୁ ଯୋଜନା



**କଟକ, ୨୧/୦୪ ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ସର୍କଲ ଜେଲ୍‌ରୁ ଫେରାର୍ ପରେ ପୁଣି ଗିରଫ ହୋଇଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣା ବିରୋଧରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ ହୋଇଛି । ଚୌଦ୍ୱାର ଥାନା ପୁଲିସ ଗତ ସପ୍ତାହରେ ଏହି ଚାର୍ଜସିଟ୍ ଦାଖଲ କରିଛି। ଅନ୍ୟପକ୍ଷରେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଗତ ୧ ତାରିଖରେ ଗିରଫ ହୋଇଥିବା ରାଜା ସାହାଣୀ ନେଇ ତଦନ୍ତ ଜାରି ରହିଛି । ଏହି ତଦନ୍ତ ଶେଷ ହେବା ପରେ ପୂର୍ଣ୍ଣାଙ୍ଗ ଚାର୍ଜସିଟ୍ ଦାଖଲ ହେବ । ସେଥିପାଇଁ ରାଜାକୁ ରିମାଣ୍ଡରେ ଆଣି ବାକି ତଦନ୍ତ ଶେଷ କରିବାକୁ ଚୌଦ୍ୱାର ଥାନା ପୁଲିସ ପ୍ରକ୍ରିୟା ଆରମ୍ଭ କରିଛି । ସମ୍ଭବତଃ ଏଇ ସପ୍ତାହରେ ହିଁ ରାଜାକୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି । ୨୦୨୫ ଜାନୁଆରୀ ୪ରେ ଯାଜପୁର ଜିଲ୍ଲା ପାଣିକୋଇଲିରେ ଥିବା ଏକ ଅଳଙ୍କାର ଦୋକାନରେ ଲୁଟ୍ ସହ ୨ଜଣଙ୍କୁ ଦିବାଲୋକରେ ଗୁଳି କରି ହତ୍ୟା କରିବା ଘଟଣାରେ ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଗିରଫ ହୋଇ ଚୌଦ୍ୱାର ଜେଲରେ ଥିଲେ । ତେବେ ଅକ୍ଟୋବର ୨ ତାରିଖ ରାତିରେ ସେଲ୍ ଭାଙ୍ଗି ଦୁଇଟି ପାଚେରି ଡେଇଁ ସେମାନେ ଚମ୍ପଟ ମାରିଥିଲେ। ଏନେଇ ଅକ୍ଟୋବର ୩ ତାରିଖରେ ଚୌଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଫେବ୍ରୁୟାରୀ ୧୪ରେ ମଧୁକାନ୍ତ ରାଣାକୁ ବୃନ୍ଦାବନରୁ ଗିରଫ କରାଯାଇଥିଲା। ତା' ଗିରଫଦାରୀକୁ ୬୦ ଦିନ ପୂରିବା ପୂର୍ବରୁ ହିଁ ଚୌଦ୍ୱାର ଥାନା ପକ୍ଷରୁ ଚାର୍ଜସିଟ୍ ଦାଖଲ ହୋଇଛି। ଏଥିରେ ଚୌଦ୍ୱାର ଜେଲ୍ କର୍ମଚାରୀ, ଚୌଦ୍ୱାର ଥାନା କର୍ମଚାରୀ, ବୃନ୍ଦାବନରୁ ଗିରଫ ବେଳେ ଗେଷ୍ଟହାଉସ୍ ଓ ସ୍ଥାନୀୟ ପୁଲିସ କର୍ମଚାରୀଙ୍କ ବୟାନକୁ ଚାର୍ଜସିଟ୍‌ରେ ସାକ୍ଷ୍ୟ ଭାବେ ରଖାଯାଇଛି । ସେହିପରି ଚୌଦ୍ୱାର ଜେଲ୍, କଟକର ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍, ବୃନ୍ଦାବନର ସିସିଟିଭି ଫୁଟେଜ୍ ମଧ୍ୟ କୋର୍ଟକୁ ପ୍ରଦାନ କରାଯାଇଛି । ଏଥିସହିତ ସିନ୍ ରିକ୍ରିଏସନ୍ ବେଳର ଭିଡିଓ, ଫେରାର୍ ସମୟରେ ରାଜା ବ୍ୟବହାର କରିଥିବା କିଛି ବୈଷୟିକ ତଥ୍ୟକୁ ମଧ୍ୟ କୋର୍ଟଙ୍କୁ ଦିଆଯାଇଛି । ଅନ୍ୟପଟେ ଗତ ୧ ତାରିଖରେ ଗିରଫ ହୋଇଥିବା ରାଜା ସାହାଣୀ ନେଇ ତଦନ୍ତ ପ୍ରାୟ ଶେଷ ପର୍ଯ୍ୟାୟରେ ରହିଛି । ଫେରାର୍ ଘଟଣାରେ ଚୌଦ୍ୱାର ପୁଲିସ ରାଜାଠାରୁ ଆଉ କିଛି ତଥ୍ୟ ଆଦାୟ କରିବାକୁ ଚାହୁଁଛି । ତେଣୁ ରାଜାକୁ ରିମାଣ୍ଡରେ ଆଣିବା ପାଇଁ କଟକ ପୁଲିସ ପକ୍ଷରୁ ଚଳିତ ସପ୍ତାହରେ କୋର୍ଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି। ରାଜାକୁ କଟକ ପୁଲିସ ରିମାଣ୍ଡରେ ନେଇ ଫେରାଇବା ପରେ ତାକୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯିବ। ଯଦି କଟକ ପୁଲିସ ରିମାଣ୍ଡ ଆବେଦନ ନକରେ ତା'ହେଲେ ଚଳିତ ସପ୍ତାହ ଶେଷ ବେଳକୁ ରାଜାକୁ ବ୍ରହ୍ମପୁର ପଠାଇ ଦିଆଯିବ ବୋଲି ଅନୁମାନ କରାଯାଉଛି।

## ଭୋଟର ଲିଷ୍ଟରୁ ୯.୮ ଲକ୍ଷ ଭୋଟରଙ୍କ ନାଁ କଟିବା ପ୍ରସଙ୍ଗ

# ପୁନର୍ବିଚାର ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିଠି ଲେଖିଲେ ସସ୍ମିତ ପାତ୍ର

**ଭୁବନେଶ୍ୱର, ୨୧/୦୪ ନ୍ୟୁଜ ବ୍ୟୁରୋ**



ଭୋଟର ତାଲିକାରୁ ୯ ଲକ୍ଷ ୮୦ ହଜାର ଭୋଟରଙ୍କ ନାମ କଟିବା ପ୍ରସଙ୍ଗରେ ଉଦ୍‌ବେଗ ପ୍ରକାଶ କଲେ ବିଜେଡି ସାଂସଦ ସସ୍ମିତ ପାତ୍ର । ପୁନର୍ବିଚାର ପାଇଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଚିଠି ଲେଖିଲେ ସସ୍ମିତ । ପୁନଃ ଯାଞ୍ଚ କରି ଭୋଟରଙ୍କ ଅଧିକାର ଫେରାଇବାକୁ ଚିଠିରେ ଅପିଲ କରିଛନ୍ତି। ତେବେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ ବା ଏସ.ଆଇ.ଆରକୁ ନେଇ ଅଭିଯୋଗ ଆଣିଛନ୍ତି ସାଂସଦ ସସ୍ମିତ ପାତ୍ର । ନିର୍ଭୁଲ ଭୋଟର ତାଲିକା ଗଣତନ୍ତ୍ର ପାଇଁ ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ପ୍ରାଥମିକ ଯାଞ୍ଚରେ ଏତେ ସଂଖ୍ୟକ ଭୋଟରଙ୍କ ନାଁ ବାଦ୍ ପଡ଼ିଛି, ଯାହା ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ବୋଲି ସସ୍ମିତ ଲେଖିଛନ୍ତି। ପ୍ରକୃତ ଭୋଟର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇପାରନ୍ତି। ଏହା ନିର୍ବାଚନର ନିରପେକ୍ଷତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି ସସ୍ମିତ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସାରା ରାଜ୍ୟରେ ସାମୂହିକ ବିବାହ ଉତ୍ସବ : ୫ ଜିଲ୍ଲାରେ ୩୦୨ ବର-କନ୍ୟାଙ୍କର ପଡିଲା ହାତଗଣ୍ଠି

**ବ୍ରହ୍ମପୁର/ପାରଳାଖେମୁଣ୍ଡି/ଖୋର୍ଦ୍ଧା/କଟକ/ଯାଜପୁର, ୨୧/୦୪ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାମୁହିକ ବିବାହ ଉତ୍ସବ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସାମୂହିକ ବିବାହ କାର୍ଯ୍ୟ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମରୁ ପ୍ରାୟ ୧୧୧ ବର-କନ୍ୟାଙ୍କ ବିବାହ ସମ୍ପନ୍ନ କରାଯାଇଥିବାବେଳେ ଗଜପତିରୁ ୧୭ ବର-କନ୍ୟାଙ୍କର ବିବାହ ସମ୍ପନ୍ନ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲାର ୪୯ ଯୋଡି ଓ ଯାଜପୁର ଜିଲ୍ଲାର ୬୦ ଯୋଡି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ହାତକୁ ଦୁଇହାତ ହୋଇଛନ୍ତି।

ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ନିକଟବର୍ତ୍ତୀ ମାଁ ସିଦ୍ଧ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ୧୧୧ ବର-କନ୍ୟାଙ୍କ ଗଣବିବାହ ଆୟୋଜିତ ହୋଇଥିଲା । ରାଜ୍ୟ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ବହୁ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ହିନ୍ଦୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା । ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୁବକ ଯୁବତୀମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନବ ଦମ୍ପତିଙ୍କୁ ଆଶୀର୍ବାଦ କରିବା ସହିତ ପ୍ରତ୍ୟେକ କନ୍ୟାଙ୍କୁ ୪୫,୦୦୦ ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ବିବାହ ଉତ୍ସବରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ୱାସନ୍, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କ ସମେତ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ସମାଜର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଯୋଗଦାନ କରି ବିବାହ ଉତ୍ସବକୁ ସାଫଲ୍ୟମଣ୍ଡିତ କରିଥିଲେ। ସେହିପରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୁହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧ଜଣ ହିନ୍ଦୁ, ୬ଜଣ ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀ ବର ଓ କନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ପ୍ରଶାସନ ପକ୍ଷରୁ ବିବାହ ପାଇଁ ସମସ୍ତ ଆୟୋଜନ ଓ ଭୋଜିଭାତ ମାଗଣାରେ କରାଯିବା ସହ ପ୍ରତି ଦମ୍ପତିଙ୍କ ପାଇଁ ୪୫ହଜାର ଟଙ୍କାର ସହାୟତା ମଧ୍ୟ ପ୍ରଦାନ କରାଯାଇଛି ବୋଲି ଉପଜିଲ୍ଲାପାଳ କହିଛନ୍ତି। ଏହାଦ୍ୱାରା ବିବାହ ପାଇଁ ଆୟୋଜନ କରିବାରେ ଅକ୍ଷମ ଥିବା ଗରିବ ପରିବାର ଉପକୃତ ହୋଇଛନ୍ତି।



ଖୋର୍ଦ୍ଧା ବରୁଣେଇ ପୀଠରେ ଆୟୋଜିତ ଏହି ସାମୁହିକ ବିବାହୋତ୍ସବରେ ୪୯ ବର-କନ୍ୟା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଜିଲ୍ଲାର ସମସ୍ତ ବ୍ଲକ ସିଡିପିଓମାନେ ଏହି ଗଣ ବିବାହର ଦାୟିତ୍ୱ ନେଇଥିବା ବେଳେ ପିପୁଲ୍ସ ଫୋରମ ବିବାହୋତ୍ସବ ପରିଚାଳନା କରିଥିଲା । ପୂରା ପରିବେଶ ବ୍ରାହ୍ମଣଙ୍କ ମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରଶାସନ ପକ୍ଷରୁ ଭୋଜିଭାତ ଆୟୋଜନ ସହ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା ।

ସେହିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ମଙ୍ଗଳବାର କଟକ ବାରବାଟୀ ପ୍ୟାଲେସ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲାସ୍ତରୀୟ ସାମୁହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମୂହ ବିବାହ କାର୍ଯ୍ୟକ୍ରମରେ ୬୫ ଯୋଡା ବରବଧୂଙ୍କ ମଧ୍ୟରେ ୨ ଜଣ ମୁସଲିମ, ଜଣେ ଖ୍ରୀଷ୍ଟିୟାନ, ଜଣେ ବିଧବା ମହିଳା ଅନ୍ତର୍ଭୁକ୍ତ ଥିବା ବେଳେ ପୂର୍ବରୁ ବାଲ୍ୟ ବିବାହରୁ ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ଆଇନସମ୍ମତ ବୟସ ୧୮ବର୍ଷ ପୂରଣ ପରେ ବିବାହ କରାଯାଇଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ଉତ୍ସବରେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶାସନିକ ସ୍ତରରେ ତତ୍ପରତାର ସହିତ ଆଗାମୀ ଦିନରେ ଏହି ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସମୂହ ପ୍ରୟାସ କରାଯିବ ବୋଲି କହିଥିଲେ।

ଯାଜପୁର ଜିଲ୍ଲାରେ ଏକାକାଳୀନ ୬୦ ଯୋଡି ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଛି। କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ସାମୁହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଧାର୍ମିକ ରୀତିନୀତି ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଏକସାଥିରେ ୬୦ ଯୋଡିଙ୍କ ବିବାହ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିଲା ଏହି ଗଣ ବିବାହ। ଏହି ଅବସରରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ନବବିବାହିତ ଦମ୍ପତ୍ତି ମାନଙ୍କୁ ବୃକ୍ଷଚାରା ବଣ୍ଟନ କରାଯାଇ ଶୁଭେଚ୍ଛା ଜଣାଯାଇଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ବିବାହକୁ ସୂଚାରୁ ଭାବେ ସମ୍ପନ୍ନ କରାଇଥିଲେ। ସମସ୍ତ ବରକନ୍ୟାଙ୍କ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନାରେ ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜକୁ ବାର୍ତ୍ତା ଦେଉଛି ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦, ୦୦୦ ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫, ୦୦୦ ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫,୦୦୦ ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଥାଏ। ଯୋଗ୍ୟତା ଅନୁଯାୟୀ କନ୍ୟାର ବୟସ ୧୮-୩୫ ବର୍ଷ ଏବଂ ବରର ବୟସ ୨୧-୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବା ପୁନଃ ବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ଏହି ଯୋଜନାରେ ପ୍ରାଥମିକତା ଦିଆଯାଇଥାଏ।